# ଧରିତ୍ରୀ
DHARITRI

ରାୟଗଡ଼ା, ଶୁକ୍ରବାର, ଅକ୍ଟୋବର ୧୨ /୨୦୧୮ (୧୬+୪ ପୃଷ୍ଠା) Rayagada, Friday, October 12 / 2018 ★

୮ମ ଭାଗ ୨୪୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-






APPARELS | EYEWEAR | FOOTWEAR | INNERWEAR | TIMEWEAR | TRAVEL GEAR | PERSONAL CARE | ACCESSORIES

**K-LOUNGE: NEWLY OPENED: SEMILIGUDA:** Near Gangamaa Mandir, Main Road. Ph.: 9439155555

**AVAILABLE AT: KILLER (EXCLUSIVE STORES), BERHAMPUR:** Shop No. 1, Mayuree Tower, Near Girija Junction. Ph.: 08895244902. **NAVRANGPUR :** Near Maa Bhandhar Mandir, Main Market, Navrangpur. Ph.: 9437206887.

**K-LOUNGE: RAYAGADA:** Near Old Gate, Station Road. Ph.: 9437200003. **BERHAMPUR:** Old Bus Stand. Ph.: 2223220. **JEYPORE:** Main Road, Raja Nagar, Jeypore. Dist. Korput. Ph.: 06854-232374/9438477474. **NAYAGARH:** Main Road, Near Bus Stand. Ph.: 09853130307/09437299059. **PHULBANI:** Laxmi Market. Ph.: 09853130307/09437299059. **UMERKOTE:** Near SBI, Opp. Dharamsala. Ph.: 9556688099/9556688686.
**& ALL LEADING RETAILERS.**

**FOR TRADE ENQUIRIES**: GRC Garments, Cuttack. Ph.: 09937726575/09937020201. **FOR FRANCHISEE & INSTITUTIONAL ENQUIRIES, CALL:** 09820805602/09820155337/09619229211/09937004020/09820099499/022-26814400. **MASTER FRANCHISEE, CALL:** GRC Garment Pvt. Ltd. Ph.: 09437147741. **OR EMAIL:** franchisee@kewalkiran.com | www.killerjeans.com | **Follow Us On:**

ONLINE STORES: K-LOUNGE.com snapdeal Flipkart amazon.in JABONG Myntra SHOPCLUES Paytm AJIO TATA CLiQ LIMEROAD ebay voonik

A LIFESTYLE BRAND FROM KKCL KEWAL KIRAN CLOTHING LIMITED

makani




*Weekend. Every day.*

easies
BY KILLER

K-LOUNGE: NEWLY OPENED: SEMILIGUDA: Near Gangamaa Mandir, Main Road. Ph.: 9439155555

AVAILABLE AT: KILLER (EXCLUSIVE STORES), BERHAMPUR: Shop No. 1, Mayuree Tower, Near Girija Junction. Ph.: 08895244902. NAVRANGPUR : Near Maa Bhandhar Mandir, Main Market, Navrangpur. Ph.: 9437206887

K-LOUNGE: RAYAGADA: Near Old Gate, Station Road. Ph.: 9437200003. BERHAMPUR: Old Bus Stand. Ph.: 2223220. JEYPORE: Main Road, Raja Nagar, Jeypore. Dist. Korput. Ph.: 06854-232374/9438477474. NAYAGARH: Main Road, Near Bus Stand. Ph.: 09853130307/09437299059. PHULBANI: Laxmi Market. Ph.: 09853130307/09437299059. UMERKOTE: Near SBI, Opp. Dharamsala. Ph.: 9556688099/9556688686. & ALL LEADING RETAILERS.

FOR TRADE ENQUIRIES: Konark Sales Corporation, Cuttack. Ph.: 9437028876. FOR FRANCHISEE & INSTITUTIONAL ENQUIRIES, CALL: 09820805602/09820155337/09619229211/09937004020/09820099499/022-26814400.
MASTER FRANCHISEE, CALL: GRC Garment Pvt. Ltd. Ph.: 09437147741 or email at: franchisee@kewalkiran.com

Follow Us On: Easies casuals

National Chain Stores: CENTRAL SHOPPERS STOP | Online Stores: K-LOUNGE.com amazon.in JABONG snapdeal SHOPCLUES Myntra paytm Flipkart TATA CLiQ

A LIFESTYLE BRAND FROM KKCL KEWAL KIRAN CLOTHING LIMITED

makani

ଧରିତ୍ରୀ
DHARITRI
ରାୟଗଡ଼ା, ଶୁକ୍ରବାର, ଅକ୍ଟୋବର ୧୨ /୨୦୧୮ | Rayagada, Friday, October 12 / 2018 | ପୃଷ୍ଠା-୧



**ଜୟନ୍ତୀ ବେହେରାଙ୍କ କମାଲ**
ଜାକର୍ତ୍ତାରେ ଚାଲିଥିବା ଏସିଆନ ପାରା ଗେମ୍ସର ମହିଳା ୪୦୦ ମିଟର ଇଭେଣ୍ଟରେ ରୌପ୍ୟ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି ଓଡ଼ିଆ ଆଥଲେଟ୍ ଜୟନ୍ତୀ ବେହେରା। ୧୨

୦୯ **ବାଳିକାଙ୍କୁ ସୁଯୋଗ ଦିଆଯାଉ: ପ୍ରିୟଙ୍କା**
ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ପାଳନ ଅବସରରେ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଏକ ୟୁ-ଟ୍ୟୁବ୍ ଲଞ୍ଚ୍ କରି କହିଛନ୍ତି, ବାଳିକାମାନଙ୍କୁ ସେମାନଙ୍କ ସ୍ୱପ୍ନ ସାକାର କରିବା ପାଇଁ ସୁଯୋଗ ଦିଆଯାଉ।



# ତିତ୍‌ଲି ଦୁର୍ବଳ:ଟଳିଲା ବିପଦ

ଭୁବନେଶ୍ୱର,୧୧।୧୦(ବ୍ୟୁରୋ)


ଝଡବର୍ଷାରେ ପାରଳାଖେମୁଣ୍ଡି ସହରସ୍ଥ ଗଜପତି ଷ୍ଟାଡିୟମ ପାଚେରି ଭୁଶୁଡି ପଡିଛି।

- ପାଣି ସୁଅରେ ଭାସିଗଲା ଘର, ୬ ନିଖୋଜ
- ଚାଳଘର, ଗଛ, ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଲା
- ପାନୀୟଜଳ ଯୋଗାଣ, ଗାଡ଼ି ଚଳାଚଳ ବ୍ୟାହତ
- ପାରଳାଖେମୁଣ୍ଡି-ବ୍ରହ୍ମପୁର ଯୋଗାଯୋଗ ବିଚ୍ଛିନ୍ନ
- ବଂଶଧାରା, ଋଷିକୁଲ୍ୟା, ଜଳକାରେ ବନ୍ୟା ଆଶଙ୍କା
- ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା: ତୁରନ୍ତ କ୍ଷୟକ୍ଷତି ରିପୋର୍ଟ ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

ସାମୁଦ୍ରିକ ଝଡ଼ 'ତିତ୍‌ଲି'ର ବିପଦ ଟଳି ଯାଇଛି। ଏହା ଗୁରୁବାର ସକାଳ ୫ଟା ୩୦ ମିନିଟରେ ଗୋପାଳପୁର ଏବଂ ଆନ୍ଧ୍ର ପ୍ରଦେଶର ପଲାସା ମଧ୍ୟ ଦେଇ ଅତିକ୍ରମ କରି ଦୁର୍ବଳ ହେବାରେ ଲାଗିଛି । ବାତ୍ୟା ଘଣ୍ଟା ପ୍ରତି ୧୨୫ କିଲୋମିଟର ବେଗରେ ଗୋପାଳପୁର ଅତିକ୍ରମ କରିଛି। ଏଥିଯୋଗୁ ବଡ ଧରଣର କ୍ଷୟକ୍ଷତି ହୋଇ ନ ଥିବା ସୂଚନା ମିଳିଛି। ତେବେ ଗଞ୍ଜାମ, ଗଜପତି, ରାୟଗଡା ଜିଲାରେ ତିତ୍‌ଲି ତାଣ୍ଡବ ରଚିଛି। ପ୍ରବଳ ବର୍ଷା ଓ ପବନରେ ଅନେକ କ୍ଷୟକ୍ଷତି ଘଟିଛି। ବିଭିନ୍ନ ସ୍ଥାନରେ ବଡ ବଡ ଗଛ ଭାଙ୍ଗିପଡ଼ିଥିବା ବେଳେ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ିଯାଇଛି। କେତେକ ସ୍ଥାନରେ କଚ୍ଚା ଓ ଆଜବେଷ୍ଟସ୍ ଘର ଛପର ଉଡ଼ିଯାଇଛି। ତଳୁଆ ଅଞ୍ଚଳରେ ବର୍ଷାପାଣି ପ୍ରବେଶ କରି ମାଟିଘର ଭୁଶୁଡ଼ିବା ଯୋଗୁ ଲୋକେ ବାସହରା ହୋଇପଡ଼ିଛନ୍ତି।

ସାମୁଦ୍ରିକ ଝଡ଼ ପ୍ରଭାବରେ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇଥିବା ସୂଚନା ମିଳିଛି। ଗଜପତି ଜିଲାରେ ୨୨୮.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଗଞ୍ଜାମ ୧୨୩.୨, ଜଗତ୍‌ସିଂହପୁର ୧୧୪.୮ ଏବଂ ବାଲେଶ୍ୱର ଜିଲାରେ ୧୦୨.୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସେହିପରି କେନ୍ଦ୍ରାପଡା ଜିଲାରେ ୭୭.୯ ମିଲିମିଟର ବର୍ଷା ହୋଇଥିବା ବେଳେ ଯାଜପୁର ୭୩.୫, କଟକ ୭୧.୭, ପୁରୀ ୬୯.୪, ନୟାଗଡ ୬୮, ଖୋର୍ଦ୍ଧା ୬୩.୭, ଭଦ୍ରକ ୬୧.୩ ଏବଂ କନ୍ଧମାଳ ଜିଲାରେ ୫୧.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଗଜପତି ଜିଲାର ମୋହନା ବ୍ଲକରେ ସର୍ବାଧିକ ୩୧୫ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଆର. ଉଦୟଗିରିରେ ୨୨୩.୮, ଗଞ୍ଜାମ ଜିଲାର ଚିକିଟିରେ ୨୧୩.୬, ଜଗତ୍‌ସିଂହପୁର ଜିଲାର ଏରସମାରେ ୨୧୦, ଗଞ୍ଜାମର ସେରଗଡରେ ୧୯୫, ସାନଖେମୁଣ୍ଡି ୧୫୭,କୁକୁଡାଖଣ୍ଡି ୧୫୫, ଆସ୍କା ୧୫୦.୪, ନୂଆଗଡ ୧୪୬.୪, ପାତ୍ରପୁର ୧୪୪, ଦିଗପହଣ୍ଡି ୧୪୦, ବାଲେଶ୍ୱର ଜିଲାର ଭୋଗରାଇରେ ୧୪୩.୨, ଜଗତ୍‌ସିଂହପୁର ବାଲିକୁଦା ବ୍ଲକରେ ୧୩୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସେହିପରି କେନ୍ଦ୍ରାପଡା, ଜଗତ୍‌ସିଂହପୁର, ଭଦ୍ରକ, ☞ପୃଷ୍ଠା-୨

## ଗଜପତି, ରାୟଗଡ଼ାରେ ତିତ୍‌ଲି ତାଣ୍ଡବ

ପାରଳାଖେମୁଣ୍ଡି, (ସ୍ୱ.ପ୍ର.)/ ରାୟଗଡ଼ା ଅଫିସ ୧୧।୧୦

ଦକ୍ଷିଣ- ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ 'ତିତ୍‌ଲି' ଗଜପତି ଓ ରାୟଗଡ଼ା ଜିଲାରେ ତାଣ୍ଡବ ରଚିଛି। ପ୍ରବଳ ବର୍ଷା ଓ ପବନରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବିଭିନ୍ନ ସ୍ଥାନରେ ସହସ୍ରାଧିକ ଗଛ ଭାଙ୍ଗିପଡ଼ିଥିବା ବେଳେ ବିଦ୍ୟୁତ ଖୁଣ୍ଟ ଉପୁଡ଼ିଯିବା ସହ ତାର ଛିଡ଼ିପଡ଼ିଛି। ଶହ ଶହ ମାଟି ଓ ଆଜବେଷ୍ଟସ୍ ଘର ଭାଙ୍ଗିଯିବା ସହ ଛପର ଉଡ଼ିଯାଇଛି। ଅନେକ ତଳୁଆ ଅଞ୍ଚଳରେ ବର୍ଷାପାଣି ପ୍ରବେଶକରି ମାଟିଘର ଭୁଶୁଡ଼ିବା ଯୋଗୁ ଲୋକେ ବାସହରା ହୋଇପଡ଼ିଛନ୍ତି। ଗଜପତି ଜିଲା ଗୋଷାଣି ବ୍ଲକ ଗାରାବନ୍ଧ ଅଞ୍ଚଳର ଏକ ମାର୍ବଲ କାରଖାନାରେ କାର୍ଯ୍ୟରତ ୨ଜଣ ଶ୍ରମିକଙ୍କ ଉପରେ କାନ୍ଥ ଭୁଶୁଡ଼ି ପଡ଼ିବାରୁ ମୃତ୍ୟୁ ଘଟିଛି। ସେମାନଙ୍କ ପରିଚୟ ମିଳିପାରି ନାହିଁ। ଗୁମ୍ମା ବ୍ଲକ ସେରଙ୍ଗ ଓଡ଼ିଆ ସାହିରେ ଏକ ଘର ଉପରେ ଗଛ ଉପୁଡ଼ି ପଡ଼ିବାରୁ ଘର ଭାଙ୍ଗିଯିବା ସହ ତୁଳସୀ ବିନ୍ଧାଣି

### କାନ୍ଥ ପଡ଼ି ୨ ମୃତ

ନାମ୍ନୀ ମହିଳା ଗୁରୁତର ଆହତ ହୋଇଛନ୍ତି। ବିଦ୍ୟୁତ ଓ ଟେଲି ସେବା ବ୍ୟାହତ ହୋଇଛି। ସାରା ଜିଲା ଅନ୍ଧାରରେ ରହିଥିବା ବେଳେ ପାଇପ୍ ଯୋଗେ ପାନୀୟଜଳ ଯୋଗାଣ ବନ୍ଦ ରହିଛି। ମୋହନାର ରାମନଦୀ ପୋଲ ଓ ଅଠରନଳା ପୋଲ ଉପରେ ବର୍ଷାଜଳ ପ୍ରବାହିତ ହେଉଥିବାରୁ ମୋହନା-ପାରଳାଖେମୁଣ୍ଡି ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବିଭିନ୍ନ ସ୍ଥାନରେ ଗଛ ପଡ଼ି ରାସ୍ତା ଅବରୋଧ ଯୋଗୁ ପାରଳାଖେମୁଣ୍ଡି -ବ୍ରହ୍ମପୁର ମଧ୍ୟରେ ଗାଡ଼ି ଚଳାଚଳ ଠପ୍ ହୋଇଯାଇଛି। ସେହିପରି ରାୟଗଡ଼ା-ବ୍ରହ୍ମପୁର ୧୭ ନମ୍ବର ରାଜ୍ୟ ରାଜପଥରେ ଗଛ ପଡ଼ି ରାସ୍ତା ଅବରୋଧ ଯୋଗୁ ବସ୍ ଚଳାଚଳ ବନ୍ଦ ରହିଛି। ପ୍ରବଳ ବର୍ଷା ଯୋଗୁ ରାୟଗଡ଼ାର ଗୁଣପୁରଠାରେ ବଂଶଧାରା ବିପଦସଙ୍କେତ ଅତିକ୍ରମ କରିଛି।

## ଆନ୍ଧ୍ରରେ ଗଲା ୮ ଜୀବନ

ଶ୍ରୀକାକୁଳମ୍,୧୧।୧୦

ସାମୁଦ୍ରିକ ଝଡ଼ 'ତିତ୍‌ଲି'ର ତାଣ୍ଡବ ଦେଖିବାକୁ ମିଳିଛି ଦକ୍ଷିଣ ଓଡ଼ିଶା ସମେତ ସୀମାନ୍ତ ଆନ୍ଧ୍ରପ୍ରଦେଶରେ। 'ତିତ୍‌ଲି' ସ୍ଥଳଭାଗ ଛୁଇଁବା ପରେ ଘଣ୍ଟା ପ୍ରତି ୧୫୦ କି.ମି. ବେଗରେ ପବନ ବହି ଆନ୍ଧ୍ର ଆଡକୁ ମୁହାଁଇଥିଲା। ଏହାର ପ୍ରଭାବରେ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଳମ୍ ଓ ବିଜୟନଗରମ୍ ଜିଲା ସର୍ବାଧିକ ପ୍ରଭାବିତ ହୋଇଛି। ଏହି ୨ ଜିଲାରେ 'ତିତ୍‌ଲି' ୮ ଜଣଙ୍କ ଜୀବନ ନେଇଛି। 'ତିତ୍‌ଲି' ଯୋଗୁ ସମ୍ଭାବ୍ୟ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ଓଡ଼ିଶା ଭଳି ଆନ୍ଧ୍ରପ୍ରଦେଶ ସରକାର ମଧ୍ୟ ବ୍ୟାପକ ପ୍ରସ୍ତୁତି କରିଥିଲେ। ହେଲେ ପ୍ରକୃତିର କୋପକୁ ରୋକିବା ସମ୍ଭବ ହୋଇନାହିଁ। ଏହାର କରାଳ ରୂପ ଦେଖିବାକୁ ପାଇଛନ୍ତି ଓଡ଼ିଶା ସୀମାନ୍ତ ଆନ୍ଧ୍ରବାସୀ। ଝଡ଼ ଓ ବନ୍ୟାଜନିତ କାରଣରୁ ଶ୍ରୀକାକୁଳମ୍‌ରେ ୫ ଓ ବିଜୟନଗରମ୍ ଜିଲାରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ଶ୍ରୀକାକୁଳମ୍‌ର ପଲାସା ଓ କୋଟାବୋମ୍ମାଲିରେ ଗଛ ଭାଙ୍ଗି ରାସ୍ତା ଉପରେ ପଡ଼ିଛି। ସରକାରୀ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଅନେକ ଟ୍ରେନ୍ ଚଳାଚଳ ବାତିଲ କରାଯାଇଛି। ଫଳରେ ଗମନାଗମନ ବାଧାପ୍ରାପ୍ତ ହୋଇଛି। ଖୁବ୍ ଜୋର୍‌ରେ ପବନ ବହିବାରୁ ପଲାସା ରେଲୱେ ଷ୍ଟେଶନ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ବିଭିନ୍ନ ସ୍ଥାନରେ ପାଣି ଜମାହୋଇ ରହିବାରୁ ରାସ୍ତାଘାଟ ଭାଙ୍ଗିଯାଇଛି। ଉପକୂଳ ଅଞ୍ଚଳଗୁଡ଼ିକ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ୨ ହଜାରରୁ ଊର୍ଦ୍ଧ୍ୱ ବିଜୁଳି ଖୁଣ୍ଟ ଢଳିଯାଇଥିବାରୁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଯାଇଛି। ବିଦ୍ୟୁତ୍‌ସେବା ସ୍ୱାଭାବିକ ହେବା ପାଇଁ ସପ୍ତାହେ ଲାଗିବ ବୋଲି ଆନ୍ଧ୍ର ସରକାରଙ୍କ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ବିଜୟୱାଡାରେ ସ୍ଥିତି ସମୀକ୍ଷା କରିବା ସହ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

**ଆଜିର ସମ୍ପାଦକୀୟ**
ଜନସ୍ୱାର୍ଥବିରୋଧୀ

**ଆଜିର ମନ୍ତବ୍ୟ**
"ଦୁର୍ଯ୍ୟୋଧନ ଏବଂ ଦୁଃଶାସନଙ୍କ ବିରୋଧରେ ଯୁଦ୍ଧ କରିବାର ବେଳ ଆସିଛି। —ଯଶୱନ୍ତ ସିହ୍ନା, ପୂର୍ବତନ କେନ୍ଦ୍ରମନ୍ତ୍ରୀ




## ବାଇକ- ଭ୍ୟାନ ଧକ୍କା
## ପରିବାରର ୩ ମୃତ

କାଲିମେଳା,୧୧।୧୦(ଡି.ଏନ.ଏ)

ମାଲକାନଗିରି ଜିଲା କାଲିମେଳା ଥାନା ଅଧୀନ ଏମ୍‌ଭି-୬୪ ଓ ପୋଲିମେଟଲା ମଧ୍ୟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଗୋଟିଏ ପରିବାରର ୩ଜଣଙ୍କ ମୃତ୍ୟୁ ହୋଇଛି। ମୃତଦେହ ନିକଟରୁ ମିଳିଥିବା ଆଧାରକାର୍ଡରୁ ଜଣଙ୍କର ପରିଚୟ ମିଳିଥିବା ବେଳେ ଅନ୍ୟ ୨ଜଣ ତାଙ୍କ ସ୍ତ୍ରୀ ଓ ପୁଅ ବୋଲି ଅନୁମାନ କରାଯାଉଛି। ଜଣେ ହେଉଛନ୍ତି କାଲିମେଳା ବ୍ଲକ ମାନ୍ୟମକୋଣ୍ଡା ପଞ୍ଚାୟତ କୁସୁମପୁଟ ଗ୍ରାମର ରଥ ଗାଦବା (୩୮) ବୋଲି ଜଣାପଡିଛି। ପ୍ରକାଶ ଯେ, ଗାଦବା ସ୍ତ୍ରୀ ଓ ପୁଅଙ୍କ ସହ ବାଇକରେ ଯାଉଥିବାବେଳେ ମାଲକାନଗିରି ଆଡୁ ଆସୁଥିବା ଏକ କୁକୁଡା ଭ୍ୟାନ ସେମାନଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ, ଗାଦବା ଓ ତାଙ୍କ ସ୍ତ୍ରୀ ପୁଅ ରାସ୍ତାକଡ ଜଙ୍ଗଲକୁ ଛିଟିକି ପଡିଥିଲେ। ☞ପୃଷ୍ଠା-୨

ଅନିବାର୍ଯ୍ୟ କାରଣବଶତଃ କ୍ରୀଡ଼ାଜଗତ ପୃଷ୍ଠା ପ୍ରକାଶ ପାଇପାରୁନାହିଁ।

**BISHANDAYAL JEWELLERS**
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 32,400/- 10gm.
Gold 22 CT - ₹ 31,000/- 10gm.
Silver Rate - ₹ 370/- /10gm.
Making Charge - ₹ 100/- onwards / 1gm.
Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE 11.10.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 59 | 105 | 115 |
| CTC | 61 | 107 | 117 |
| DKL | 61 | 107 | 117 |
| BDK | 62 | 109 | 119 |
| BLS | 63 | 110 | 120 |
| ANG | 62 | 109 | 119 |

*Conditions Apply
Eggs Retail Price- 45/-Dozen
Issued in the Interest of Consumers



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ବେବି
ପରିବାରବର୍ଗ


ଶାଶ୍ୱତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## classified

real estate

**SALE**

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 7008390130. D-64337

ଭୁବନେଶ୍ୱର ପିତାପଲି NH-5 ଠାରୁ 100' ଦୂରତାରେ BDA yellowzone ପ୍ଲଟ ମିଳୁଅଛି। 8338932027. D-64324

ଭୁବନେଶ୍ୱର ରଙ୍ଗବଜାର ପାଖରୁ 4 km. ଦୂରତ୍ୱରେ Gayatri College ନିକଟରେ 30' road ଥାଇ Demarcated gharabari plot ପଟ୍ଟାସହିତ 390/-ରେ ବିକ୍ରି ହେଉଅଛି। 9437114429, 9938214443. D-64342

Premium 3BHK Vaastu based North/ South facing duplex at Benupur, near Hanspal Chhaka, Bhubaneswar. 9040106942, 9777617166. D-8776

Litigation free plots near Xavier University backside BDA Zone, Bhubaneswar. Sqft.- 250/-, 160/-. 9337259012, 9937746907. D-64343

**First time in Bhubaneswar a new mega plotting project at Mouza Barimunda. Psqft- 350/- with gharabari having 30' project road (boundary wall free) puja offer. 9937542232.** D-64345

1800 sqft. gharabari residential yellowzone plot having 30ft. road near Patia Bigbazar, Bhubaneswar. Rs. 44,00,000/-. Contact: 9078151122. D-65104

ଭୁବନେଶ୍ୱର KEC, ଗୁଡିଆ-ପୋଖରୀ ଠାରେ 30ft road ଥାଇକି ଅଗ୍ରିମ boundary wall electry, gharabari patta, Temple, ନାମଫଳକ ସହ sqft. Rs. 600ରେ ଦିଆଯାଉଅଛି। 7008045582, 9078967488. D-8869

Luxury flats at Puri studio, 1/2bhk, bank loan also available. 9124289585. D-8838

Gharabari plot with 30' wide revenue road and electricity near Patia station, Bhubaneswar. 9437827966. D-8875

astrology

All type certified precious and semi-precious Gemstones, Rudraksha, Yantras, Malas, Idols & other astrology products wholesaler retailer Bhubaneswar. Call: 91+8093050401. D-8828

### ପିଏଚ୍‌ଡି ଲାଭ



ଗବେଷିକା ଶ୍ୱେତପଦ୍ମା ଦାଶ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସାଇକୋଲୋଜିରେ ପିଏଚ୍.ଡି ଉପାଧି ପାଇବା ନିମିତ୍ତ ଯୋଗ୍ୟା ବିବେଚିତ ହୋଇଛନ୍ତି। ତାଙ୍କର ଗବେଷଣାତ୍ମକ ନିବନ୍ଧର ବିଷୟ ବସ୍ତୁ ଥିଲା। Psychological Factors in ICU: Exploring Possible Remediation. ଡକ୍ଟର ଶ୍ୱେତ ପଦ୍ମା ଦାଶ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରତାପ କୁମାର ରଥଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ସେ ଏବେ ଭୁବନେଶ୍ୱରର ଆପୋଲୋ ହସ୍ପିଟାଲର ଗୁଣବତ୍ତା ପରିଚାଳନା ପଦ୍ଧତି ଏବଂ ଗବେଷଣା ବିଭାଗର ମୁଖ୍ୟ ଭାବେ କାର୍ଯ୍ୟରତ। ସେ ଏହାର ସମସ୍ତ ଶ୍ରେୟ ବାପା: ସୁକାନ୍ତ କୁମାର ଦାଶ, ମାତା: ମନୋରମା ଦାଶ, ଶ୍ୱଶୁର ଶିଶିର କୁମାର ଦାସ ଏବଂ ସ୍ୱାମୀ ସନତ କୁମାର ଦାସଙ୍କୁ ଦେଇଛନ୍ତି।
ଧ-୮୮୮୩


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### କିଛି ତଥ୍ୟ

ଚଳିତ ଆର୍ଥିକବର୍ଷ ଏପ୍ରିଲ୍-ଅଗଷ୍ଟ ମଧ୍ୟରେ ଦେଶରେ କୋଇଲା ଆମଦାନୀ ୧୩.୯ ବୃଦ୍ଧି ଘଟି ୯୫.୯ ନିୟୁତ ନିୟୁତ ଟନ୍ ରହିଛି।
– କୋଲ୍ ଇଣ୍ଡିଆ ଲିମିଟେଡ୍

## ଟିଟୋ ଲିଙ୍କ୍‌ରେ ଗିରଫ ୪ ଜଣଙ୍କୁ ଜାମିନ

ପାରାଦୀପ,୧୧।୧୦(ସ୍ୱ.ପ୍ର.): ଗ୍ୟାଙ୍ଗଷ୍ଟର ସୟଦ ଉସମାନ ଅଲ୍ଲୀ ଓରଫ ଟିଟୋଙ୍କ ସହ ସମ୍ପର୍କରେ ଥିବା ଅଭିଯୋଗରେ ପାରାଦୀପ ଓ ଜଗତ୍‌ସିଂହପୁରରୁ ୪ ଜଣଙ୍କୁ ତଦନ୍ତକାରୀ ସଂସ୍ଥା ଏସ୍‌ଟିଏଫ୍ ଗିରଫ କରିଥିଲା। ଗୁରୁବାର ସେମାନଙ୍କୁ କୁଜଙ୍ଗ କୋର୍ଟରୁ ଜାମିନ ମିଳିଛି। ସେମାନେ ହେଲେ ପାରାଦୀପର ଜ୍ୟୋତିକାନ୍ତ ପରିଡ଼ା ଓରଫ ବାପୁ, ଦୀପକ ସ୍ୱାଇଁ ଓରଫ ଚଗଲି, ଆଲୋକ ମଳିକ ଓ ଜଗତ୍‌ସିଂହପୁରର ଦୀପ୍ତିରଞ୍ଜନ ଦାସ। ସୂଚନା ଅନୁଯାୟୀ, ଟିଟୋଙ୍କୁ ଗିରଫ କରାଯିବା ପରେ ଏସ୍‌ଟିଏଫ୍ ତାଙ୍କ ସହ ସମ୍ପର୍କରେ ଥିବା ବିଭିନ୍ନ ଲୋକଙ୍କୁ ତଦନ୍ତ ପରିସରଭୁକ୍ତ କରିଥିଲା। ଟିଟୋଙ୍କ ଆର୍ଥିକ, ବ୍ୟବସାୟିକ ଓ ଆପରାଧିକ କାରବାର ତଦନ୍ତ କରାଯିବା ସମୟରେ ଉପରୋକ୍ତ ୪ ଜଣଙ୍କୁ ଏସ୍‌ଟିଏଫ୍ ଉଠାଇ ନେଇଥିଲା। ଏହାକୁ ନେଇ ସେତେବେଳେ ରାଜନୈତିକ ବିତର୍କ ଆରମ୍ଭ ହୋଇଯାଇଥିଲା। କଂଗ୍ରେସ ଓ ଭାଜପାର ସ୍ଥାନୀୟ ନେତାମାନେ ଏହାକୁ ଅସ୍ତ୍ରକରି ପାରାଦୀପ ବିଧାୟକ ଦାମୋଦର ରାଉତଙ୍କ ବିରୋଧରେ ବିଭିନ୍ନ ଆକ୍ଷେପ କରିଥିଲେ।

# ମାଡ଼ରେ ଆଖି ବୁଜିଲେ ନାବାଳିକା ପାର୍ବତୀ

- ସାବତ ମା' ଓ ବାପା ଗିରଫ
- ଥାନାରେ ହତ୍ୟା ମାମଲା ରୁଜୁ

ତିହିଡ଼ି,୧୧।୧୦(ଡି.ଏନ୍.ଏ.)

ନାବାଳିକା ଝିଅଙ୍କୁ ମାଡ଼ମାରି ହତ୍ୟାକରିବା ଅଭିଯୋଗରେ ପୋଲିସ ସାବତ ମା' ଓ ତାଙ୍କ ବାପାଙ୍କୁ ଗୁରୁବାର ଗିରଫ କରିଛି। ଭଦ୍ରକ ଜିଲା ତିହିଡ଼ି ଡାକ୍ତରଖାନାରୁ ପୋଲିସ ନାବାଳିକାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ହତ୍ୟା ମାମଲା (ନଂ. ୩୫୧/୧୮) ରୁଜୁ କରାଯାଇଛି।

ମୃତା ନାବାଳିକା ହେଲେ ତିହିଡ଼ି ଥାନା ଅଧୀନ ବାରସର ପଞ୍ଚାୟତ ଭଉଁରିଆବାଙ୍କ ଗ୍ରାମର ବାବାଜୀ ବାରିକଙ୍କ ଝିଅ ପାର୍ବତୀ। ତାଙ୍କ ମା'ଙ୍କର ମୃତ୍ୟୁ ଘଟିଥିବାରୁ ପାର୍ବତୀଙ୍କ ବାପା ଦ୍ୱିତୀୟ ବିବାହ କରିଥିଲେ। ପରିବାରରେ ବିଭିନ୍ନ ସମୟରେ ପାରିବାରିକ କଳହ ଲାଗିରହୁଥିଲା। ବୁଧବାର ସନ୍ଧ୍ୟାରେ ପାର୍ବତୀଙ୍କୁ ତାଙ୍କ ବାପା ବାବାଜୀ ଗୋରୁଙ୍କୁ ତୋରାଣି ଦେବାକୁ କହିଥିଲେ। ସେ ତୋରାଣି ନ ଦେବାରୁ ସେ ଓ ତାଙ୍କ ଦ୍ୱିତୀୟ ସ୍ତ୍ରୀ ମିଶି ପାର୍ବତୀଙ୍କୁ ମାଡ଼ ମାରିଥିଲେ। ପାର୍ବତୀ ଚେତା ହରାଇ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଚିକିତ୍ସା ନିମନ୍ତେ ତିହିଡ଼ି ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ପାର୍ବତୀଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପାର୍ବତୀଙ୍କ ସାନବାପା ପ୍ରଭାକର ବାରିକ ତିହିଡ଼ି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରି ବାବାଜୀ ଓ ସାବତ ମା' ବାସନ୍ତୀଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି।

# କଂଗ୍ରେସ କୃଷକ ସେଲ୍ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ଭୁବନେଶ୍ୱର,୧୧।୧୦(ବ୍ୟୁରୋ)– ରାଜ୍ୟରେ କୃଷି ଓ କୃଷକଙ୍କ ପରିସ୍ଥିତି ଅତ୍ୟନ୍ତ ସଙ୍ଗିନ। ଚାଷୀ ଅଭାବୀ ବିକ୍ରି, ଫସଲ ହାନି ଓ ଋଣବୋଝ ଯୋଗୁ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛି। ଚାଷ ଓ ଚାଷୀର ବିକାଶ ପାଇଁ ସରକାରଙ୍କ ଘୋଷଣା ବାସ୍ତବତାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏହା କେବଳ ପ୍ରଚାର ଓ ଭାଷଣ ସର୍ବସ୍ୱ ବୋଲି ପିସିସି କୃଷକ ସେଲ୍ ପକ୍ଷରୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ସେଲ୍‌ର ଆବାହକ ଅମିୟ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଷ୍ଟ୍ରପତିଙ୍କୁ ଗୁରୁବାର ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏନେଇ ଅମିୟ କହିଛନ୍ତି ଯେ, ଚାଷୀ ଉତ୍ପାଦନ ଖର୍ଚ୍ଚର ଉଚିତ ମୂଲ୍ୟ ପାଉ ନ ଥିବାବେଳେ ବିକ୍ରିବଟା ଓ ସଂରକ୍ଷଣ ଦିଗରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛି। କୃଷି ଓ ଆନୁଷଙ୍ଗିକ ସମସ୍ୟାର ଆଶୁ ସମାଧାନ ପାଇଁ ସେଲ୍ ପକ୍ଷରୁ ରାଷ୍ଟ୍ରପତିଙ୍କୁ ଏକ ୧୨ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଉକ୍ତ ସ୍ମାରକପତ୍ରରେ କଳାହାଣ୍ଡି ଜିଲାର ଭବାନୀପାଟଣାଠାରେ ଡାଲି ଓ ତୈଳବୀଜ ଜାତୀୟ ଫସଲର ବୃହତ୍ ପ୍ରସ୍ତୁତି ଓ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ, କପା ଓ ଡାଲି ରପ୍ତାନି କେନ୍ଦ୍ର ପ୍ରତିଷ୍ଠା, ଦେବଗଡ଼ ଜିଲାରେ ଉଦ୍ୟାନ କୃଷି ମହାବିଦ୍ୟାଳୟ ଏବଂ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା, ଚାଷୀଙ୍କ ଉତ୍ପାଦିତ ଫଳ ବିକ୍ରୟ ପାଇଁ ମଣ୍ଡି ପ୍ରତିଷ୍ଠା, ପୁରୀ ଜିଲାର ଅସ୍ତରଙ୍ଗଠାରେ ମାଛ ଶୁଖୁଆ ପ୍ରସ୍ତୁତି ଓ ପ୍ରକ୍ରିୟାକରଣ ଏବଂ ରପ୍ତାନି କେନ୍ଦ୍ର ପ୍ରତିଷ୍ଠା, ଫସଲ ବୀମା କ୍ଷେତ୍ରରେ ପଞ୍ଚାୟତ ପରିବର୍ତ୍ତେ ପ୍ରତି ରାଜସ୍ୱ ଗ୍ରାମକୁ ଏକକ ୟୁନିଟ୍ ଭାବେ ଘୋଷଣା କରିବାକୁ ସେଲ୍ ପକ୍ଷରୁ ଦାବି କରାଯାଇଛି।

# ୧୧୧ ଦିନର ଅନଶନ ପରେ ଆଖିବୁଜିଲେ

### ଗଙ୍ଗା ପାଇଁ ପରିବେଶବିତ୍ ଜି.ଡି. ଅଗ୍ରୱାଲଙ୍କ ଜୀବନ ଗଲା

ଋଷିକେଶ,୧୧।୧୦

ବିଶିଷ୍ଟ ପରିବେଶବିତ୍ ଜି.ଡି. ଅଗ୍ରୱାଲଙ୍କ ପରଲୋକ ହୋଇଛି। ଗଙ୍ଗା ସଫେଇ ଦାବିରେ ୧୧୧ ଦିନ ଧରି ହରିଦ୍ୱାରରେ ଅନଶନ କରିବା ପରେ ବୁଧବାର ତାଙ୍କୁ ଋଷିକେଶସ୍ଥିତ ଏମ୍ସ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ଅପରାହ୍ନ ଗୋଟାଏ ବେଳେ ସେ ଆଖିବୁଜି ଦେଇଛନ୍ତି।

ଆଇଆଇଟି ପ୍ରଫେସରରୁ ଗଙ୍ଗା ସଫେଇ ଆନ୍ଦୋଳନର ପୁରୋଧା ପାଲଟିଥିବା ୮୭ ବର୍ଷୀୟ ଜି.ଡି. ଅଗ୍ରୱାଲ କିଛିବର୍ଷ ହେବ ସନ୍ନ୍ୟାସୀ ଜୀବନ ବିତାଉଥିଲେ। ସେ ସ୍ୱାମୀ ଜ୍ଞାନସ୍ୱରୂପ ସାନନ୍ଦ ନାମରେ ଜଣାଶୁଣା ଥିଲେ। ଅଗ୍ରୱାଲ ଗଙ୍ଗା ସଫେଇ ଦାବିରେ ହରିଦ୍ୱାରସ୍ଥିତ ମାତୃସଦନ ଆଶ୍ରମରେ ଜୁନ୍ ୨୨ରୁ ଆମରଣ ଅନଶନରେ ବସିଥିଲେ। ଗଙ୍ଗା ଅବବାହିକାରେ ଚାଲିଥିବା ଜଳବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ସେ ଦାବି କରିଆସୁଥିଲେ। ସେହିପରି ଗଙ୍ଗା ସୁରକ୍ଷା ଓ ପରିଚାଳନା ଆଇନକୁ କାର୍ଯ୍ୟକାରୀ କରାଯାଉ ବୋଲି ମଧ୍ୟ ଅଗ୍ରୱାଲ ଅଡିବସିଥିଲେ। ଏ ସଂକ୍ରାନ୍ତରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଧ୍ୟ ଚିଠି ଲେଖି ଜଣାଇଥିଲେ। ହେଲେ କିଛି ସୁଫଳ ମିଳି ନ ଥିଲା। ଅଗ୍ରୱାଲ ଗତ ମଙ୍ଗଳବାରଠାରୁ ପାଣି ପିଇବା ବନ୍ଦ କରିଦେଇଥିଲେ। ଫଳରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିଥିଲା। ଋଷିକେଶ ପ୍ରଶାସନ ବୁଧବାର ତାଙ୍କୁ ଜବରଦସ୍ତ ଉଠାଇନେଇ ଏମ୍ସରେ ଭର୍ତ୍ତି କରିଥିଲା। ହେଲେ ସେତେବେଳକୁ ବହୁ ବିଳମ୍ବ ହୋଇସାରିଥିଲା। ଡାକ୍ତରମାନେ ତାଙ୍କୁ ବଞ୍ଚାଇ ପାରିଲେ ନାହିଁ। ଏହା ପୂର୍ବରୁ ୨୦୧୧ରେ ଅନୁରୂପ ଦାବିରେ ସ୍ୱାମୀ ନିଗମାନନ୍ଦ (୩୬) ୨ ମାସ ଅନଶନ କରି ଗଙ୍ଗା ପାଇଁ ଜୀବନ ଦେଇଥିଲେ।

## ଜି.ଡି. ଅଗ୍ରୱାଲଙ୍କ ବିୟୋଗରେ ପିସିସି ସଭାପତିଙ୍କ ଶୋକ

ଭୁବନେଶ୍ୱର,୧୧।୧୦(ବ୍ୟୁରୋ)–ପରିବେଶବିତ୍ ଜି.ଡି. ଅଗ୍ରୱାଲଙ୍କ ବିୟୋଗରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଗୁରୁବାର ଶୋକପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ସ୍ୱର୍ଗତ ଅଗ୍ରୱାଲ ଚଳିତ ବର୍ଷ ଜୁନ୍ ୨୨ରୁ ଗଙ୍ଗା ନଦୀର ସୁରକ୍ଷା ପାଇଁ ଅନଶନରେ ବସିଥିଲେ। ସେହିପରି ଯେଉଁମାନେ ମା' ଗଙ୍ଗାକୁ ନେଇ ରାଜନୀତୀକରଣ କରୁଛନ୍ତି, ସେମାନେ ଅଗ୍ରୱାଲଙ୍କ ମୃତ୍ୟୁକୁ ଦୃଷ୍ଟି ଦେଉ ନ ଥିବା ନିରଞ୍ଜନ କହିଛନ୍ତି। ପ୍ରକାଶ ଯେ, ସ୍ୱର୍ଗତ ଜି.ଜି. ଅଗ୍ରୱାଲ ଆଇଆଇଟି କାନପୁରରେ ଶିକ୍ଷାଦାନ କରିଛନ୍ତି।


## ମନେ ପଡ଼ନ୍ତି

### ଶ୍ରଦ୍ଧାସୁମନ
### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଡାକ୍ତର ବାବୁଲୁ ସିଂହ**
Lt.Col. Indian Army
ଆବିର୍ଭାବ: ୧୮।୦୯।୧୯୭୦
ତିରୋଧାନ: ୧୨।୧୦।୨୦୧୬
"ଶେଫାଳିର ମହକ ଯେ ବାଣ୍ଟିଛୁ ତୁ ଧରାରେ, ମୃତ୍ୟୁଞ୍ଜୟୀ ଜୀବନ ତୋ ଥାଉ ପ୍ରଭୁ କୋଳରେ।"
ଶୋକସନ୍ତପ୍ତ: ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ।
ଧ-୬୪୩୪୮

### ପ୍ରଥମ ଶ୍ରାଦ୍ଧବାର୍ଷିକୀ
### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ମୀନା ଜେନା**
ବାଘ ଆଖେଡା ଲେନ୍, ପୁରୀ
ଆବିର୍ଭାବ: ୦୭।୦୨।୧୯୬୪
ତିରୋଧାନ: ୨୧।୦୯।୨୦୧୭
'ମାଆ' ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା। ତୁମର ସରଳ ହୃଦୟର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟପରାୟଣତା ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ଆଖିର ଲୁହ, ଛାତିର କୋହକୁ ଜାବୁଡି ଧରି ତୁମର ଅଧୁରା ସ୍ୱପ୍ନକୁ ସାକାର କରିବାରେ ଆମେ ଚେଷ୍ଟିତ। ଆଜି ତୁମର ତିରୋଧାନର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ବାପା, ମାମା ଓ ତୁମର ବାବୁନା, ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତୁମର ଆଶୀର୍ବାଦ ଭିକ୍ଷା କରୁଅଛୁ। ତୁମର ଶୋକସନ୍ତପ୍ତ ବାବୁନା।
ଧ-୬୪୭୩୦

### ସପ୍ତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ପଦ୍ମଚରଣ ସାହୁ**
Plot No-82 & 82/A SCR, Bapuji Nagar
ଆବିର୍ଭାବ: ୦୬।୦୪।୧୯୩୯
ତିରୋଧାନ: ୩୦।୦୯।୨୦୧୧
ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ପୁତ୍ର- ସୁରେନ୍ଦ୍ର କୁମାର ସାହୁ ଓ ପରିବାରବର୍ଗ।
ଧ-୮୮୭୯

### ଏକାଦଶାହ ଉପଲକ୍ଷେ



**୰ ଗଣେଶ ଚନ୍ଦ୍ର ପରିଡ଼ା**
ଜନ୍ମସ୍ଥାନ: ବଡ଼ଘାଗରା, ଜି: କେନ୍ଦ୍ରାପଡ଼ା
ଆବିର୍ଭାବ : ୨୫.୦୩.୧୯୩୬
ତିରୋଧାନ : ୦୨.୧୦.୨୦୧୮
ତୁମର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର କର୍ତ୍ତବ୍ୟନିଷ୍ଠା, ଆଦର୍ଶ, ସ୍ୱାଭିମାନ, ସ୍ନେହ, ଶ୍ରଦ୍ଧା, ଦିଗଦର୍ଶନ ଓ ଅନାବିଳ ପ୍ରେମ ଆମ ସମସ୍ତଙ୍କର ପାଥେୟ ହେଉ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୬୪୭୨୫


ପ୍ରଥମ ପୃଷ୍ଠାରୁ...

## ତିତ୍‌ଲି ଦୁର୍ବଳ:ଟଳିଲା...

ମୟୂରଭଞ୍ଜ, ଯାଜପୁର ଆଦି ଜିଲାର ଅନ୍ୟାନ୍ୟ ବ୍ଲକରେ ୧୦୦ରୁ ୧୩୦ ମିଲିମିଟର ମଧ୍ୟରେ ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

ପ୍ରବଳ ବର୍ଷା ଯୋଗୁ ବଂଶଧାରା, ଋଷିକୁଲ୍ୟା, ଜଳକା, ବୁଢାବଳଙ୍ଗ, ବୈତରଣୀ ଆଦି ନଦୀରେ ବନ୍ୟାଜଳ ବୃଦ୍ଧି ପାଇଛି। ବଂଶଧାରା ନଦୀର ଗୁଣୁପୁରଠାରେ ବନ୍ୟାଜଳ ସତର୍କ ସୂଚନାଠାରୁ ଉପରେ ପ୍ରବାହିତ ହେଉଛି। ଏଠାରେ ସତର୍କ ସୂଚନା ୮୩ ମିଟର ଥିବାବେଳେ ୮୩.୪୦ ମିଟର ଉପରେ ଜଳ ପ୍ରବାହିତ ହେଉଛି। ସେହିପରି କାଶୀନଗରଠାରେ ସତର୍କ ସୂଚନା ୫୩.୬୦ ମିଟର ଥିବାବେଳେ ୫୪.୪୦ ମିଟର ଉପରେ ପ୍ରବାହିତ ହେଉଛି। ଋଷିକୁଲ୍ୟା ନଦୀ ମଧ୍ୟ ବନ୍ୟା ପାଣିରେ ଭରି ଯାଇଛି। ସେହି ନଦୀର ପୁରୁଷୋତ୍ତମପୁରଠାରେ ବନ୍ୟା ଜଳ ସତର୍କ ସୂଚନା ଠାରୁ ଉପରେ ପ୍ରବାହିତ ହେଉଛି। ଏଠାରେ ସତର୍କ ସୂଚନା ୧୫.୮୩ ମିଟର ଥିବା ବେଳେ ବନ୍ୟା ଜଳ ୧୬.୩୦ମିଟର ଉପରେ ପ୍ରବାହିତ ହେଉଛି। ଏହି ଦୁଇ ନଦୀରେ ବନ୍ୟା ପାଣି ବଢ଼ିବାରେ ଲାଗିଛି। ଜଳକା ନଦୀରେ ବିପଦ ସଙ୍କେତ ଉପରେ ପାଣି ପ୍ରବାହିତ ହେଉଛି। ଜଳକାରେ ବିପଦ ସଙ୍କେତ ୫.୫୦ ମିଟର ଥିବାବେଳେ ୫.୭୪ ମିଟର ଉପରେ ପ୍ରବାହିତ ହେଉଛି।

ବାତ୍ୟା ସ୍ଥଳଭାଗ ଅତିକ୍ରମ କରିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତିତ୍‌ଲି ମୁକାବିଲା ନେଇ ପ୍ରଶାସନିକ ପଦକ୍ଷେପ ସମ୍ପର୍କରେ ଗୁରୁବାର ସଚିବାଳୟଠାରେ ସମୀକ୍ଷା କରିଛନ୍ତି। ସମୀକ୍ଷାରୁ ଜଣାପଡିଛି ଯେ, ସାମୁଦ୍ରିକ ଝଡ ତିତ୍‌ଲି ଗୁରୁବାର ସକାଳ ୫ଟା ୩୦ ମିନିଟରେ ସ୍ଥଳଭାଗ ଛୁଇଁଛି। ବାତ୍ୟାକୁ ଦୃଷ୍ଟିରେ ରଖି ଉପକୂଳବର୍ତ୍ତୀ ଜିଲାଗୁଡିକର ତଳିଆ ଅଞ୍ଚଳରୁ ୩ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା। ସେମାନଙ୍କୁ ୧,୧୧୨ଟି ରିଲିଫ୍ କ୍ୟାମ୍ପରେ ସୁରକ୍ଷିତ ଭାବେ ରଖାଯାଇ ରିଲିଫ ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯାଇଛି। ସାମୁଦ୍ରିକ ଝଡ ଯୋଗୁ କେହି ମୃତାହତ ହୋଇଥିବା ସୂଚନା ନାହିଁ। ଝଡ ସମ୍ପୂର୍ଣ୍ଣ ଦୁର୍ବଳ ହୋଇ ନ ଥିବାରୁ ପରିସ୍ଥିତି ଉପରେ ନଜର ରଖିବା ସହିତ ପ୍ରସ୍ତୁତ ରହିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଗଜପତି ଜିଲା ଅପେକ୍ଷାକୃତ ଅଧିକ ପ୍ରଭାବିତ ହୋଇଛି। ବାତ୍ୟା ଯୋଗୁ କେତେକ ଜିଲାରେ ୧୦୦ ମିଲିମିଟରରୁ ଊର୍ଦ୍ଧ୍ୱ ବର୍ଷା ହୋଇଛି। ପଶ୍ଚିମ ଓଡିଶା ବ୍ୟତୀତ ଅନ୍ୟାନ୍ୟ ଜିଲାଗୁଡିକରେ ବର୍ଷା ହେବାର ସମ୍ଭାବନା ରହିଛି। କ୍ଷତିଗ୍ରସ୍ତ ଅଞ୍ଚଳରେ ବିଦ୍ୟୁତ୍ ସରବରାହ, ପାନୀୟ ଜଳ ଯୋଗାଣ ଓ ସଡକ ଯୋଗାଯୋଗ ଅତି ଜରୁରୀ ସେବାଗୁଡିକୁ ତୁରନ୍ତ ପୁନଃସ୍ଥାପିତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଫସଲ ଓ ଘରଭଙ୍ଗା ଆଦି କ୍ଷୟକ୍ଷତି ଆକଳନ କରି ତୁରନ୍ତ ରିପୋର୍ଟ ଦେବାକୁ ମୁଖ୍ୟମନ୍ତ୍ରୀ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସାମୁଦ୍ରିକ ଝଡର ମୁକାବିଲା ପାଇଁ ୧୩ଟି ଏନ୍‌ଡିଆରଏଫ ସହ ଓଡ୍ରାଫ ଟିମ୍‌କୁ ପ୍ରଭାବିତ ଜିଲାରେ ମୁତୟନ କରାଯାଇଛି। ଗଜପତି ଜିଲାରେ ଆଉ ଦୁଇଟି ଏନଡିଆରଏଫ୍ ଟିମ ମୁତୟନ ପାଇଁ ପଦକ୍ଷେପ ନିଆଯାଇଛି। ଉଦ୍ଧାର ପାଇଁ ଅଗ୍ନିଶମ ବାହିନୀକୁ ମଧ୍ୟ ମୁତୟନ କରାଯାଇଛି। ପ୍ରଭାବିତ ଅଞ୍ଚଳରେ ରିଲିଫ ବ୍ୟବସ୍ଥା କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଗଞ୍ଜାମ ଜିଲା ସୋରଡା ଠାରୁ ଦାରିଙ୍ଗବାଡି ଜାତୀୟ ରାଜପଥ ନଂ.୫୯ ପାର୍ଶ୍ୱରେ ଥିବା ଗାଜଲବାଡି ପଞ୍ଚାୟତ ଆମ୍ବକଣ ଗାଁ ନିକଟ ଅଡାଙ୍ଗି ନାଳରେ ବନ୍ୟାପାଣି ଆସିବାରୁ ଛାତ ଉପରେ ଆଶ୍ରୟ ନେଇଥିବା ୬ ଜଣ ଭାସି ଯାଇଛନ୍ତି। ସେମାନେ ହେଲେ ଆମ୍ବକଣ ଗ୍ରାମର ବିଜୟ ମଲ୍ଲିକ ତାଙ୍କ ସ୍ତ୍ରୀ, ୨ ସନ୍ତାନ, ପଡୋଶୀ ନକୁଳ ମଲ୍ଲିକ ଓ ଗୋରୁ ଚରାଳି ପ୍ରଫୁଲ୍ଲ ମଲିକ। ଖବର ଲେଖା ହେବା ସୁଦ୍ଧା ସେମାନଙ୍କର ପତ୍ତା ମିଳି ନାହିଁ। ଉକ୍ତ ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ଥିବାରୁ ପ୍ରଶାସନ କିମ୍ବା ଉଦ୍ଧାରକାରୀ ଦଳ ପହଞ୍ଚି ପାରିନାହାଁନ୍ତି।

ଗାଜଲବାଡି ସରପଞ୍ଚ ଉପେନ୍ଦ୍ର ବେହେରାଙ୍କ ସୂଚନା ଅନୁଯାୟୀ ଆମ୍ବକଣ ଗ୍ରାମର ବିଜୟ ମଲ୍ଲିକ ତାଙ୍କ ସ୍ତ୍ରୀ ଓ ୨ ସନ୍ତାନ ଅଡାଙ୍ଗି ନାଳ ନିକଟରେ ଥିବା ତାଙ୍କ ଘରେ ରୁହନ୍ତି। ବୁଧବାର ପୂର୍ବାହ୍ନରେ ପ୍ରବଳ ବର୍ଷା ହେବା ସହ ନାଳର ଜଳସ୍ତର ହଠାତ୍ ବଢିଥିଲା। ଫଳରେ ବିଜୟ, ତାଙ୍କ ପରିବାରବର୍ଗ, ପଡୋଶୀ ନକୁଳ ମଲ୍ଲିକ ଓ ନିକଟରେ ଗୋରୁ ଚରାଉଥିବା ଆମ୍ବକଣର ପ୍ରଫୁଲ୍ଲ ମଲିକ ବିଜୟଙ୍କ ଛାତ ଉପରକୁ ଚଢି ଯାଇଥିଲେ। ମାତ୍ର ବନ୍ୟାପାଣିର ପ୍ରବଳ ସ୍ରୋତ ଘରକୁ ମଧ୍ୟ ଭସାଇ ନେଇଥିଲା। ଛାତ ଉପରେ ଥିବା ୬ଜଣ ଘର ସହ ଭାସି ଯାଇଥିଲେ। ଖବର ଲେଖା ହେବା ସୁଦ୍ଧା ସେମାନଙ୍କର କୌଣସି ପତ୍ତା ମିଳିନଥିବା ସରପଞ୍ଚ ସୂଚନା ଦେଇଛନ୍ତି।

ଆସନ୍ତା ୬ ଘଣ୍ଟା ମଧ୍ୟରେ ଝଡ଼ ପଶ୍ଚିମବଙ୍ଗର ଉତ୍ତର ପୂର୍ବ ଗାଙ୍ଗେୟ ସମତଳ ଅଞ୍ଚଳ ଦେଇ ଯିବା ସହ ସମ୍ପୂର୍ଣ୍ଣ ଦୁର୍ବଳ ହୋଇଯିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେବେ ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗଞ୍ଜାମ, ଗଜପତି, ପୁରୀ, ରାୟଗଡା, କୋରାପୁଟ, କନ୍ଧମାଳ, କଳାହାଣ୍ଡି , ବୌଦ୍ଧ, ବଲାଙ୍ଗୀର, ଜଗତ୍‌ସିଂହପୁର, କେନ୍ଦ୍ରାପଡା, ଖୋର୍ଦ୍ଧା, ନୟାଗଡ, କଟକ, ଯାଜପୁର, ଢେଙ୍କାନାଳ, ଅନୁଗୋଳ, ଭଦ୍ରକ, ବାଲେଶ୍ୱର ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହିତ ଗଜପତି, ଗଞ୍ଜାମ, ରାୟଗଡା, କନ୍ଧମାଳ, କଳାହାଣ୍ଡି, ବୌଦ୍ଧ ଏବଂ ନୟାଗଡ ଜିଲାର ଅଳ୍ପ କେତେକ ସ୍ଥାନରେ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଝଡ ସମ୍ପୂର୍ଣ୍ଣ ଦୁର୍ବଳ ହୋଇ ନ ଥିବାରୁ ୧୨ ତାରିଖ ଯାଏ ସମୁଦ୍ର ମଧ୍ୟକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି।

## ପରିବାରର ୩ ମୃତ

ପିକ୍‌ଅପ୍ ଭ୍ୟାନଟି ରାସ୍ତା କଡକୁ ଓଲଟି ପଡିଥିବା ବେଳେ ଏହାର ଚାଳକ ଓ ହେଲପର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଦୁର୍ଘଟଣା ପରେ ଏହି ସ୍ଥାନରେ କିଛି ସମୟଧରି ରାସ୍ତା ଜାମ ହୋଇଥିଲା। ଖବରପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି କାଳିମେଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଜି ଧନ ସ୍ଥାନକୁ ଶୁଭଗ୍ରହ ଦେଖୁଥିବାରୁ ଅର୍ଥଲାଭ ସହ କୌଣସି କର୍ମାରମ୍ଭର ପ୍ରସ୍ତୁତି କରିବେ। ସମ୍ମୁଖରେ ଭଲ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ ପ୍ରକାର କଥା କହିବେ। କୃତ୍ତିକା ନକ୍ଷତ୍ର ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ପରେ ଅନୁତାପ କରିବାକୁ ପଡିବ। ପୂର୍ବରୁ ଯେଉଁଥିପାଇଁ ଚିନ୍ତିତ ଥିଲେ ଆଜି ତାହା ମିଳିପାରିବ।

**ବୃଷ** – ରବିଙ୍କ ସ୍ଥିତି ଜନିତ କୌଣସି ବନ୍ଧୁ କିମ୍ବା ସହକର୍ମୀ ସହଯୋଗର ହାତ ବଢ଼ାଇବେ, ଫଳରେ ଆଜିର କାମ ଅଟକିବ ନାହିଁ। ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ମାତ୍ର ଘରୋଇ କ୍ଷେତ୍ରରେ ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ଆଗାମୀ ଆନୁଷ୍ଠାନିକ କାମ ସକାଶେ ବ୍ୟସ୍ତ ରହିପାରନ୍ତି।

**ମିଥୁନ** – ଚନ୍ଦ୍ରଙ୍କ ଦୁର୍ବଳତାଜନିତ ନିଜ ସଂସ୍ପର୍ଶରେ ଆସୁଥିବା କୌଣସି ବ୍ୟକ୍ତିଙ୍କୁ ଅପ୍ରିୟ କଟୁ ସତ୍ୟ କହି ସେମାନଙ୍କ ସହ ତିକ୍ତତା ସୃଷ୍ଟି ହେବାର ଆଶଙ୍କା ରହିଛି। ନୂତନ କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ଓ କାମଟି ମଧ୍ୟ ହାସଲ କରିବେ। ମୃଗଶିରା ନକ୍ଷତ୍ର ରାଜନୀତି, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ ।

**କର୍କଟ** – ମଙ୍ଗଳଙ୍କ ସବଳତା ଉଦ୍ୟମ ଅବ୍ୟାହତ ରଖିଲେ ଯେତିକି ଓ ଯେମିତି ପାଇବା କଥା ତାହାକୁ କିଏ ଅଟକାଇ ପାରିବେ ନାହିଁ। କେତେକ ଅପୂରଣୀୟ ଆଶା ଦୁଶ୍ଚିନ୍ତାର କାରଣ ହେବ। ପୁଷ୍ୟା ନକ୍ଷତ୍ରର ମାଲିମକଦ୍ଦମା, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ମାନସିକ ଅଶାନ୍ତି ବଢ଼ିବ। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ପ୍ରତିଯୋଗିତାରେ ସଫଳତା ଅର୍ଜନ କରିବେ।

**ସିଂହ** – ବୁଧଙ୍କ ମିତ୍ରଗୃହ ମଣ୍ଡନ କାରଣରୁ ଆଜି ଯାହା ଚାହୁଁଛନ୍ତି ତାହା ପାଇବାରେ ଅସୁବିଧା ରହିବ ନାହିଁ। ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ଅନୁକମ୍ପା ଏ ଦିଗରେ ସାହାଯ୍ୟ କରିବ। ପ୍ରଶାସନ, ପ୍ରକାଶନ, ଔଦ୍ୟୋଗିକ କର୍ମ, ବାଣିଜ୍ୟ, ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ। ନିଜ କାମ ସକାଶେ ପରିବାରବର୍ଗଙ୍କ ସହାୟତା ପାଇବେ।

**କନ୍ୟା** – ଚନ୍ଦ୍ର ଭାଗ୍ୟସ୍ଥାନକୁ ଅବଲୋକନ କରୁଥିବାରୁ ଆଜି ଦିନଟିରେ କିଛି ପାଇବାର ଆଶା ରଖିଲେ କିଛି ଦେବା ପାଇଁ ଚେଷ୍ଟା କରିବା ଭଲ ହେବ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେଇପାରେ । ହସ୍ତା ନକ୍ଷତ୍ର କୌଣସି ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ବନ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବରଟିଏ ପାଇ ଖୁସି ହେବେ।

**ତୁଳା** – ଅର୍ଥ ସାହାଯ୍ୟ ପାଇଁ ପ୍ରତିଶ୍ରୁତି ଦେଇଥିବା କୌଣସି ବନ୍ଧୁଙ୍କୁ ଆଜି ହଁ କରିବେ ନାହିଁ କିମ୍ବା ନାହିଁ ମଧ୍ୟ କରିବେନି। ଅବଶ୍ୟ ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ ହେବ। ଚିତ୍ରା ନକ୍ଷତ୍ର ସକାଶେ ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ। ଶିଳ୍ପ,ବାଣିଜ୍ୟ,ସାମ୍ବାଦିକତା ଓ ଅର୍ଥ ସମ୍ବନ୍ଧିତ କାମରେ ସଫଳତା ପାଇବେ।

**ବିଛା** – ବିଭିନ୍ନ ପ୍ରକାର ପ୍ରତିବନ୍ଧକ ମଧ୍ୟରେ ଯାହା ଦୀର୍ଘଦିନ ହେଲା ହୋଇ ପାରି ନ ଥିଲା ଆଜି ତାହାକୁ ସମ୍ପନ୍ନ କରିବେ। ପରିବହନ, ଶିଳ୍ପ ଓ ବ୍ୟବସାୟ,ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କଲେ ସଫଳତା ପାଇପାରିବେ। ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ନିଜ ପରିବାରର ସଦସ୍ୟ କିମ୍ବା ସହକର୍ମୀମାନଙ୍କ ତରଫରୁ ସମସ୍ୟା ଆସିପାରେ।

**ଧନୁ** – ଶନିଙ୍କ ପ୍ରଭାବ ଜନିତ କୌଣସି ଅତି ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମକ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ଆର୍ଥିକ ଦିଗରୁ କିଛିଟା ସମସ୍ୟା ଲାଗି ରହିବ କିନ୍ତୁ ସୁଧାରି ନେବାରେ ବନ୍ଧୁଙ୍କ ଅବଦାନ ଅବଶ୍ୟ ରହିବ। ପୂର୍ବାଷାଢ଼ା ନକ୍ଷତ୍ର ପିଲାମାନଙ୍କ ସଫଳତାରେ ଆନନ୍ଦ ପାଇବେ। ବାଟରେ ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ।

**ମକର** – ପାପଗ୍ରହ ମଧ୍ୟସ୍ଥ ବଳହୀନ ଚନ୍ଦ୍ର ପ୍ରଭାବରୁ ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବ। କୌଣସି ବ୍ୟକ୍ତିଠାରୁ ହଠାତ୍ ଦୁଃଖଦ ଖବର ପାଇ ବିଚଳିତ ବୋଧ କରିପାରନ୍ତି। ଉପରିସ୍ଥ ଅଧିକାରୀମାନେ କାମ ହାସଲ ସକାଶେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ଶ୍ରବଣା ସକାଶେ ପଡୋଶୀମାନେ ବିଭିନ୍ନ ପ୍ରକାର ଝମେଲା ସୃଷ୍ଟି କରିପାରନ୍ତି।

**କୁମ୍ଭ** – ଶୁକ୍ର ନିଜ ଭାବରୁ ଅଷ୍ଟମସ୍ଥ ଯୋଗୁ ପାରିବାରିକ ସମସ୍ୟାର ସମାଧାନ ସକାଶେ ନିଜର ବନ୍ଧୁମାନଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। କଳା, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ଦେହ ଭଲ ରହିଲେ ମଧ୍ୟ ସାମୟିକ କ୍ରନିକ ରୋଗରେ କଷ୍ଟ ପାଇପାରନ୍ତି। କର୍ମକ୍ଷେତ୍ରରେ ଦୁଃସାହସିକ କାର୍ଯ୍ୟରେ ସଫଳତା ପାଇବେ।

**ମୀନ** – ବୁଧଜନିତ ପରିବାର ଭିତରେ ଅଯଥା ବ୍ୟସ୍ତତା ପ୍ରକାଶ କରି ଅଶାନ୍ତ ରହିପାରନ୍ତି। କିନ୍ତୁ ଅନ୍ୟମାନଙ୍କ ଅସୁବିଧାକୁ ସୁଧାରିବା ସକାଶେ ସୁପରାମର୍ଶ ଦେବାରେ ପଛାଇବେ ନାହିଁ। ବ୍ୟବସାୟ ଓ ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ, ନଚେତ୍ ସମସ୍ୟା ଉପୁଜିପାରେ। ରାସ୍ତାରେ ଅପରିଚିତ ବ୍ୟକ୍ତିଙ୍କୁ ବିଶ୍ୱାସ କରି ଖାଲରେ ପଡ଼ିପାରନ୍ତି।

ଆଜି ଆଶ୍ୱିନ ଶୁକ୍ଳ ଚତୁର୍ଥୀ ଶୁକ୍ରବାର, ଅକ୍ଟୋବର ୧୨ ତାରିଖ, ନକ୍ଷତ୍ର-ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ୭।୧୧ମି. ମଧ୍ୟେ ଘ୩।୫୪ମି. ଗତେ, ଘ୫।୨୧ମି. ମଧ୍ୟେ ଅମୃତବେଳା। ଦିବା ଘ୭।୧୧ମି. ଗତେ ଘ୮।୩୮ମି. ମଧ୍ୟେ, ଘ୧୧।୩୨ମି. ଗତେ ଘ୧।୦୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦।୦୬ମି. ଗତେ ଘ୧୧।୩୩ମି. ମଧ୍ୟେ ରାହୁକାଳ ।


HONDA
The Power of Dreams
HONDA
joyclub
ENJOY
ENDLESS joy
ନ୍ୟୁ ହୋଣ୍ଡା ଜଏ କ୍ଲବ୍ ଆଜି ଏଠାରେ ଆପଣଙ୍କ ପାଇଁ । ଏହା ହେଉଛି ଏକ ଡିଜିଟାଲ୍ ଲୟାଲ୍‌ଟି ପ୍ରୋଗ୍ରାମ୍ ଯିଏ ଯତ୍ନ ନିଏ ଆପଣଙ୍କର ତଥା ଆପଣଙ୍କ ପରିବାର ସହ ଆପଣଙ୍କ ଟୁ ହ୍ୱିଲର୍‌ର ମଧ୍ୟ । ଏହା ବିଶେଷ କରି ଆଗରୁ ଥିବା ସମସ୍ତ ଏବଂ ନୁଆ ହୋଣ୍ଡା ଟୁ ହ୍ୱିଲର କଷ୍ଟମର୍‌ଙ୍କ ପାଇଁ ଅତି ଉତ୍ତମ ଡିଲ୍‌ର ମଜା, ବଢିଆ ଡିସ୍‌କାଉଣ୍ଟ୍ ଏବଂ ଅନ୍ୟ ବଡ ସୁବିଧା ସହ ହୋଣ୍ଡାର ଆକର୍ଷଣୀୟ ସର୍ଭିସ୍ ପ୍ରସ୍ତୁତ କରିଥାଏ ।
ଆଜି ହିଁ ମିଶନ୍ତୁ ଏବଂ ପାଆନ୍ତୁ ଲାଭ ₹2100* ପର୍ଯ୍ୟନ୍ତ
ପାଆନ୍ତୁ 299 ହୋଣ୍ଡା କରେନ୍‌ସି*
ଫ୍ରି ୱାଶ୍ ଏବଂ ଫ୍ରି ପିକ୍ ଅପ୍*
ଟ୍ରାଭେଲ୍ ଭାଉଚର୍ ₹5000* ପର୍ଯ୍ୟନ୍ତ
DTH ଡିସ୍‌କାଉଣ୍ଟ୍ ଭାଉଚର୍ ₹500*ର
3-ବର୍ଷ ବ୍ୟକ୍ତିଗତ ଦୁର୍ଘଟଣା ₹1 ଲକ୍ଷ* କଭର କରେ
3-ବର୍ଷ ସ୍ମାର୍ଟ ହେଲ୍‌ଥ୍‌କେୟାର୍ ମେମ୍ବରସିପ୍ ₹500*ର
ଆହୁରି ଅନେକ ଆନନ୍ଦମୟ ଡିସ୍‌କାଉଣ୍ଟ୍ ଆଲିଆନ୍‌ସ ପାର୍ଟ୍‌ଣ୍ଣର* ତରଫରୁ
HONDA
joyclub
BEST DEAL HONDA
Buy. Sell. Exchange
ALWAYS WEAR HELMET WHILE RIDING
Also available:
Annual Maintenance Contract**
Road Side Assistance**
Engine Health Assurance**
Follow us on
GET IT ON Google play
Download on the App Store
or visit www.hondajoyclub.com for registration
ହୋଣ୍ଡା ହିଁ HONDA
*Joy Club has a membership fee. Customer Helpline Number 1800 5322 555. Terms & conditions apply. The product pictures are indicative of the offers and may not match with the actual products. Offer valid for HMSI customers only. Quantity restrictions apply. Statutory exclusions of product apply. HMSI reserves the right to withdraw, change or modify the terms & conditions as well as offers any time without any prior notice. Free wash and free pick-up & drop are available against redemption. Partners benefits are at sole discretion of the respective brand and can differ or be withdrawn without any prior notice. Disputes, if any, are subject to jurisdiction of courts in Delhi. Offers applicable in company's authorised network only. **Condition apply.
Honda Motorcycle and Scooter India Pvt. Ltd., Registered Office: Commercial Complex II, Sector - 49 - 50, Golf Course Extension Road, Gurugram - 122018 (Haryana), India; Website: www.honda2wheelersindia.com; Customer Care: customercare@honda2wheelersindia.com

ସ୍ୱାଭାବିକ ଭାବେ ଯେଉଁ କାର୍ଯ୍ୟ କରିବାକୁ ତୁମେ ଇଚ୍ଛା କରୁଛ କର । ମାତ୍ର ତୁମେ ଏକ ଉନ୍ନତ ଉଦ୍ଦେଶ୍ୟ ବା ମନୋଭାବ ନେଇ ସେ କାର୍ଯ୍ୟଟି କର । ପରିସ୍ଥିତିକୁ ପରିବର୍ତ୍ତନ କରିଦେଇପାରେ କେବଳ ତୁମର ମନୋଭାବ । -ଶ୍ରୀମା



# ଜନସ୍ୱାର୍ଥବିରୋଧୀ

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ଏଟିଏମ୍‌ରୁ ଦୈନିକ ଉଠାଣ ସୀମା ୪୦,୦୦୦ ଟଙ୍କାରୁ ୨୦,୦୦୦ ଟଙ୍କାକୁ ହ୍ରାସ କରିଛନ୍ତି । ଭାରତୀୟ ବ୍ୟାଙ୍କିଙ୍ଗ୍ କୋଡ୍ ଓ ମାନକ ପରିଷଦ (ବିସିଏସ୍‌ବିଆଇ)ର ନିୟମ ଅନୁସାରେ ବ୍ୟାଙ୍କର କୌଣସି ବି ସର୍ତ୍ତାବଳିରେ ପରିବର୍ତ୍ତନ କରାଯିବାର ଅନ୍ତତଃ ୩୦ ଦିନ ପୂର୍ବରୁ ଗ୍ରାହକମାନଙ୍କୁ ବିଜ୍ଞପ୍ତି ଜରିଆରେ ଅବଗତ କରାଇବା ଦରକାର । ତେଣୁ ଉକ୍ତ ହ୍ରାସପ୍ରାପ୍ତ ଉଠାଣ ସୀମା ଅକ୍ଟୋବର ୩୧ରୁ କାର୍ଯ୍ୟକାରୀ ହେବ । ନୂଆ ନିୟମ କାର୍ଯ୍ୟକାରୀ ହେବା ପୂର୍ବରୁ ବ୍ୟାଙ୍କ ତା'ର ଶାଖାଗୁଡ଼ିକୁ ଏ ବାବଦରେ ନୋଟିସ୍ ବୋର୍ଡରେ ନୋଟିସ ପ୍ରଦର୍ଶନ କରିବାକୁ ନିର୍ଦ୍ଦେଶ ଦେଇଛି । ଏହି ନୂଆ ନିୟମ କ୍ଲାସିକ୍ ଓ ମେଷ୍ଟ୍ରୋ ଡେବିଟ୍ କାର୍ଡଧାରୀମାନଙ୍କ ପାଇଁ ଲାଗୁ ହେବ । ଯେଉଁମାନଙ୍କର ଅନ୍ୟ ଡେବିଟ୍ କାର୍ଡ, ଯଥା ଏସ୍‌ବିଆଇ ପ୍ଲାଟିନମ୍ ଇଣ୍ଟରନ୍ୟାଶ୍‌ନାଲ ଏବଂ ଏସ୍‌ବିଆଇ ଗୋଲ୍‌ଡ ଡେବିଟ୍ କାର୍ଡ ଅଛି, ସେମାନେ ପୁରୁଣା ହାରରେ ଟଙ୍କା ଉଠାଇ ପାରିବେ । ତେବେ କ୍ଲାସିକ୍ ଓ ମେଷ୍ଟ୍ରୋ ଡେବିଟ୍ କାର୍ଡଧାରୀମାନଙ୍କ ପାଇଁ ବ୍ୟାଙ୍କ ଅତି ନିର୍ଦ୍ଦୟ ଭାବରେ ଏହି ନୂଆ ନିୟମ ଲାଗୁ କରିବାକୁ ଯାଉଛି । ଏସ୍‌ବିଆଇ ହେଉଛି ଦେଶର ବୃହତ୍ତମ ବାଣିଜ୍ୟିକ ବ୍ୟାଙ୍କ, ଯାହାର ୪୨ କୋଟିରୁ ଅଧିକ ଗ୍ରାହକ ଅଛନ୍ତି । କ୍ଲାସିକ୍ ଓ ମେଷ୍ଟ୍ରୋ ଡେବିଟ୍ କାର୍ଡଧାରୀଙ୍କ ସଂଖ୍ୟା ସବୁଠାରୁ ଅଧିକ ହୋଇଥିବାରୁ ଉକ୍ତ ଉଠାଣ ସୀମା ହ୍ରାସର ପ୍ରଭାବ ସର୍ବାଧିକ ଗ୍ରାହକଙ୍କ ଉପରେ ପଡ଼ିବ । ତା'ଛଡ଼ା ଅକ୍ଟୋବର ମାସ ଉଠାଣ ସୀମା ହ୍ରାସ କରିବା ପାଇଁ ସର୍ବୋତ୍କୃଷ୍ଟ ମାସ ନୁହେଁ, କାରଣ ଏହି ପାର୍ବଣ ଋତୁରେ ଲୋକମାନେ ସବୁଠାରୁ ଅଧିକ ଟଙ୍କା ଉଠାଇ ଖର୍ଚ୍ଚ କରିଥାନ୍ତି ।

କମ୍ ସୁବିଧା ଥିବା ଉକ୍ତ କାର୍ଡଗୁଡ଼ିକ ବ୍ୟାଙ୍କର ମୋଟ କାର୍ଡ ସଂଖ୍ୟାର ସିଂହଭାଗ । ଉକ୍ତ ନିର୍ଦ୍ଦୟ କାଟ ହେଉଛି ପାତରଅନ୍ତରମୂଳକ, କାରଣ ଏହି କାର୍ଡଧାରୀ ସ୍ୱଳ୍ପ ଆୟକାରୀ ବର୍ଗଙ୍କ ଦୈନିକ ଉଠାଣ ଆବଶ୍ୟକତା ୨୦,୦୦୦ ଟଙ୍କାରୁ ଅଧିକ ନୁହେଁ ବୋଲି ଯାହା ଧରିନିଆଯାଇଛି, ତାହା ଠିକ୍ ନୁହେଁ । ବ୍ୟାଙ୍କ ଗ୍ରାହକମାନଙ୍କ ମଧ୍ୟରେ ଏପରି ଖୋଲା ପାତରଅନ୍ତର ବନ୍ଦ କରିବା ଦରକାର । ଉକ୍ତ କମ୍ ସୁବିଧା ଥିବା କାର୍ଡଧାରୀଙ୍କୁ ବ୍ୟାଙ୍କ ଅଧିକ ସୁବିଧା ଥିବା କାର୍ଡ ନେବା ପାଇଁ ବାଧ୍ୟକରିବା ନିନ୍ଦନୀୟ । ଏହା ହେଉଛି ଅଧିକ ସୁବିଧା ଥିବା କାର୍ଡ ନେବା ପାଇଁ ସ୍ୱଳ୍ପ ଆୟକାରୀ ଗ୍ରାହକଙ୍କ ଉପରେ ବ୍ୟାଙ୍କର ଏକ ଚାପ ପ୍ରୟୋଗ କୌଶଳ । କାରଣ ଅଧିକ ସୁବିଧା ଥିବା କାର୍ଡ ନେବାକୁ ହେଲେ ଗ୍ରାହକଙ୍କୁ ଅଧିକ ସର୍ବନିମ୍ନ ବାଲାନ୍ସ ରକ୍ଷା କରିବାକୁ ପଡ଼ିବ । ଉକ୍ତ ଜନବିରୋଧୀ ପଦକ୍ଷେପ ସପକ୍ଷରେ ବ୍ୟାଙ୍କ ଯୁକ୍ତି ଦର୍ଶାଇଛି ଯେ, ଏହାଦ୍ୱାରା ଏଟିଏମ୍‌ରେ ହେଉଥିବା ଜାଲିଆତିକୁ ରୋକାଯାଇପାରିବ ଏବଂ ଦେଶରେ ଡିଜିଟାଲ କାରବାର ବୃଦ୍ଧି ପାଇପାରିବ ।

## ଆଜିର ଅର୍ଥନୀତି

ବିଶେଷତଃ ଛୋଟ ସହରଗୁଡ଼ିକରେ ବାସକରୁଥିବା କାର୍ଡ ବ୍ୟବହାରକାରୀମାନେ ବେଶି ଜାଲିଆତିର ଶିକାର ହୋଇଥାନ୍ତି । ସେମାନେ ହେଉଛନ୍ତି ଜାଲିଆତିକାରୀ ଗୋଷ୍ଠୀର ପ୍ରଥମ ଲକ୍ଷ୍ୟ । ଜାଲିଆତିକାରୀମାନେ ବ୍ୟାଙ୍କ ସୁରକ୍ଷା ବ୍ୟବସ୍ଥାକୁ ଭେଦକରି ଏପରି କାମ କରିଥାନ୍ତି । ତେଣୁ ବ୍ୟାଙ୍କର ସୁରକ୍ଷା ବ୍ୟବସ୍ଥାରେ ରହିଥିବା ଦୋଷତ୍ରୁଟି ପାଇଁ ସାଧାରଣ ଗ୍ରାହକଙ୍କୁ ଦଣ୍ଡ ଦେବା ଅନ୍ୟାୟ । ତା'ଛଡ଼ା ଏହି ଜାଲିଆତି କେବଳ ଏଟିଏମ୍‌ରେ ସୀମିତ ନୁହେଁ । ଏପରି କି ଖୁଚୁରା ବିକ୍ରୟ କେନ୍ଦ୍ର (ପିଓଏସ୍)ରେ ଏବଂ ମୋବାଇଲ କାର୍ଡ ସ୍ୱାଇପ୍ ମେଶିନ୍‌ରେ ବି ଏପରି ଜାଲିଆତି ହେଉଛି । ତା'ଛଡ଼ା ଅଧିକାଂଶ ଡେବିଟ୍ କାର୍ଡ ଚୁମ୍ବକୀୟ ଟେପ୍ ପ୍ରଯୁକ୍ତିରେ ତିଆରି, ଯାହାକୁ ସହଜରେ ଜାଲିଆତି କରାଯାଇପାରୁଛି । ଅତ୍ୟାଧୁନିକ ଚିପ୍-ଭିତ୍ତିକ କାର୍ଡ ଏପର୍ଯ୍ୟନ୍ତ ସର୍ବତ୍ର ପ୍ରଚଳିତ ହୋଇନାହିଁ । ପୁରୁଣା କାର୍ଡ ହଟାଇ ତା' ସ୍ଥାନରେ ନୂତନ ଚିପ୍-ଭିତ୍ତିକ କାର୍ଡ ସର୍ବତ୍ର ପ୍ରଚଳିତ ହେବା ପର୍ଯ୍ୟନ୍ତ ବ୍ୟାଙ୍କଗୁଡ଼ିକ ଏପରି କଠୋର ନିଷ୍ପତ୍ତି ନେବା ଉଚିତ ନୁହେଁ, ଯାହା ଏସ୍‌ବିଆଇ ନେଇଛି । ଏହାପୂର୍ବରୁ ସର୍ବନିମ୍ନ ବାଲାନ୍ସ ରକ୍ଷା କରିବା ପାଇଁ ବ୍ୟାଙ୍କର ନିଷ୍ପତ୍ତିକୁ ଗ୍ରାହକମାନେ ପ୍ରବଳ ବିରୋଧ କରିଥିଲେ । ଏହା ମାଧ୍ୟମରେ ବ୍ୟାଙ୍କଗୁଡ଼ିକ କୋଟି କୋଟି ଟଙ୍କା ଆୟ କରିଛନ୍ତି । ଏହି ନୀତି ଦ୍ୱାରା ସବୁଠାରୁ ବେଶି ଲାଭବାନ୍ ହୋଇଛି ଏସ୍‌ବିଆଇ । ବ୍ୟାଙ୍କର ପ୍ରତ୍ୟେକ ସେବା ପାଇଁ ଗ୍ରାହକଙ୍କୁ ଦେୟ ଦେବାକୁ ପଡୁଛି । ଅଧିକରୁ ଅଧିକ ପ୍ରଯୁକ୍ତି ବିଦ୍ୟାର ଉପଯୋଗ ଯୋଗୁ ବ୍ୟାଙ୍କଗୁଡ଼ିକର ପରିଚାଳନା ଖର୍ଚ୍ଚ ହ୍ରାସ ପାଇବା ଫଳରେ ସେମାନେ ଅଧିକ ଲାଭ କରୁଥିବା ଆଶା କରାଯାଏ । ଉଦାହରଣସ୍ୱରୂପ ଦେଶରେ ସ୍ମାର୍ଟଫୋନ୍‌ର ପ୍ରଚଳନ ପରେ ଡିଜିଟାଲ କାରବାର ବୃଦ୍ଧିପାଇଛି । ଏଥି ଯୋଗୁ ଏଟିଏମ୍‌ର ବ୍ୟବହାର ହ୍ରାସପାଇବା ଫଳରେ ବ୍ୟାଙ୍କଗୁଡ଼ିକ ଅନେକ ଏଟିଏମ୍ ବନ୍ଦ କରିବାକୁ ବାଧ୍ୟ ହୋଇଛନ୍ତି । ଏଟିଏମ୍ ସଂଖ୍ୟା କମିବା ଦ୍ୱାରା ତାହାର ପରିଚାଳନାଜନିତ ଖର୍ଚ୍ଚ ମଧ୍ୟ ହ୍ରାସ ପାଇଛି । ଏଣୁ ବ୍ୟାଙ୍କଗୁଡ଼ିକ ସେମାନଙ୍କ ସେବା ଦେୟ ବୃଦ୍ଧି ନ କରି ବରଂ ହ୍ରାସ କରିବା ଉଚିତ । ଏସ୍‌ବିଆଇ ବୃହତ୍ତମ ବ୍ୟାଙ୍କ ହୋଇଥିବାରୁ ଏ ଦିଗରେ ପ୍ରଥମେ ପଦକ୍ଷେପ ନେଇ ଅନ୍ୟମାନଙ୍କ ପାଇଁ ମାର୍ଗଦର୍ଶକ ହେବା ଆବଶ୍ୟକ । କିନ୍ତୁ ଏହା ଓଲଟା କାମ କରିବା ଦୁଃଖର ବିଷୟ ।

## ୨୫ ବର୍ଷ ତଳର ଧରିତ୍ରୀ

**୧୨ ଅକ୍ଟୋବର ୧୯୯୩**

- ବ୍ରିଟେନର ରିଚାର୍ଡ ରବର୍ଟସ ଏବଂ ଆମେରିକାର ଫିଲିପ ମାର୍ପଙ୍କୁ ୧୯୯୩ ବର୍ଷ ସକାଶ ନୋବେଲ ଚିକିତ୍ସାବିଜ୍ଞାନ ପୁରସ୍କାର ।
- ଗ୍ରୀକ୍ ସାଧାରଣ ନିର୍ବାଚନରେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ସମାଜବାଦୀ ନେତା ଆଣ୍ଡ୍ରିୟଜ ପାପାଣ୍ଡ୍ରିଙ୍କ ନେତୃତ୍ୱାଧୀନ ପାସୋକ ପାର୍ଟିର ବିପୁଳ ବିଜୟ ।



ଜନାର୍ଦ୍ଦନ ବନ୍ଦ୍ୟୋପାଧ୍ୟାୟ

# ଭ୍ରଷ୍ଟାଚାରକୁ ପ୍ରୋତ୍ସାହନ

ଗତ ତା୨୭।୯।୨୦୧୮ରିଖର ଏକ ଐତିହାସିକ ସିଦ୍ଧାନ୍ତରେ ସର୍ବୋଚ୍ଚ ନ୍ୟାୟାଳୟ ଦାମ୍ପତ୍ୟ ଜୀବନରେ ପରକୀୟା ପ୍ରୀତିକୁ ଆଇନସିଦ୍ଧ ଘୋଷଣା କରିଛନ୍ତି । ଫଳରେ ସମାଜ ଜୀବନରେ ଅଭୂତପୂର୍ବ ନୈତିକ ବିଶୃଙ୍ଖଳା ଘଟିବାର ଆଶଙ୍କା ସୃଷ୍ଟି ହୋଇଛି । ଏହାଦ୍ୱାରା କାଳେ ଦେଶର ନାରୀ ସମାଜ ସ୍ୱାମୀ ଏବଂ ସଂସାରର ପରାଧୀନତା ଶୃଙ୍ଖଳରୁ ମୁକ୍ତ ହୋଇ ପରପୁରୁଷ ସହିତ ଅବାଧ ଯୌନ ଉପଭୋଗର ଆନନ୍ଦ ନେଇ ପାରିବେ- ଯଦିଓ ଭାରତୀୟ ନାରୀମାନେ କେବେ ବି ସ୍ୱାମୀ ଏବଂ ସଂସାରର ସ୍ନେହପ୍ରୀତି ଏବଂ ନୈତିକତାର ବନ୍ଧନକୁ ପରାଧୀନତା ମନେକରିବା ଶୁଣାଯାଇ ନାହିଁ । ସମାଜ ଜୀବନକୁ ଶୃଙ୍ଖଳିତ କରିବା ପାଇଁ କେଉଁ ଆବହମାନ କାଳରୁ ଆରମ୍ଭ ହୋଇଛି ନରନାରୀଙ୍କ ମଧ୍ୟରେ ସୁସଂଗଠିତ ବିବାହ ସମ୍ପର୍କ ଏବଂ ପରିବାର ଜୀବନ । ସେଥିରୁ ହିଁ ମାନବ ସଭ୍ୟତାର ଅନନ୍ତ ପ୍ରଗତିର ଅୟମାରମ୍ଭ । ତେଣୁ ମାନବ ସମାଜର ସମସ୍ତ ସମ୍ପ୍ରଦାୟରେ ବିବାହକୁ ଏକ ପବିତ୍ର ବନ୍ଧନ ବୋଲି ବିଚାର କରାଯାଏ । କେତେକ ସମ୍ପ୍ରଦାୟ ମଧ୍ୟରେ ଏହି ସମ୍ପର୍କ କିଛିଟା ଭଙ୍ଗୁର ଏବଂ ଅସ୍ଥାୟୀ ହେବାର ଦେଖାଯାଏ- ଯେପରି କି ଛାଡପତ୍ର ବା ତିନି ତଲାକ ଇତ୍ୟାଦି । କିନ୍ତୁ ଆର୍ଯ୍ୟ ଭାରତବର୍ଷର ପରମ ଜ୍ଞାନୀ ଋଷିମାନେ ବିବାହ ବନ୍ଧନକୁ ପୂର୍ଣ୍ଣ ମର୍ଯ୍ୟାଦା ପ୍ରଦାନ କରି ସ୍ୱାମୀସ୍ତ୍ରୀ ସମ୍ପର୍କକୁ ଏକ ଚିରନ୍ତନ ରୂପ ଦେଇଛନ୍ତି । ସେମାନେ ଜାଣି ପାରିଥିଲେ ଯେ ଏକାନୁରକ୍ତି, ତୀବ୍ରତା ଏବଂ କ୍ରମାଗତିରେ ହିଁ ମାନବ ଜୀବନର ସୌନ୍ଦର୍ଯ୍ୟ ଏବଂ ସାର୍ଥକତା । ତେଣୁ ସାଧାରଣତଃ ହିନ୍ଦୁ ଦମ୍ପତି କେବେ ବି ପରସ୍ପରଠାରୁ ବିଚ୍ୟୁତ ବା ବିଚ୍ଛିନ୍ନ ହୁଅନ୍ତି ନାହିଁ, ଯାହାକି ଆଜିର ପାଶ୍ଚାତ୍ୟ ସମାଜବିଜ୍ଞାନୀମାନଙ୍କୁ ବିସ୍ମିତ କରୁଛି । ଏଥିପାଇଁ ଅବଶ୍ୟ ଅନେକ ସଂଯମ ରକ୍ଷା କରିବାକୁ ପଡେ, ସହ୍ୟ କରିବାକୁ ପଡେ, ଆତ୍ମତ୍ୟାଗ କରିବାକୁ ପଡେ-ଯାହାକି ଦାମ୍ପତ୍ୟ ପ୍ରେମର ସର୍ବଶ୍ରେଷ୍ଠ ସମ୍ପଦ ।

ଆଜି କ'ଣ ଆମେ ସେହି ଯୁଗ ଯୁଗର ପରମ୍ପରାକୁ ତ୍ୟାଗ କରି ପୁନର୍ବାର ପଶୁବତ୍ ଅସ୍ଥିର ଭଙ୍ଗୁର ଯୌନସମ୍ପର୍କକୁ ଆମନ୍ତ୍ରଣ କରିବାକୁ ଚାହୁଁଛୁ ? ଆମ ସଂସ୍କୃତିରେ କେତେକ ବିଶେଷ ପରିସ୍ଥିତି ଛଡା (ନଷ୍ଟେ ମୃତେ ପ୍ରବ୍ରଜିତେ କ୍ଳୀବେ ଚ ପତିତେ ପତୌ । ପଞ୍ଚସ୍ୱାପସ୍ତୁ ନାରୀଣାଂ ପତିରନ୍ୟୋ ବିଧିୟତେ ।।) ସ୍ତ୍ରୀମାନଙ୍କର ପତ୍ୟନ୍ତର ଗ୍ରହଣ ବା ସ୍ୱାମୀଙ୍କଠାରୁ ବିଚ୍ୟୁତ ହେବାର ବ୍ୟବସ୍ଥା ନାହିଁ । ମୃତ୍ୟୁ ପରେ ମଧ୍ୟ ବିବାହିତା ନାରୀ ସ୍ୱାମୀଙ୍କର ସପିଣ୍ଡମାନଙ୍କ ମଧ୍ୟରେ ପିତୃଲୋକରେ ସ୍ଥାନ ପାଇଥାନ୍ତି । କାଳକ୍ରମେ ପାଶ୍ଚାତ୍ୟ ସଂସ୍କୃତିର ଅନୁକରଣରେ ଆମ ଦେଶରେ ମଧ୍ୟ ଛାଡପତ୍ର ଆଇନ ପ୍ରବର୍ତ୍ତିତ ହୋଇଛି । କିଛିବର୍ଷ ତଳେ ସର୍ବୋଚ୍ଚ ନ୍ୟାୟାଳୟ ଆମ ସମାଜରେ ସହବାସୀ ସମ୍ପର୍କ, ଅର୍ଥାତ୍ ବିବାହ ନ କରି ମଧ୍ୟ ଯୁବତୀଯୁବକ ଏକତ୍ର ବାସ କରି ଯୌନସମ୍ପର୍କ ରକ୍ଷା କରିବାକୁ ଆଇନସିଦ୍ଧ କରିଛନ୍ତି ଏବଂ ଏହାର ପରିଣତିକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କିଛିଦିନ ତଳେ ଗୋଟିଏ ସିଦ୍ଧାନ୍ତ ଆସିଲା ଯେ ପ୍ରାପ୍ତବୟସ୍କ ଯୁବକ-ଯୁବତୀ ଅବୈଧ ଏବଂ ଅନୈତିକ ସମ୍ପର୍କ ରକ୍ଷାକଲେ ମଧ୍ୟ ମାତାପିତା କିମ୍ବା ଗୁରୁଜନମାନେ ସେମାନଙ୍କୁ ବାଧା ଦେଇ ପାରିବେ ନାହିଁ । ଆଇନ ବଳରେ ଦଣ୍ଡିତ ହେବେ । ଏହାଦ୍ୱାରା ନିଜର ରକ୍ତସମ୍ପର୍କ ଅଥବା ଜ୍ଞାତିକୁଟୁମ୍ବଙ୍କ ମଧ୍ୟରେ ଯୁବତୀଯୁବକମାନେ ପଶୁବତ୍ ଯୌନସମ୍ପର୍କ ରକ୍ଷାକଲେ ସେମାନଙ୍କୁ ବାଧା ଦେବାକୁ କେହି ନାହିଁ । ଯଦିଓ ଏହା ଫଳରେ ଇନ୍‌ବ୍ରିଡିଂଜନିତ ରକ୍ତଦୂଷଣ ଘଟି ସେମାନଙ୍କର ବଂଶ କ୍ଷୟ ହୋଇଯିବାର ସମ୍ଭାବନା ଅଛି । ସେହିପରି ସମଲିଙ୍ଗୀ ସମ୍ପର୍କକୁ ଆଇନସିଦ୍ଧ କରି ବିକୃତ ଯୌନାଚାରକୁ ପ୍ରୋତ୍ସାହିତ କରାଯାଇଛି । ଆଧୁନିକତା ନାମରେ ଏ ସମସ୍ତ ବ୍ୟବସ୍ଥାକୁ ଆପଣେଇବା ଦ୍ୱାରା ଆମର ସମାଜ ଏବଂ ପରିବାର ଜୀବନ କିପରି ଅନ୍ଧତମସାର ଅତଳ ଗହ୍ୱରକୁ ଚାଲିଯାଉଛି ତାହା ଭାବି ଦେଖିବାକୁ ଆମର ହୋସ ନାହିଁ । ଆମ ସମ୍ବିଧାନରେ ପ୍ରଦତ୍ତ ମୌଳିକ ଅଧିକାର ବା ବ୍ୟକ୍ତି ସ୍ୱାଧୀନତାକୁ ଅସ୍ତ୍ର କରି କ୍ରମାଗତ ଭାବରେ ଆମର ଐତିହ୍ୟ, କୃଷ୍ଟି ଏବଂ ନୈତିକ ଜୀବନ ଉପରେ ଆକ୍ରମଣ ହୋଇଚାଲିଛି । କିନ୍ତୁ ଏକଥା ସମସ୍ତଙ୍କୁ ଜଣା ଯେ ଆମର ସମ୍ବିଧାନ ଦେଶର ଜନଜୀବନକୁ ଭିତ୍ତିକରି ରଚିତ ହୋଇନାହିଁ । ପରାଧୀନ ଭାରତବର୍ଷର ଇଣ୍ଡିଆ ଆକ୍ଟ ୧୯୩୫ ଏବଂ କାନାଡ଼ା ପ୍ରଭୃତି କେତେକ ଦେଶର ସମ୍ବିଧାନରୁ ବିଭିନ୍ନ ଧାରା ଉଧାର କରି ଆମର ସମ୍ବିଧାନ ପ୍ରଣୀତ ହୋଇଛି । ମୁଖ୍ୟତଃ ଶାସନ ବ୍ୟବସ୍ଥା ପରିଚାଳନା ପାଇଁ ଗଣତନ୍ତ୍ରର ଉଦ୍ଦେଶ୍ୟ ହେଲା ଜନଜୀବନର ମଙ୍ଗଳ ସାଧନ କରିବା- ବ୍ୟକ୍ତି ସ୍ୱାଧୀନତା ଆଳରେ ସ୍ୱେଚ୍ଛାଚାରିତା, ଅନୈତିକତା ଏବଂ ଅବାଧ ଯୌନାଚାରକୁ ପ୍ରଶ୍ରୟ ଦେବାକୁ ପ୍ରକୃତ ଗଣତନ୍ତ୍ର କୁହାଯାଇ ନ ପାରେ । ସମ୍ବିଧାନରେ କେତେ ପରିବର୍ତ୍ତନ ହୋଇଛି, ପୁଣି କେତେ ପରିବର୍ତ୍ତନ ହୋଇପାରେ । କିନ୍ତୁ ଆମର ସୁପ୍ରାଚୀନ ସଂସ୍କାରଗୁଡିକ ହଜାର ହଜାର ବର୍ଷ ଧରି ମଣିଷର ବାସ୍ତବ ଜୀବନର ଅଭିଜ୍ଞତା ଉପରେ ଗଢିଉଠିଛି, ବ୍ୟକ୍ତି ତଥା ସମଷ୍ଟି ଜୀବନକୁ ମଙ୍ଗଳ ପଥରେ ପରିଚାଳିତ କରିବା ପାଇଁ । ସେଗୁଡିକ ସବୁ ପରୀକ୍ଷିତ ସତ୍ୟ, ଯାହାକୁ ଦେଶ ଏବଂ ସମାଜର ଅଲିଖିତ ସମ୍ବିଧାନ କୁହାଯାଇପାରେ । ବ୍ରିଟିଶ ସାହେବମାନେ ମଧ୍ୟ ଆମର ସାମାଜିକ ଏବଂ ଧାର୍ମିକ ନୀତିନିୟମ ତଥା ଐତିହ୍ୟ ଏବଂ ପରମ୍ପରାକୁ ସମ୍ମାନ ଦେଉଥିଲେ । ତେଣୁ ଉପଯୁକ୍ତ ଭାବରେ ସେଗୁଡିକର ଭଲମନ୍ଦ ବିଚାର ନ କରି ଚୁଟ୍‌କିରେ ଉଡେଇଦେବା ଦାୟିତ୍ୱଶୀଳତାର ପରିଚାୟକ ନୁହେଁ ।

ଆଉ ଗୋଟିଏ କଥା ହେଲା ବିବାହବନ୍ଧନ ବାହାରେ କେହି ଯେବେ ଅନ୍ୟ ପୁରୁଷ ବା ସ୍ତ୍ରୀ ସହିତ ଶାରୀରିକ ସମ୍ପର୍କ ରକ୍ଷା କରିବାକୁ ଇଚ୍ଛୁକ ତେବେ ସେ ପ୍ରଥମେ ପୂର୍ବ ସ୍ୱାମୀ କି ସ୍ତ୍ରୀଙ୍କୁ ଛାଡପତ୍ର ଦେଇ ନୂତନ ବିବାହ କରିପାରେ କିମ୍ବା ଆଇନର ସହାୟତା ନେଇ ଲିଭ୍-ଇନ୍ ସମ୍ପର୍କ ସ୍ଥାପନ କରିପାରେ । ସେଥିପାଇଁ ଅବୈଧ ଏବଂ ଗୋପନ ପରକୀୟା ପ୍ରୀତିକୁ ଆଇନସିଦ୍ଧ କରିବାର ଆବଶ୍ୟକତା କ'ଣ ଅଛି ବୁଝି ହେଉନାହିଁ । ଏହାଦ୍ୱାରା ଯେଉଁ ପାରିବାରିକ ହିଂସା ଏବଂ ବିଶୃଙ୍ଖଳା ସୃଷ୍ଟି ହେବ ସେ କଥା ମଧ୍ୟ ଭାବି ଦେଖିବା ଉଚିତ । ପରକୀୟା ପ୍ରୀତି ଏକପ୍ରକାର ବିଶ୍ୱାସଘାତକତା ଏବଂ ଚୌର୍ଯ୍ୟବୃତ୍ତି ସହିତ ସମାନ । ଏହାକୁ ଯଦି ଆମେ ଆଇନସିଦ୍ଧ କରିପାରୁ ତେବେ ଚୋରି, ଘୁଷ୍‌ଖୋରି, କଳାବଜାରୀ ଏବଂ ଜାଲିଆତିକୁ ମଧ୍ୟ ଆଇନସିଦ୍ଧ କରିବାରେ ଅସୁବିଧା କ'ଣ ? ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି- 'ଘୃଣା, ଲଜ୍ଜା, ଭୟରେ ଗୋପନୀୟତା ଯେଉଁଠି ସେହିଠାରେ ହିଁ ଦୁର୍ବଳତା, ସେହିଠାରେ ହିଁ ପାପ ।' ଏହାର ପରିଣାମସ୍ୱରୂପ ସମାଜରେ ଅବୈଧ ବା ଜାରଜ ସନ୍ତାନ ଏବଂ ଅପଜାତକମାନଙ୍କ ସଂଖ୍ୟା ବୃଦ୍ଧି ପାଇ ଅଚିରେ ଦେଶକୁ ରସାତଳକୁ ନେଇଯିବ ।

ଅପରପକ୍ଷରେ ଏହାଦ୍ୱାରା ଦାମ୍ପତ୍ୟ ଜୀବନରେ ମହିଳାମାନେ ହିଁ ବେଶି କ୍ଷତିଗ୍ରସ୍ତ ହେବେ । କାରଣ ପୁରୁଷମାନେ ସାଧାରଣତଃ ବହିର୍ମୁଖୀ ଏବଂ ବହୁଗମନପ୍ରବଣ ହୋଇଥାନ୍ତି । ପରକୀୟା ପ୍ରୀତି ଆଇନସିଦ୍ଧ ହେବାଦ୍ୱାରା ଲମ୍ପଟ ଚରିତ୍ରର ବ୍ୟକ୍ତିମାନେ ସେମାନଙ୍କର ପତିବ୍ରତା ସ୍ତ୍ରୀମାନଙ୍କ ସହିତ ବିଶ୍ୱାସଘାତକତା କରିବାକୁ ଅଧିକ ସାହସ ପାଇବେ । ସେମାନଙ୍କ ଉପରେ ସମାଜ ବା ଆଇନର କୌଣସି ଅଙ୍କୁଶ ରହିବ ନାହିଁ । ଅବଶ୍ୟ ଏହାକୁ ଭ୍ରଷ୍ଟାଚାର ବିଚାର କରି ସ୍ତ୍ରୀ ସ୍ୱାମୀଙ୍କଠାରୁ ଛାଡପତ୍ର ନେବାର ବ୍ୟବସ୍ଥା ରହିଛି । କିନ୍ତୁ ତଦ୍ୱାରା ଲାଭ କ'ଣ ହେବ ? ସାଧାରଣ ମଧ୍ୟବିତ୍ତ ପରିବାରର ସ୍ତ୍ରୀଟିଏ କ'ଣ ସ୍ୱାମୀଙ୍କୁ ଛାଡପତ୍ର ଦେଇ ଆଉ କାହାକୁ ବିବାହ କରିପାରିବ ? ତେବେ ଆଶାର କଥା ଏହି ଯେ ଆମ ସମାଜର ଯୁଗ ଯୁଗର ଆଦର୍ଶବୋଧ, ଚିରାଚରିତ ସଂସ୍କାର ଏବଂ ନୈତିକତାବୋଧ ଏତେ ଦୃଢ ଯେ ଲିଭ୍-ଇନ୍ ବ୍ୟବସ୍ଥା ଯେପରି ସମାଜର ମୂଳ ସ୍ରୋତ ଉପରେ କୌଣସି ପ୍ରଭାବ ପକାଇପାରି ନାହିଁ, ସେହିପରି ପରକୀୟା ପ୍ରୀତି ଆଇନସିଦ୍ଧ ହେଲେ ମଧ୍ୟ ଆମ ସମାଜର ଦୃଢ ଆଦର୍ଶବୋଧ ନିକଟରେ ତାହା ପ୍ରଭାବହୀନ ହୋଇଯିବ । ତଥାପି ସମ୍ବିଧାନର ବ୍ୟକ୍ତି-ସ୍ୱାଧୀନତାକୁ ଆଳ କରି ଆମର କୃଷ୍ଟି, ପରମ୍ପରା ଏବଂ ସମାଜର ନୈତିକ ଆଦର୍ଶବୋଧ ଉପରେ ଯେଉଁ କ୍ରମାଗତ ଆକ୍ରମଣ ହୋଇଚାଲିଛି ଦେଶର ପାର୍ଲାମେଣ୍ଟ ନିଜର ସାର୍ବଭୌମ କ୍ଷମତା ପ୍ରୟୋଗ କରି ତାହା ଉପରେ ଅଙ୍କୁଶ ଲଗାଇବାର ସମୟ ଆସିଛି । ପ୍ରୟୋଜନ ହେଲେ ଦେଶର ସମ୍ବିଧାନରେ ମଧ୍ୟ ଆବଶ୍ୟକ ସଂଶୋଧନ ଆଣିବା ସମୀଚୀନ ହେବ ।

ପ୍ଲଟ ନଂ.୫୦୬, ନୟାପଲ୍ଲୀ, ଭୁବନେଶ୍ୱର,
ମୋ-୯୪୩୭୨୮୭୯୬୪



ନାରାୟଣ ଚନ୍ଦ୍ର ବିଶ୍ୱାଳ

# ଆଇନଜୀବୀ ଆନ୍ଦୋଳନ

ଓଡ଼ିଶାର ନ୍ୟାୟପାଳିକା ଇତିହାସରେ ପ୍ରଥମଥର ପାଇଁ ଦୀର୍ଘଦିନ ଧରି ଆଇନଜୀବୀ ଆନ୍ଦୋଳନ ଚର୍ଚ୍ଚିତ ଘଟଣା ହୋଇଛି । ଅଗଷ୍ଟ ୨୯ରୁ ଆଇନଜୀବୀଙ୍କ ଆନ୍ଦୋଳନ କ୍ରମାଗତ ଭାବେ ଚାଲିଥିବାରୁ ନ୍ୟାୟପାଳିକାରେ ଏକପ୍ରକାର ଅଚଳାବସ୍ଥା ଜାରି ରହିଛି । ପୋଲିସ ଓ ଆଇନଜୀବୀଙ୍କ ବଚସା ଘଟଣା ଅତ୍ୟନ୍ତ ଦୁଃଖଦାୟକ । ଗଣତନ୍ତ୍ରର ପ୍ରମୁଖ ଓ ଶକ୍ତିଶାଳୀ ସ୍ତମ୍ଭ ନ୍ୟାୟପାଳିକାରେ ଯେଉଁପରି ଘଟଣା ଘଟୁଛି ତାହା ଲୋକଙ୍କୁ ଆହତ କରୁଛି । ଆଇନ ଓ ନ୍ୟାୟ ବିଚାରରେ ଯେଉଁ ଧାରା ଓ ବ୍ୟବସ୍ଥା ରହିଛି ତାହା ବଜାୟ ରହୁ । ଦୋଷୀ ନିଶ୍ଚିତ ଭାବରେ ଦଣ୍ଡିତ ହୁଅନ୍ତୁ । ଆମେ ଏହି ଲେଖା ମାଧ୍ୟମରେ ନ୍ୟାୟପାଳିକା ବା ଆଇନଜୀବୀଙ୍କ ଅସମ୍ମାନ କରୁନାହୁଁ ବା ସେମାନଙ୍କ କାର୍ଯ୍ୟଧାରା ଉପରେ ପ୍ରଶ୍ନ ମଧ୍ୟ ଉଠାଉନାହୁଁ । ଅତ୍ୟନ୍ତ ନମ୍ରତାର ସହିତ କହୁଛୁ, ବିଳମ୍ବିତ ନ୍ୟାୟ ପାଉଥିବାରୁ କେବଳ ଓଡ଼ିଶା ନୁହେଁ ଭାରତର ଅନେକ ପ୍ରସଙ୍ଗ ଲୁଚିଯାଉଛି ଓ ବିଳମ୍ବିତ ନ୍ୟାୟ ବିଡ଼ମ୍ବିତ ନ୍ୟାୟ ଭାବେ ସାଧାରଣରେ ମତ ପ୍ରକାଶ ପାଉଛି । ରାସ୍ତାରେ ଗାଡ଼ି ଦୁର୍ଘଟଣା ଓ ଏହି ଘଟଣାକୁ ସରଜମିନ୍ ତଦନ୍ତ କରିବାକୁ ଯାଇଥିବା ପୋଲିସ ଜନୈକ ଆଇନଜୀବୀଙ୍କୁ ମାଡ଼ ମାରିବା ଓ ଏହାର ଭିଡ଼ିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ଘଟଣାର ରୂପ ଗୁରୁତର ହୋଇଥିଲା । ଏସବୁ ଭିତରେ ଗତ ୨୭ ତାରିଖରେ ମାନବ୍ୟର ସୁପ୍ରିମ୍‌କୋର୍ଟ ଅଭିଜିତ୍ ଆୟର ମିତ୍ର ମାମଲାରେ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ୍ ଓ ଅନ୍ୟ ଆଇନଜୀବୀ ସଂଘଗୁଡ଼ିକୁ ଆନ୍ଦୋଳନରୁ ନିବୃତ୍ତ ରହି କାର୍ଯ୍ୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ହେଲେ ମାନ୍ୟବର ସୁପ୍ରିମ୍‌କୋର୍ଟ ଏକପାଖିଆ ଭାବରେ ବିଚାରକରି ଆଇନଜୀବୀଙ୍କ ଆବେଦନ ଶୁଣି ନ ଥିବାରୁ ଓଡ଼ିଶାରେ ଆନ୍ଦୋଳନରତ ଆଇନଜୀବୀମାନେ ଆନ୍ଦୋଳନରୁ ଓହରିଲେ ନାହିଁ । ଅଭିଯୁକ୍ତ ପୋଲିସ କର୍ମଚାରୀ ଗିରଫ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଘୋଷଣା ହୋଇଛି । ଭାରତର ବାର୍ କାଉନ୍‌ସିଲ ଅଫ୍ ଇଣ୍ଡିଆ ଓଡ଼ିଶା ଆଇନଜୀବୀଙ୍କ ଆନ୍ଦୋଳନକୁ ସମର୍ଥନ କରି ଦୋଷୀ ପୋଲିସ ଅଧିକାରୀଙ୍କୁ ଗିରଫ କରିବାକୁ ଓଡ଼ିଶା ସରକାରଙ୍କୁ ମାନ୍ୟବର ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦିଅନ୍ତୁ ବୋଲି ସେମାନଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ।

ପ୍ରତିଟି ଭାରତୀୟ ନାଗରିକଙ୍କ ମୌଳିକ ଅଧିକାର ରହିଛି । ନିଜ ସମସ୍ୟା, ଅସୁବିଧା ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ ପାଇଁ ବ୍ୟବସ୍ଥିତ ଢଙ୍ଗରେ ପ୍ରତିବାଦ କରିବାର ଅଧିକାର ମଧ୍ୟ ରହିଛି । ଜଣଙ୍କ ଅଧିକାର କ୍ଷୁଣ୍ଣ ହେଲେ ପୋଲିସ ଓ ନ୍ୟାୟାଳୟର ସହଯୋଗ ନେବା ପାଇଁ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଉଲ୍ଲେଖ ରହିଛି । କିନ୍ତୁ ଯେଉଁମାନେ ଆମ ସମସ୍ତଙ୍କର ନ୍ୟାୟ ଭରସାର ଆଶା ଓ ବିଶ୍ୱାସ ସେମାନେ ଯେତେବେଳେ ନିଜ ସମସ୍ୟାକୁ ନେଇ ଆନ୍ଦୋଳନରତ ହୋଇଛନ୍ତି ସେତେବେଳେ ନ୍ୟାୟ ବିଚାର ପାଇଁ ଆଶାୟୀମାନଙ୍କ ଅବସ୍ଥା କ'ଣ ହେଉଥିବ ତାହା ଅନୁମେୟ । ଆଇନଜୀବୀଙ୍କ କୋର୍ଟ ବର୍ଜନ ଆନ୍ଦୋଳନ ଯୋଗୁ ୪୦ରୁ ଊର୍ଦ୍ଧ୍ୱ ଦିନ ହେବ ହାଇକୋର୍ଟ ସମେତ ସମଗ୍ର ନିମ୍ନ ଅଦାଲତରେ ଅଚଳାବସ୍ଥା ଲାଗିରହିଛି ଏବଂ ସ୍ଥାନୀୟ ସରକାରୀ କାର୍ଯ୍ୟାଳୟ ମଧ୍ୟ ଏ କ୍ଷେତ୍ରରେ ଗୁରୁତର ଭାବେ ପ୍ରଭାବିତ ହୋଇଛି । ଆଇନଜୀବୀମାନେ କିଛି ଦିନ ପାଇଁ ଅଦାଲତ ସମେତ ଅଦାଲତ ସନ୍ନିକଟ ବ୍ୟାଙ୍କ, ଟ୍ରେଜେରି, ଆର୍‌ଟିଓ ଅଫିସ, କଲେକ୍ଟର ଅଫିସ ଓ ଅନ୍ୟାନ୍ୟ ଅନୁଷ୍ଠାନକୁ ବନ୍ଦ କରିଥିଲେ । ପରବର୍ତ୍ତୀ ସମୟରେ ବ୍ୟାଙ୍କ ଓ ଟ୍ରେଜେରିକୁ ଏଥିରୁ ମୁକ୍ତ କରି ଲୋକମାନଙ୍କ ସୁବିଧା ସୁଯୋଗରେ ସହାୟକ ହୋଇଥିଲେ ।

ହାଇକୋର୍ଟଙ୍କ ୱେବ୍‌ସାଇଟ୍‌ର ତଥ୍ୟ ଅନୁଯାୟୀ ୨୦୧୮ ସେପ୍ଟେମ୍ବର ୨୯ ତାରିଖ ସୁଦ୍ଧା ହାଇକୋର୍ଟରେ ୧ଲକ୍ଷ ୭୧ ହଜାର ୭୬୨ଟି ମାମଲା ବିଚାରାଧୀନ ରହିଛି । ଏହା ଭିତରେ ନିୟମିତ ଜାମିନ ଆବେଦନ ଯାଚିକାର ସଂଖ୍ୟା ହେଉଛି ୩୭୪୧ । ଚୌଦ୍ୱାର ଜେଲରେ ୭୨୮ଜଣ ବନ୍ଦୀ ରହିବା ବ୍ୟବସ୍ଥା ରହିଛି । କିନ୍ତୁ ଆନ୍ଦୋଳନ ଯୋଗୁ ବର୍ତ୍ତମାନ ଏମାନଙ୍କ ସଂଖ୍ୟା ବଢ଼ି ଯାଉଥିବାରୁ ଜେଲ ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ୬ ତାରିଖ ତଥ୍ୟ ଅନୁଯାୟୀ ଚୌଦ୍ୱାର ଜେଲରେ ୧୨୦୨ ଜଣ ବନ୍ଦୀ ରହିଛନ୍ତି । ଆଇନଜୀବୀଙ୍କ ଆନ୍ଦୋଳନ ଯୋଗୁ ଅଦାଲତରେ ଗିରଫ ହୋଇଥିବା ବ୍ୟକ୍ତିଙ୍କ ପକ୍ଷରୁ ଜାମିନ ଆବେଦନ କରାଯାଇପାରୁନାହିଁ ଓ ବିଭିନ୍ନ କୋର୍ଟରେ ନିୟମିତ ଜାମିନ ଆବେଦନଗୁଡ଼ିକର ଶୁଣାଣି ମଧ୍ୟ ହୋଇପାରୁନାହିଁ । ଛୋଟମୋଟ ଅପରାଧ କରିଥିବା ଅଭିଯୁକ୍ତମାନେ ମଧ୍ୟ ଜାମିନ ପାଇବାକୁ ସକ୍ଷମ ହେଉନାହାନ୍ତି ।

ଓଡ଼ିଶାରେ ଥିବା ଜେଲରେ ୧୮,୦୦୦ କଏଦୀଙ୍କ ପାଇଁ ବନ୍ଦୋବସ୍ତ ଥିବାବେଳେ ବର୍ତ୍ତମାନ ଏହି ସଂଖ୍ୟା ୨୫,୦୦୦ରୁ ଊର୍ଦ୍ଧ୍ୱ ହେଲାଣି । ସେହିପରି ପାର୍ବଣ ପୂର୍ବରୁ ପୋଲିସ ପ୍ରଶାସନ ଶାନ୍ତିଶୃଙ୍ଖଳା ରଖିବା ପାଇଁ ପୂର୍ବରୁ ଅଭିଯୁକ୍ତ ଓ ପେସାଦାର ଅଭିଯୁକ୍ତଙ୍କୁ ଧରିଥାନ୍ତି । ତେବେ ବର୍ତ୍ତମାନ ଏମାନଙ୍କ ସଂଖ୍ୟା ଜେଲ ପରିସ୍ଥିତିକୁ ଆହୁରି ବିଗାଡ଼ି ଦେବ ।

ଆଗକୁ ପାର୍ବଣ ଥିବାରୁ ହାଇକୋର୍ଟ ଓ ବିଭିନ୍ନ ନିମ୍ନ ଅଦାଲତରେ ଆଉ ମାତ୍ର ଚାରି ପାଞ୍ଚଟି କାର୍ଯ୍ୟ ଦିବସ ରହୁଛି । ତେବେ ଆଇନଜୀବୀଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରହିଲେ ଜେଲ ପରିସ୍ଥିତି ଗୁରୁତର ହେବା ସହ ସମଗ୍ର ରାଜ୍ୟରେ ନ୍ୟାୟିକ ପ୍ରକ୍ରିୟା ଜଟିଳ ଅବସ୍ଥାରେ ପହଞ୍ଚିବ । ଗଣତନ୍ତ୍ରର ଦୁଇଟି ପ୍ରମୁଖ ଓ ଅପରିହାର୍ଯ୍ୟ ସ୍ତମ୍ଭ ନ୍ୟାୟପାଳିକା ଓ କାର୍ଯ୍ୟପାଳିକା ଦୁଇ ବନ୍ଧୁ ନ ହୋଇ ଦୁଇ ଶତ୍ରୁ ହେଲେ ଆମ୍ଭମାନଙ୍କର ଭାଗ୍ୟ ଓ ଭବିଷ୍ୟତ ଅନ୍ଧାର ଆଡ଼କୁ ମୁହାଁଇବ ନିଶ୍ଚୟ !

କଟିକଟା, ମଙ୍ଗଳପୁର, ଯାଜପୁର,
ମୋ : ୯୪୩୮୨୬୬୬୬୦,
narayanbiswal001@gmail.com

## ଏଇ ଭାରତରେ

ପିଲାମାନେ ଅଳି ଅଝଟ କଲେ କିମ୍ବା ଦୁଷ୍ଟ ହେଲେ ମାତାପିତା ଆକଟ କରିଥାଆନ୍ତି । ପୁଅ କରୁଥିବା ଅନେକ କାର୍ଯ୍ୟକୁ ବାରଣ କରନ୍ତି । ମାତାପିତାଙ୍କ କଥା ମାନିଲେ କନ୍ୟାପୁତ୍ର ସୁଧୁରିଯାଇ ଭଲବାଟକୁ ଫେରିଆସନ୍ତି । କିନ୍ତୁ ପୁଅ ପାଠ ନ ପଢ଼ି ସବୁବେଳେ ଗୁଡି ଉଡାଇବାକୁ ଯାଉଥିବାରୁ ମାତାପିତା ଗାଳି କରିବା ପରେ ଏଥିରେ ପୁଅ ଉତ୍ତ୍ୟକ୍ତ ହୋଇ ବାପା, ମା' ଓ ଭଉଣୀଙ୍କ ଉପରେ ଚରମ ପ୍ରତିଶୋଧ ନେଇଛନ୍ତି । ଏପରି ଏକ ଘଟଣା ନୂଆଦିଲ୍ଲୀରେ ଘଟିଛି । ଅଭିଯୁକ୍ତ ଜଣକ ତାଙ୍କ ପରିବାରକୁ ଉଚିତ ଶିକ୍ଷା ଦେବା ପାଇଁ ଅଗଷ୍ଟ ୧୫ରେ ମନସ୍ଥ କରିଥିଲେ । ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ସୂରଜ (୧୯) ଆଦୌ ପାଠପଢ଼ାରେ ମନ ଦେଉ ନ ଥିଲେ ଏବଂ ମଉଜ ମଜଲିସ୍‌ରେ ଦିନ ବିତାଉଥିଲେ । ଏଥିରୁ ତାଙ୍କୁ ବାରଣ କରିବାରୁ ସେ ପରିବାର ସଦସ୍ୟଙ୍କ ଉପରେ ରାଗ ରଖିଥିଲେ । ସେ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଫେଲ୍ ହୋଇଥିଲେ । ତାଙ୍କ ଘର ନିର୍ମାଣ ଦେଖାଶୁଣା କରିବାକୁ ବାପା ତାଙ୍କୁ କହିବାରୁ ସେ ପାଠପଢ଼ାରେ ସମୟ ଦେଇପାରି ନ ଥିଲେ ବୋଲି ଅନୁଭବ କରିଥିଲେ । ସବୁବେଳେ ପରିବାରଠାରୁ ନିନ୍ଦା ଅପବାଦ ଶୁଣି ନିରାଶ ହୋଇଥିଲେ । ପିତା ସୂରଜଙ୍କୁ ଗୁଡ୍‌ଗାଓଁର ଏକ ବେସରକାରୀ ସଂସ୍ଥାରେ ସିଭିଲ ଇଞ୍ଜିନିୟରିଂରେ ଡିପ୍ଲୋମାରେ ନାମ ଲେଖାଇ ଦେଇଥିଲେ, ଆଉ ଭାବିଥିଲେ ପୁଅ ତାଙ୍କ ଭଳି ଠିକାଦାରି କାମ କରିବ । କିନ୍ତୁ ସୂରଜ ସବୁବେଳେ ଗୁଡି ଉଡାଇବାରେ ମନୋନିବେଶ କରୁଥିଲେ । ପରିବାର ସଦସ୍ୟଙ୍କଠାରୁ ଗାଳି ଶୁଣିବା ଅସହ୍ୟ ହେବା ପରେ ସୂରଜ ମାତା, ପିତା ଏବଂ ଭଉଣୀଙ୍କୁ ହତ୍ୟା କରିଛନ୍ତି । ଅଧମ ପୁତ୍ରର ଏଭଳି କୁକାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳ ଲୋକେ ନିନ୍ଦା କରିଛନ୍ତି ।

## ଚିରନ୍ତନୀ

କେତେ ଶୀତ କେତେ ମଧୁମାସ
ଜୀବନର ଜୟ ପରାଜୟ
ଦୁର୍ଦ୍ଦିନ ଅମା କେତେ ଶତ
ଅନ୍ତରେ କାଟିଥିଲା କ୍ଷତ
ପୌଷର ମନ୍ଦ ମଳୟ
ପ୍ରାଣେ ପୁଣି ବଜାଏ ବଳୟ ।
(ପୌଷ-ମଳୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | D | | E | 9 | | 5 | 6 | 7 | | | 8 | |
| | | 6 | 2 | 3 | C | 0 | | | | | | E | | 9 |
| | | 9 | | | | | 4 | 8 | | | | | | |
| B | 1 | | | A | | | C | | | | | | 5 | |
| | | | 0 | | | | | | | 3 | 4 | B | D | 6 |
| | 8 | E | | | | | | | 0 | | | | 4 | |
| 9 | 2 | A | | | 4 | | | | | B | | | 7 | C |
| | 5 | | 7 | | | 4 | | | | | C | 6 | | 0 |
| | 4 | | | C | | | | | 5 | | 9 | | A | 3 |
| D | | | | | | B | | 9 | | 1 | | | E | |
| 0 | | | | D | | | | | | | 5 | 3 | | |
| | | | 3 | | B | | | | 1 | | D | | | A |
| 6 | | | | 9 | | 8 | | | 7 | A | 0 | | B | |
| | | D | | 0 | | | | A | | C | 8 | 2 | | |
| | | 4 | | 1 | | | E | | 3 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 9 | 4 | 3 | 2 | A | C | 8 | 1 | B | 7 | 0 | E | D | 6 |
| 7 | A | 3 | 4 | 1 | 9 | E | 6 | D | 8 | 2 | C | B | 0 | 5 |
| E | 1 | D | B | 8 | 6 | 5 | 7 | 0 | 3 | 9 | 4 | C | A | 2 |
| 0 | C | 2 | D | E | 7 | 9 | 3 | B | 6 | 5 | A | 1 | 8 | 4 |
| 8 | B | 6 | 5 | 0 | C | 2 | 4 | A | 1 | E | D | 7 | 3 | 9 |
| 6 | E | 8 | A | 9 | 1 | 0 | 2 | 3 | D | 4 | 7 | 5 | C | B |
| 2 | 5 | 9 | 6 | B | D | 1 | C | 4 | 0 | 8 | E | A | 7 | 3 |
| B | 7 | C | 0 | 3 | E | D | 5 | 8 | 9 | A | 2 | 4 | 6 | 1 |
| 1 | 4 | 0 | 7 | 5 | 2 | B | A | E | C | 3 | 6 | D | 9 | 8 |
| 3 | D | A | C | 4 | 8 | 7 | 9 | 6 | 5 | B | 1 | 0 | 2 | E |
| 4 | 0 | 5 | 8 | C | 3 | A | B | 7 | 2 | 1 | 9 | 6 | E | D |
| 9 | 3 | B | 1 | A | 0 | 4 | D | C | E | 6 | 8 | 2 | 5 | 7 |
| D | 2 | E | 9 | 7 | B | 6 | 1 | 5 | A | 0 | 3 | 8 | 4 | C |
| C | 8 | 1 | E | 6 | 4 | 3 | 0 | 2 | 7 | D | 5 | 9 | B | A |
| A | 6 | 7 | 2 | D | 5 | 8 | E | 9 | 4 | C | B | 3 | 1 | 0 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ତିତ୍‌ଲି ପୂର୍ବରୁ ୨୪ ଘଣ୍ଟା ବିଜୁଳିକାଟ

ମହାଶୟ,

ଝଡ଼ବର୍ଷା ଆରମ୍ଭ ହେବା ପୂର୍ବରୁ ବିଦ୍ୟୁତ୍ ଏବଂ ଫୋନ୍‌ସେବା ଯୋଗାଯୋଗର ମୁଖ୍ୟ ମାଧ୍ୟମ । ବିଦ୍ୟୁତ୍ ସେବା ରହିଲେ ଟିଭି ଚାନେଲଗୁଡ଼ିକ ଦ୍ୱାରା ଲୋକେ ତ୍ୱରିତ ସୂଚନା ପାଇପାରନ୍ତି । ହେଲେ ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଆରୁହା ଫିଡରରେ ଥିବା ଚାରବାଟିଆଠାରୁ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଗ୍ରାମକୁ ତିତ୍‌ଲି ପୂର୍ବରୁ ୨୪ ଘଣ୍ଟା ଧରି ବିନା ସୂଚନାରେ ଲାଇନ କାଟି ଦିଆଗଲା । ବିଦ୍ୟୁତ୍ କାଟିବାର କୌଣସି କାରଣ ନ ଥିଲା । ଏଥିନେଇ ସାମାଜିକ ଗଣମାଧ୍ୟମରେ ବ୍ୟାପକ ସମାଲୋଚନା ପରେ ବିଦ୍ୟୁତ୍ ଦିଆଗଲା, ତାହା ପୁଣି ନିୟମିତ ନୁହେଁ । ଯଦି ଝଡ଼ତୋଫାନ ହେବା ପୂର୍ବରୁ ବି ଆମେ ବିଦ୍ୟୁତ୍ ସେବା ଦେଇପାରିବାନି, ତେବେ ରେଡ୍‌ଆଲର୍ଟ, ହାଇଆଲର୍ଟ, ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ ଆଦିର ମାନେ କ'ଣ ?

ସତୀଶ କୁମାର ବିଶ୍ୱାଳ, ଭୁବନପୁର, ଗଡ଼ମଧୁପୁର, ଧର୍ମଶାଳା, ଯାଜପୁର

### ଘରୋଇ ସ୍କୁଲ୍ ଫି ନିର୍ଦ୍ଧାରଣ ବ୍ୟବସ୍ଥା

ଘରୋଇ ସ୍କୁଲମାନଙ୍କରେ ଫି ୧୦ ପ୍ରତିଶତରୁ ଅଧିକ ବୃଦ୍ଧି ହେବ ନାହିଁ ବୋଲି ଖବର ପ୍ରକାଶ ପାଇଛି । ଏବେ କାହିଁକି ବାର୍ଷିକ ସ୍କୁଲ ଫି' ବୃଦ୍ଧି ହେବ, ତା'ର କାରଣ ଜଣାପଡୁନାହିଁ । ଏଇଟା କ'ଣ ଗୃହୀତ ନିୟମ ଯେ, ପ୍ରତିବର୍ଷ ଫି' ବୃଦ୍ଧି କରାଯିବ ? ସରକାର କ'ଣ ପ୍ରତିବର୍ଷ କର୍ମଚାରୀଙ୍କ ବେତନ ବୃଦ୍ଧି କରୁଛନ୍ତି ? କେବେ ବେତନ କମିଶନ ବସି ସୁପାରିସ କଲେ ବେତନ ପୁନଃନିର୍ଦ୍ଧାରଣ କରାଯାଇ ବୃଦ୍ଧି ହେଉଛି । ଘରୋଇ ସ୍କୁଲକୁ ଲଗାମଛଡା କରିଦେଲେ ଶୋଷଣ ବୃଦ୍ଧି ପାଇବ, ଏଥିରେ ସନ୍ଦେହ ନାହିଁ ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

### ଶ୍ରୀମନ୍ଦିର ମଧ୍ୟକୁ ଅଣହିନ୍ଦୁଙ୍କ ପ୍ରବେଶ

ପୁରୀ ଶ୍ରୀମନ୍ଦିର ମଧ୍ୟକୁ ସବୁଧର୍ମର ଲୋକଙ୍କ ପ୍ରବେଶ ପ୍ରସଙ୍ଗକୁ ନେଇ ବହୁ ତର୍କବିତର୍କ ଚାଲିଛି । ଯଦି କୋର୍ଟଙ୍କ ଆଦେଶ ଅନୁଯାୟୀ ଏହା କାର୍ଯ୍ୟକାରୀ ହୁଏ, ତେବେ ରଥଯାତ୍ରା ପର୍ବର ଆଉ ଆବଶ୍ୟକତା ନାହିଁ । ଅତୀତରେ ଯବନ ଶାସକ ମନ୍ଦିରକୁ ଲୁଟ୍ କରୁଥିଲେ । ଠାକୁରଙ୍କୁ ବିଭିନ୍ନ ସ୍ଥାନରେ ଲୁଚାଇ ରଖାଯାଉଥିଲା । ଏବେ ମଧ୍ୟ ଆତଙ୍କବାଦୀଙ୍କ ଉତ୍ପାତ ଓ ଧମକ କମ୍ ନୁହେଁ । ତେଣୁ ସୁରକ୍ଷା ଓ ଶାସ୍ତ୍ରୀୟ ମତକୁ ଭିତ୍ତିକରି ଅଣହିନ୍ଦୁଙ୍କୁ ମନ୍ଦିର ମଧ୍ୟକୁ ପ୍ରବେଶ ଅନୁମତି ଦିଆ ନ ଯାଉ ।

ଡା. ଦେବଦତ୍ତ ମିଶ୍ର, ରେଡ୍‌କ୍ରସ ରୋଡ୍, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

■ କୁଶନଗୁଡା ଅଙ୍ଗନୱାଡି କର୍ମୀଙ୍କ ବିରୋଧରେ ଅଭିଯୋଗ ଘଟଣା

# ସିଡିପିଓ, ସୁପରଭାଇଜର କଲେ ତଦନ୍ତ

## ନୂତନ ଅଙ୍ଗନୱାଡି କର୍ମୀ ଓ ରୋଷେୟା ନିଯୁକ୍ତି ପାଇଁ ଗାଁ ବୈଠକରେ ନିଷ୍ପତ୍ତି

ନବରଙ୍ଗପୁର,୧୧।୧୦(ବି.ପ୍ର.)



ତଦନ୍ତ ସମୟରେ ଅଙ୍ଗନୱାଡି କେନ୍ଦ୍ର ନିକଟରେ ଉପସ୍ଥିତ ଗ୍ରାମବାସୀ ।

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଅଲାଭଟ୍ଟା ପଞ୍ଚାୟତ ଅଧିନ କୁଶନଗୁଡା ଗାଁର ୱାର୍ଡ ନମ୍ବର ୪ ଓ ୫ରେ ଥିବା ଅଙ୍ଗନୱାଡି କେନ୍ଦ୍ରର କର୍ମୀଙ୍କ ବିରୋଧରେ ହୋଇଥିବା ଅଭିଯୋଗର ଗୁରୁବାର ତଦନ୍ତ କରାଯାଇଛି। ସିଡିପିଓ ବିନୋଦିନି ପଟ୍ଟନାୟକ ଓ ୨ ଜଣ ସୁପରଭାଇଜର ଏନେଇ ଗାଁରେ ହିତାଧିକାରୀ, ୱାର୍ଡ ମେମ୍ବର ହିରାମଣି ଗୌଡ ଓ ଏସଏଚଜିଙ୍କ ସହ ଆଲୋଚନା କରିଥିଲେ। ନୂତନ ଅଙ୍ଗନୱାଡି କର୍ମୀ ଓ ରୋଷେୟା ନିଯୁକ୍ତି କରିବା ପାଇଁ ସିଡିପିଓଙ୍କୁ ସେମାନେ ଅଭିଯୋଗ କରିଥିଲେ । ଗର୍ଭବତୀ, ପ୍ରସୂତି ମା' ଓ ଏସଏଚଜି ସଦସ୍ୟାମାନେ ତଦନ୍ତ କାରୀ ଦଳକୁ ଦସ୍ତଖତ କରି ଦେଇଥିବା ଅଭିଯୋଗରେ ଲିଖିତ ଭାବେ ଦର୍ଶାଇଛନ୍ତି ଯେ, ଅଙ୍ଗନୱାଡି କର୍ମୀ ଓ ସହାୟିକା କାଢି ନୂତନ ନିଯୁକ୍ତି ନହେବା ପର୍ଯ୍ୟନ୍ତ ଅଙ୍ଗନୱାଡି କେନ୍ଦ୍ର ବନ୍ଦ ରହିବ । ସହାୟିକା ଜାନୀ ପରଜା ସମ୍ପ୍ରଦାୟର । ଅଙ୍ଗନୱାଡି କେନ୍ଦ୍ର ଅଧୀନରେ ଅଧିକ ମାତ୍ରାରେ ଗୌଡ ସମ୍ପ୍ରଦାୟର ରହିଛନ୍ତି । ସହାୟିକା ଗରମ ଖାଦ୍ୟ ରନ୍ଧନ କଲେ ଗୌଡ ସମ୍ପ୍ରଦାୟର ହିତାଧିକାରୀ ଖାଇବେ ନାହିଁ । ନୂତନ ସହାୟିକା ନିଯୁକ୍ତି ନହେବା ପର୍ଯ୍ୟନ୍ତ ହିତାଧିକାରୀ ଖାଦ୍ୟ ଖାଇବେ ନାହିଁ ଓ ନେବେ ନାହିଁ ବୋଲି ଜଣାଇଛନ୍ତି । ସୂଚନାଯୋଗ୍ୟ ଯେ, କୁଶନଗୁଡା ଗାଁର ହିତାଧିକାରୀ ଓ ଗ୍ରାମବାସୀ ଜିଲାପାଳଙ୍କୁ ଅଭିଯୋଗ ପରେ ସମାଜ କଲ୍ୟାଣ ଅଧିକାରୀ ନିମାଇ ଚରଣ ସ୍ୱର୍ଣ୍ଣକାର ସିଡିପିଓଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ଭାଜପାର ବିକ୍ଷୋଭ

ଉମରକୋଟ,୧୧।୧୦(ଡି.ଏନ୍.ଏ.)

କେନ୍ଦ୍ର ସରକାର ତେଲ ଦର ଉପରେ ୨ଟଙ୍କା ୫୦ ପଇସା କମାଇଥିବା ବେଳେ ରାଜ୍ୟ ସରକାର ଦର କମାଇ ନ ଥିବାରୁ ଏହାର ପ୍ରତିବାଦରେ ଭାଜପା ପକ୍ଷରୁ ଉମରକୋଟ ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭାଜପା କର୍ମକର୍ତ୍ତାମାନେ ନଗର ପରିକ୍ରମା ସହ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଏକ ସାଧାରଣ ସଭା କରିଥିଲେ। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ରମେଶ ସାହୁ, ରାଜ୍ୟ ଆଦିବାସୀ ମୋର୍ଚ୍ଚା ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ଗଣ୍ଡ, ଜିଲା ଉପ ସଭାପତି ଚନ୍ଦ୍ର ରାଓ, ସମ୍ପାଦକ ଅଶୋକ ପାଢ଼ୀ, ସାଧାରଣ ସମ୍ପାଦକ ସୁରେଶ କୁମାର ଆଚାର୍ଯ୍ୟ. ସି. ଶ୍ରୀନିବାସ ମୂର୍ତ୍ତି, ସନତ ଠାକୁର, ରମେଶ ଦାସ, ପ୍ରବୀଣ ମିସ୍ତ୍ରି ଉପସ୍ଥିତ ଥିଲେ।

# ୧୫.୭୦୦ କେଜି ଗଞ୍ଜେଇ ଜବତ, ୪ ଗିରଫ

ପାପଡାହାଣ୍ଡି,୧୧।୧୦(ଡି.ଏନ.ଏ)



ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମଇଦଲପୁର ହାଟପଦା ନିକଟରୁ ଗୁରୁବାର ଏକ ବୋଲେରୁ ପୋଲିସ ୧୫କେଜି ୭୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଗାଡିରେ ଥିବା ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମଧ୍ୟପ୍ରଦେଶ ବେତୁଲ୍ୟର ଗ୍ରାମର ଦୀପକ ପାବାର, ଅରୁଣ କୁମାର ବଡାନିଆ, ରାଜସ୍ଥାନ ଜୟପୁରର ବଜରଙ୍ଗିଲାଲ ଶର୍ମା, ମହାରାଷ୍ଟ୍ର ଶିବାଜୀ ନଗରର ଗଣେଶ ନାମଦେବ ଚିମକାର। ସେମାନେ ଭୋରୁ ହାଟପଦା ନିକଟରେ ବୋଲେରୋ ସହ ଥିଲେ। ପୋଲିସ ଯାଞ୍ଚ ବେଳେ ଗାଡିରୁ ଗଞ୍ଜେଇ ଜବତ କରିଥିଲା। ଚଢାଉରେ ଆଇଆଇସି ତାରିକ ଅହମ୍ମଦ, ଏସଆଇ ପଞ୍ଚାନନ ପରିଡା, ଏଏସଆଇ ମନ୍ମଥ ଦେହୁରୀ, ଅଜିତ ପାଢୀ, ମନୋଜ ସଗରିଆ ଓ ସୁରେଶ ବାଘ ପ୍ରମୁଖ ସାମିଲ ଥିଲେ। ଥାନାରେ ନଂ .୧୨୦/୧୮ରେ ମାମଲା ରୁଜୁ ହୋଇଛି।

# ମଣ୍ଡଳସ୍ତରୀୟ ସୁରଭି ଉଦଯାପିତ



କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି ।

ନନ୍ଦାହାଣ୍ଡି,୧୧।୧୦(ଡି.ଏନ.ଏ)

ନନ୍ଦାହାଣ୍ଡି ବ୍ଲକର ଡଙ୍ଗରଭେଜାସ୍ଥିତ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦଯାପିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ଗୋଷ୍ଠୀ ଶିକ୍ଷାଧିକାରୀ ରଘୁନାଥ ପାଙ୍ଗୀ ଓ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଧନୁର୍ଯ୍ୟୟ ମାଝି ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ଦହଣା ଅଧିଗୃହୀତ ମଧ ଇଂରାଜୀ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିବା ସହ ନନ୍ଦାହାଣ୍ଡି ବିଦ୍ୟାଳୟ ଦ୍ୱିତୀୟ ଓ ବଡଗାଁ ବିଦ୍ୟାଳୟ ୩ୟ ସ୍ଥାନ ଅଧିକାର କରିଥିଲେ। ଗୌଡ କଣ୍ଟିଗୁଡା ବିଦ୍ୟାଳୟର ଛାତ୍ରୀଛାତ୍ର ସ୍ୱାନ୍ତନା ମୂଳକ ପୁରସ୍କାର ପାଇଥିଲେ। ପ୍ରଥମସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଜିଲାସ୍ତରରେ ଭାଗ ନେବେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଚାଷୀଙ୍କୁ ଘାସ କଟା ଯନ୍ତ୍ର ବଣ୍ଟନ

ଡାବୁଗାଁ,୧୧।୧୦ (ଡି.ଏନ.ଏ.)–

ଡାବୁଗାଁ ବ୍ଲକ ସଦରମହକୁମା ସ୍ଥିତ ଡାବୁଗାଁ ପ୍ରାଣୀ ଚିକିତ୍ସା କେନ୍ଦ୍ର ଠାରେ ଜିଲା ଆଦିବାସୀ ଉନ୍ନୟନ ସଂସ୍ଥା ଆନୁକୁଲ୍ୟରେ ଜିଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ତରଫରୁ ଗୋ–ଚାଷୀଙ୍କୁ ମାଗଣାରେ ଘାସ କଟା ଯନ୍ତ୍ର ଗୁରୁବାର ବଣ୍ଟନ କରାଯାଇଛି। ମୁଖ୍ୟ ଅତିଥି ଭାବେ ବିଡିଓ ଗୌରହରି ପାତ୍ର, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କମଳାକାନ୍ତ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ବିଧୂତ ଶେଖର ମିଶ୍ର, ପ୍ରାଣୀଧନ ନିରିକ୍ଷକ ସୁରେନ୍ଦ୍ର କୁମାର ମାଝୀ ଓ ବିଜୟ କୁମାର ବାରିକ, ପୂର୍ବତନ ସରପଞ୍ଚ ସାଲିମଧର ଭତ୍ରା, କିଶୋର ନାୟକ ଓ ବରୁଣ ଗୌଡ ଉପସ୍ଥିତ ଥିଲେ।






## ସଂକ୍ଷେପରେ

### ନବରାତ୍ର ପୂଜା ଆରମ୍ଭ

ବାଲିମେଳା,୧୧।୧୦(ଡି.ଏନ୍.ଏ.): ମାଲକାନଗିରି ଜିଲା ବାଲିମେଳା ଦୈନିକ ବଜାର ପୂଜା କମିଟି ପକ୍ଷରୁ ନବରାତ୍ର ପୂଜା ଆରମ୍ଭ ହୋଇଛି। ସୁଉଚ୍ଚ ତୋରଣ ସାଙ୍ଗକୁ ରଙ୍ଗବେରଙ୍ଗ ଆଲୋକମାଳାରେ ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ସଜାଯାଇଛି। ସନ୍ଧ୍ୟା ଦର୍ଶନ ନିମନ୍ତେ ବାଲିମେଳା ସହର ସମେତ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ବାଲିମେଳା ଦୈନିକ ବଜାର କମିଟିର ସଭାପତି ଜି. ସଞ୍ଜୀବ ଦୋରା, କୋଷାଧ୍ୟକ୍ଷ ଟି. ଲକ୍ଷ୍ମୀ, ସେକ୍ରେଟାରି ଶୁକ ସ୍ୱାଇଁ, ବଂଶୀ ବରାଡ, ପୂର୍ଣ୍ଣ ଖୋସଲା, ଉମେଶ ବେହେରା, ଗୋବିନ୍ଦ ବେହେରା, ବାବୁ ଖିଲ ଓ କୁନା ବେହେରାଙ୍କ ସମେତ ଅନ୍ୟ ସଦସ୍ୟମାନେ ପୂଜାକାର୍ଯ୍ୟ ପରିଚାଳନା କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଓର୍କେଲ ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

### ବ୍ଲକସ୍ତରୀୟ ଶିଶୁ ମହୋତ୍ସବ

ମାଥିଲି, ୧୧।୧୦ (ଡି.ଏନ୍.ଏ) ମାଲକାନଗିରି ଜିଲା ମାଥିଲି ବ୍ଲକ ସଦରସ୍ଥିତ ପୂର୍ବତନ ବୋର୍ଡ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାଥିଲି ଏବିଇଓ ସତ୍ୟ ଭତ୍ରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମାଥିଲି ଜିଲା ପରିଷଦ ସଭ୍ୟ ବାଲରାଜୁ କପେ ମୁଖ୍ୟଅତିଥି ଓ ମାଥିଲି ବିଆରସିସି ୟେସୁ ଦାସ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଅତିଥିମାନେ ଶିଶୁ ମହୋତ୍ସବର ଉଦ୍ଦେଶ୍ୟ ଏବଂ ଏହାର ପ୍ରସାର ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସିଆରସିସି ରତିକାନ୍ତ ମହାନ୍ତି, ସ୍ୱପ୍ନେଶ୍ୱର ଭଞ୍ଜ, ପ୍ରଶାନ୍ତ କୁମାର ସାହୁ, ନାଗଭୂଷଣ ପଟ୍ଟନାୟକ, ଦିଲୀପ ରାଜୁ, କେଶବ ବେହେରାଙ୍କ ସମେତ ବ୍ଲକର ସମସ୍ତ ସିଆରସିସି, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ଖବରଦାତାଙ୍କ ସୁରକ୍ଷା ନେଇ ଦାବିପତ୍ର



ଟିକିରି,୧୧।୧୦(ଡି.ଏନ୍.ଏ.): ପୁରୀରେ ଖବରଦାତାଙ୍କୁ ଆକ୍ରମଣ ଘଟଣାକୁ ନେଇ କାଶୀପୁର ବ୍ଲକର ପ୍ରେସ୍ ୟୁନିୟନ ତରଫରୁ ବିଡିଓ ଦେବଦତ୍ତ ପ୍ରଧାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅନେକ ସମୟରେ କାର୍ଯ୍ୟରତ ଖବରଦାତାମାନଙ୍କୁ ଆକ୍ରୋଶମୂଳକ ଭାବେ ଆକ୍ରମଣ କରାଯିବା ସହ ଧମକ ମଧ୍ୟ ଦିଆଯାଉଛି। ଫଳରେ ନିଷ୍ପାପର ସହିତ କାମ କରୁଥିବା ଖବରଦାତାଙ୍କର ମନୋବଳ ଭାଙ୍ଗି ଯାଉଛି। କାର୍ଯ୍ୟରତ ଖବରଦାତାଙ୍କ ସୁରକ୍ଷା ଓ ତାଙ୍କ ପରିବାରଙ୍କୁ ସ୍ୱାସ୍ଥ୍ୟ ବୀମା, ଟ୍ରେନ୍ ଯାତ୍ରା ସୁବିଧା ଆଦି ଦାବି କରିଛନ୍ତି। ପ୍ରେସ୍ ୟୁନିୟନର ରାଜେଶ ପାତ୍ର, ଅମୀୟ କୁମାର ଦାଶ, ମହେନ୍ଦ୍ର କୁମାର ସ୍ୱାଇଁ, ଡମ୍ବରୁଧର ବେହେରା, ପ୍ରଫୁଲ୍ଲ ବେହେରା ମଧୁସୂଦନ ନାୟକ , ପି. ମହାନ୍ତି, ଡି. ନାୟକଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

### ଭାଜପାର ପ୍ରଥମ ଜିଲା ସଭାପତିଙ୍କ ପରଲୋକ

ମାଲକାନଗିରି,୧୧।୧୦(ଡି.ଏନ୍.ଏ.): ମାଲକାନଗିରି ଭାଜପାର ପ୍ରଥମ ଜିଲା ସଭାପତି ରାଇଚରଣ ମହାନ୍ତିଙ୍କ ଗୁରୁବାର ୯୦ ବର୍ଷ ବୟସରେ ବିୟୋଗ ଘଟିଛି। ସେ ଦୀର୍ଘ ଦିନ ହେବ ଅସୁସ୍ଥ ଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ଜିଲାମୁଖ୍ୟ ଚିକିତ୍ସାଳୟରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁରେ ପୂର୍ବତନ ଉପବାଚସ୍ପତି ପ୍ରହ୍ଲାଦ ଦୋରା, ମାଲକାନଗିରି ପୂର୍ବତନ ବିଧାୟକ ମୁକୁନ୍ଦ ସୋଡ଼ି, ଜିଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର, ମାଲକାନଗିରି ବିଧାୟକ ମାନସ ମାଡକାମି, ଚିତ୍ରକୋଣ୍ଡା ବିଧାୟକ ଡମ୍ବରୁ ଶିଶା, ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି ଶୋକବ୍ୟକ୍ତ କରିଛନ୍ତି।

## ■ ନୀତି ଆୟୋଗ ଷ୍ଟାଣ୍ଡିଂ କମିଟି ସଦସ୍ୟଙ୍କ ମାଲକାନଗିରି ଗସ୍ତ

# 'ପ୍ରଶାସନ, ଜନତା ଏକାଠି ହେଲେ ବିକାଶ ସମ୍ଭବ'

ମାଲକାନଗିରି, ୧୧।୧୦(ଡି.ଏନ୍.ଏ)



ସମୀକ୍ଷା ବୈଠକରେ ନୀତି ଆୟୋଗ ଷ୍ଟାଣ୍ଡିଂ କମିଟିର ସଦସ୍ୟଙ୍କ ସହ ଅନ୍ୟମାନେ।

ନୀତି ଆୟୋଗ ଷ୍ଟାଣ୍ଡିଂ କମିଟିର ସଦସ୍ୟ ତଥା ପୂର୍ବତନ ରାଜ୍ୟ ସୂଚନା କମିଶନର ଜଗଦାନନ୍ଦ ପଣ୍ଡା ୨ ଦିନିଆ ମାଲକାନଗିରି ଗସ୍ତ କରି ଜିଲାର ବିଭିନ୍ନ ବିଭାଗୀୟ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହ ଉନ୍ନୟନମୂଳକ କାର୍ଯ୍ୟ ସମ୍ବନ୍ଧରେ ସମୀକ୍ଷା କରିଥିଲେ। ଗୋରାଖୁଣ୍ଟା ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ସରପଞ୍ଚ ଏରା ପଡିଆମି, ସମସ୍ତ ୱାର୍ଡସଭ୍ୟ, ବୁଦ୍ଧିଜୀବୀ, ରାଜନୈତିକ ବ୍ୟକ୍ତି ଓ ଶିକ୍ଷକମାନେ ଉପସ୍ଥିତ ଥିଲେ। ସର୍କିଟ ହାଉସ୍‌ରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ ସେ କହିଛନ୍ତି ଯେ, ମାଲକାନଗିରି ଭଳି ଆଦିବାସୀ ଜିଲାରେ ବର୍ତ୍ତମାନ ବିକାଶର ଧ୍ୱନି ଆରମ୍ଭ ହୋଇଛି। ସାମାଜିକ କର୍ମୀ, ପ୍ରଶାସନ ଏବଂ ଜନସାଧାରଣଙ୍କ ମିଳିତ ଉଦ୍ୟମରେ ବିକାଶ ସମ୍ଭବ ବୋଲି ସେ କହିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ ଓ ଭିତ୍ତିଭୂମି ପ୍ରତିଷ୍ଠା ସହ ଜୀବିକା ମିଶନ ଭଳି କାର୍ଯ୍ୟର ମାନଦଣ୍ଡ ବୃଦ୍ଧି କରିବା ନେଇ ସେ ପରାମର୍ଶ ଦେଇଥିଲେ। ପୁଷ୍ଟିକର ଖାଦ୍ୟ, ପାନୀୟଜଳ ଓ ଦକ୍ଷତା ବୃଦ୍ଧି ଭଳି କାର୍ଯ୍ୟକ୍ରମ ଲୋକଙ୍କ ନିକଟରେ ପହଞ୍ଚାଇବାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଭୂମିକା ଗୁରୁତ୍ୱପୂର୍ଣ୍ଣ ବାଲି ସେ କହିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଝାଡଖଣ୍ଡ, ଛତିଶଗଡ, ତେଲେଙ୍ଗାନା, ଓଡିଶା, ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ର ଭଳି ମାଓବାଦୀପ୍ରବଣ ଅଞ୍ଚଳରେ ନୀତି ଆୟୋଗ ଜରିଆରେ ଆକାଂକ୍ଷା ଜିଲା ଚୟନ କରାଯାଇଛି। ଦେଶର ୧୫୭ଟି ଜିଲାକୁ ଏଥିରେ ସାମିଲ କରାଯାଇଛି। ମାଲକାନଗିରି ଭଳି ପଛୁଆ ଜିଲାରେ ବ୍ୟାଙ୍କ ବ୍ୟବସ୍ଥା ଭଲ ନ ଥିବାରୁ ଆଗାମୀ ଦିନରେ ଏହାକୁ ସୁଦୃଢ଼ କରାଯିବ ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ପ୍ରକଳ୍ପ ଅଧିକାରୀ ତଥା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମାନସ ମିଶ୍ର, ଜିଲା ନୀତି ଆୟୋଗ ସଂଯୋଜକ ଦୁର୍ଗାପ୍ରସାଦ ତ୍ରିପାଠୀ ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତାମାନେ ଅଧ୍ୟକ୍ଷଙ୍କ ସହ ବିଭିନ୍ନ ଅଞ୍ଚଳ ଗସ୍ତ କରିଥିଲେ।

## ■ ବିଜେଡିର ଜନସମ୍ପର୍କ ପଦଯାତ୍ରା

# ବିଭିନ୍ନ ଦଳର ୨୪କର୍ମୀ ବିଜେଡିରେ ସାମିଲ



ପଦଯାତ୍ରାରେ ସାମିଲ ହୋଇଥିବା ଦଳୀୟ କର୍ମୀ।

ମାଥିଲି, ୧୧।୧୦ (ଡି.ଏନ୍.ଏ)

ମାଲକାନଗିରି ଜିଲା ମାଥିଲି ବ୍ଲକ ପାଙ୍ଗାମ ପଞ୍ଚାୟତ ଅଧୀନ ପୁରୁଣାଗୁଡା ଗ୍ରାମରେ ଗୁରୁବାର ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ପ୍ରାରମ୍ଭିକ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚିତ୍ରକୋଣ୍ଡା ବିଧାୟକ ଡମ୍ବରୁ ଶିଶା ଅତିଥିଭାବେ ଯୋଗ ଦେଇଥିଲେ। ପୁରୁଣାଗୁଡା ଗ୍ରାମରୁ ସ୍ଥାନୀୟ ଲୋକ ଏବଂ ଶତାଧିକ ବିଜେଡି କର୍ମୀଙ୍କୁ ନେଇ ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା। ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ପଦଯାତ୍ରା ମାଧ୍ୟମରେ ଲୋକଙ୍କୁ ଅବଗତ କରାଯାଇଥିଲା। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସରକାରଙ୍କ ବିକାଶ ଧାରା ପହଞ୍ଚିପାରିଛି। ଲୋକଙ୍କ ପାଇଁ ଗୋଟିଏ ପରେ ଗୋଟିଏ ଜନହିତକର ଯୋଜନା କରିବାରେ ସରକାର ପ୍ରାଧାନ୍ୟ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୋଜନାରେ ଗରିବ ଲୋକେ ଉପକୃତ ହୋଇପାରୁଥିବା ପଦଯାତ୍ରାରେ ମତପ୍ରକାଶ ପାଇଥିଲା। ଏହି ଅବସରରେ କଂଗ୍ରେସରୁ ୨୦ ଓ ଭାଜପାରୁ ୪ ଜଣ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଅବଜରଭର ରାଜେନ୍ଦ୍ର ଆଚାର୍ଯ୍ୟ, ରାଜେନ୍ଦ୍ର ପଣ୍ଡା, କାର୍ଯ୍ୟକାରୀ ସଭାପତି ଗଣେଶ ମଣ୍ଡଳ, ବ୍ଲକ ସାଧାରଣ ସମ୍ପାଦକ ସରୋଜ ସାହୁ, ବିଧାୟକ ପ୍ରତିନିଧି ଭୀମସେନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ନିମ୍ନମାନର ରାସ୍ତା କାମ ନେଇ ଭାଜପାର ଅଭିଯୋଗ

ମାଲକାନଗିରି, ୧୧। ୧୦(ଡି.ଏନ୍.ଏ.)

ମାଲକାନଗିରି ପୌର ପରିଷଦ ବସ୍‌ଷ୍ଟାଣ୍ଡରେ ନିମ୍ନମାନର ରାସ୍ତା ନିର୍ମାଣକୁ ନେଇ ଗୁରୁବାର ଭାଜପା ନିର୍ବାହୀ ଅଧିକାରୀ ଶଶାଙ୍କ ମିଶ୍ରଙ୍କୁ ଦାବିପତ୍ର ଦେଇଛି। ସିସି ରାସ୍ତା ନିର୍ମାଣରେ ଦୁର୍ନୀତି ଏବଂ ନିମ୍ନମାନର କାର୍ଯ୍ୟ ଯୋଗୁ ରାସ୍ତାଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଉକ୍ତ ରାସ୍ତାରେ ଯାନବାହନ ଏବଂ ସାଧାରଣ ଲୋକେ ଯା'ଆସ କରିବାରେ ଅସୁବିଧା ହେଉଛି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। କାର୍ଯ୍ୟନିର୍ବାହୀ ଅଧିକାରୀ ଏହା ଉପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଏହି ସମୟରେ ଦଳର ବିଜୁ ମହାରଣା, ଲଳିତ ମାଡକାମି, ବାଲାଜି ପାଡାଲ, ରାହୁଲ ଟାୱାରି, ମହି ସୁବାସ, ବିଜୟ ମାଝି, ଦିଲୀପ ଦଣ୍ଡପତି ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡିର ଜିଲାସ୍ତରୀୟ ସମାବେଶ

ମାଲକାନଗିରି, ୧୧।୧୦(ଡି.ଏନ୍.ଏ.)

ମାଲକାନଗିରି ନଗର ଭବନରେ ବିଜେଡି ପକ୍ଷରୁ ଏକ ଜରୁରିକାଳୀନ ସମାବେଶ ଅନୁଷ୍ଠିତ ହୋଇଛି। ସାଧାରଣ ସମ୍ପାଦକ ପ୍ରଭାକର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ବିଜେଡି ସଭାପତି ମାନସ ମାଡକାମି, ସହ ସମୀକ୍ଷକ ରାଜେନ୍ଦ୍ର ଆଚାର୍ଯ୍ୟ, ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦ ଅଧ୍ୟକ୍ଷ ଆଡମା ରାବା, କାର୍ଯ୍ୟକାରୀ ସଭାପତି ଗଣେଶ ମଣ୍ଡଳ, ଜିଲା ପରିଷଦ ସଭ୍ୟ ଧନ ତାଙ୍ଗୁଲୁ, ପୂର୍ବତନ ଅଧ୍ୟକ୍ଷା ରାଜଓ୍ବନ୍ତ କୌର ଯୋଗ ଦେଇଥିଲେ। ସରକାରୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଅତିଥିମାନେ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଜିଲାର ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ସଂଯୋଜକ ଭାବେ ରାଜେନ୍ଦ୍ର ପଣ୍ଡା ଓ ମାଲକାନଗିରି ସଂଯୋଜକ ଭାବେ ଧନୁର୍ଜୟ ମାଡକାମିଙ୍କୁ ଦାୟିତ୍ୱ ଦିଆଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧର୍ମରୁ ସୁହୃଦ ନାହିଁ,
ମଡ଼ା ସଙ୍ଗୀର ସଙ୍ଗୀ ନାହିଁ।**

ଧର୍ମ ପଥରେ ଚାଲିଲେ ମନୁଷ୍ୟର ପତନ ହୁଏ ନାହିଁ। ଧର୍ମ ହିଁ ଜୀବନର ପରମ ବନ୍ଧୁ। ମୃତ୍ୟୁ ପରେ ମଧ୍ୟ ଧର୍ମର ବିଲୋପ ଘଟି ନ ଥାଏ। ଏହାର ସୁଫଳ କେବଳ ଏହି ଲୋକରେ ନୁହେଁ ପରଲୋକରେ ମଧ୍ୟ ମିଳିଥାଏ। ସେହିପରି ମୃତ୍ୟୁ ମୁଖରେ ପଡ଼ିଥିବା ବ୍ୟକ୍ତିକୁ ଯେଉଁ ବ୍ୟକ୍ତି କାନ୍ଧ ଦେଇଥାଏ ସେହି ବ୍ୟକ୍ତି ସବୁଠାରୁ ବେଶି ଆତ୍ମୀୟ ବା ଆପଣାର ହୋଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଧରିବାନ୍ଧି ମାରେ ଯେ,
ଗାଁ ସାଆନ୍ତ ଅଟେ ସେ।**

ଯେଉଁ ବ୍ୟକ୍ତି ଦୁର୍ଦ୍ଦାନ୍ତ ବା ଖଳ ପ୍ରକୃତିର ହୋଇଥାଏ କଥା କଥାରେ ମାରଧର କରୁଥାଏ ସେହି ବ୍ୟକ୍ତି ଅନାୟାସରେ ଅନ୍ୟ ଉପରେ ହୁକୁମାତି ଦେଖାଇବାକୁ ସାହସ କରିଥାଏ। ଏପରି ବ୍ୟକ୍ତିଙ୍କୁ ସମସ୍ତେ ଡରିମରି ଯୋଡ଼ ହସ୍ତରେ ରହିବା ସହ ମଥାନତ କରି ତାଙ୍କର ସବୁ ଆଦେଶକୁ ପାଳନ କରିବାକୁ ଉଚିତ ମଣିଥାନ୍ତି। ସେହିପରି ଇଚ୍ଛା ନ ଥିଲେ ମଧ୍ୟ ସବୁ କ୍ଷେତ୍ରରେ ତାଙ୍କୁ ଅଧିକ ପ୍ରାଧାନ୍ୟ ଦେଇଥାନ୍ତି। ବାହୁବଳ ଓ ଟାଣପଣ ଯୋଗୁ ବ୍ୟକ୍ତି ସୁଖସୁବିଧା ଓ କ୍ଷମତା ଉପଭୋଗ କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


**OFFICE OF THE JOINT DIRECTOR (STATISTICS)**
**SOUTHERN RANGE, BERHAMPUR**
Tel— 0680-2281893, Email: jdstatisticssr@gmail.com

**QUOTATION CALL NOTICE**
Advertisement No. 01/ 2018

**No. 13-X:-** Sealed quotations are invited from interested reputed Travel Agencies/Tour Operators or private individuals for providing one Diesel driven vehicle Bolero/ Marshal/Tata Sumo/ Mahindra Max which shall not be more than 3 years old for official use in the office of Joint Director (Statistics), Southern Range, Berhampur on monthly rent basis. The bidders are to quote rate and send their quotation so as to reach the office of the undersigned on or before 12.11.2018 by 3.00 PM by registered/Speed Post. The details of application form of quotation containing general bid information & terms and conditions for hiring of vehicle etc. can be obtain from office of the Joint Director (Statistics), Southern Range, Berhampur, At- Komapalli (Near South Co Office, Berhampur) from 10/10/2018 to 09/11/2018 on any working day during office hour or can be downloaded from the district website www. ganjam chatrapur.nic.in

*Joint Director (Statistics)*
*S.R. Berhampur*

21025/11/0003/1819



**Bhubaneswar Smart City Limited**
**Block-1, II Floor, BMC- Bhawani Mall, Bhubaneswar-751007**

No. 5240 Date: 10.10.2018

**1st Corrigendum to Tender Call Notice vide bid Identification No. 4695/BSCL/ 149/2018, dated 17.09.2018**

**No. 302-C:-** With reference to the Notice Inviting Request for Proposal (RFP) No. 4695/ BSCL/149/2018, dated 17.09.2018 towards Consultancy services for Supervision of all types of Building Projects of Bhubaneswar Smart City Limited the revised schedule of Bidding Process is as follows:

| | | |
|---|---|---|
| 1. | Last date and time for receipt of proposals | 29.10.2018 upto 5.00PM |
| 2. | Last date of receipt of original documents of financial instruments & cover-iii | 30.10.2018 upto 5.00PM |
| 3. | Time and date of opening of technical proposals | 01.11.2018 at 11.30AM |

The revised amended Notice inviting tender along with other documents has published in the e-Procurement portal website http://tendersorissa.gov.in

*Sd./- Chief Executive Officer*
*Bhubaneswar Smart City Limited*

13070/11/0032/1819



**Odisha State Health & Family Welfare Society,**
**Deptt. of Health & Family Welfare, Govt. of Odisha**
**Annex Building of SIH&FW, Nayapalli, Unit-8, Bhubaneswar-751012, District-Khordha (Odisha),**
**Phone/Fax: 0674- 2392480/79**

**Adv. No.: 44/18** **CONTRACTUAL APPOINTMENT** **Date: 11/10.2018**

**No.483-E:-** Applications are invited from eligible candidates for filling up the following posts under National Health Mission, Odisha on contractual basis with monthly remuneration as noted against each and subject to renewal as per OSH&FW Society terms and conditions. The positions are purely temporary and co-terminus with the scheme.

| Sl. No. | Name of the Post | Remuneration (in Rs.), Performance Incentive & other allowances as admissible |
|---|---|---|
| 01 | Accounts Officer (Junior) | Rs. 41,454/-+ PI |
| 02 | Assistant Manager- ASHA | Rs. 31,201/-+ PI |
| 03 | Assistant Manager- GKS & Health System Strengthening | Rs. 31,201/-+ PI |
| 04 | City Accounts Manager, NUHM | Rs. 31,201/-+ PI |
| 05 | Nurse Trainer | Rs. 29,715/-+ PI |
| 06 | PPM Coordinator, RNTCP | Rs.48,510/-+ PI |
| 07 | ACSM Officer, RNTCP | Rs. 31,311/-+ PI |

Interested candidates can log on to www.nrhmorissa.gov.in for details of vacancy, eligibility criteria, age, selection procedure etc. Online application form will be available from 12.10.2018 to 22.10.2018 by 11.59 P.M. Last date for receipt of the system generated application duly signed by the candidate along with self attested copies of all supportive documents is 31.10.2018 (by 5.00 P.M.).

**Sd./- Mission Director, NHM**
**Member Secretary, OSH&FWS, Odisha**

10084/11/0060/1819



**MUNICIPAL OFFICE, DHENKANAL**
**No. 4282 / Dt. 06.10.2018**
**TENDER CALL NOTICE**

1. The Executive Officer, Dhenkanal Municipality, Dhenkanal invites Item rate tenders in sealed covers in conformity with detailed tender call notice to be eventually drawn up in prescribed Municipal form, from registered contractors Dhenkanal Municipality for execution of the under mentioned works. The Contractors may submit tenders for any or all of the works separately.

| Sl. No. | Name of the Work | Approximate value of the work (in Rs.) | Class of contractors eligible to apply | EMD required (in Rs.) | Non-refundable cost of tender document with GST (in Rs.) | Stipulated period of compl-etion |
|---|---|---|---|---|---|---|
| 1 | R/M to road for laying of pipe line in ward No.01 | 97,400.00 | Municipal Contractor | Rs. 974.00 | Rs. 400.00 | 15 days |
| 2 | R/M to road for laying of pipe line in ward no. 12 (Tarini Mandir Road to Atakala Via. Harihara Kutira) | 1,62,800.00 | -do- | Rs. 1628.00 | Rs. 600.00 | -do- |
| 3 | R/M to road for laying of pipe line in ward no. 10 (Khamar Sahi chhaka to B.B. Dash) and culvert at Khamar Sahi Chhack. | 1,96,000.00 | -do- | Rs. 1960.00 | Rs. 600.00 | -do- |
| 4 | R/M to road for laying of pipe line in ward no. 10 (Sarata Lenka to Manas Sahoo Gali) | 1,55,000.00 | -do- | Rs. 1550.00 | Rs. 600.00 | -do- |
| 5 | R/M to road for laying of pipe line in ward no. 10 (Girijakanta Mohanty Gali) | 1,36,600.00 | -do- | Rs. 1366.00 | Rs. 600.00 | -do- |
| 6 | R/M to road for laying of pipe line in ward no. 20 | 1,49,000.00 | -do- | Rs. 1490.00 | Rs. 600.00 | -do- |
| 7 | R/M to Executive Officer Qtr. (grading, gate and internal repair) | 2,00,000.00 | -do- | Rs. 2000.00 | Rs. 600.00 | -do- |
| 8 | Constn. of Drain in front of Labanya Kunja res. in ward no. 10 | 1,99,300.00 | -do- | Rs. 1993.00 | Rs. 600.00 | -do- |
| 9 | R/M to road at Sarala Engineering road in ward in 18 | 94,500.00 | -do- | Rs. 945.00 | Rs. 400.00 | -do- |
| 10 | R/M to raod at Rameswarpur Talla Sahi in ward no. 18 | 92,600.00 | -do- | Rs. 926.00 | Rs. 400.00 | -do- |
| 11 | Constn. of CC Road from Muralidhar Pattanaik res., towards Santosh Senapati res. in ward no. 13 | 90,500.00 | -do- | Rs. 905.00 | Rs. 400.00 | -do- |
| 12 | Constn. of culvert at Danda Road towards Surya Shakti Vidya Mandir front in ward no. 13 | 70,000.00 | -do- | Rs. 700.00 | Rs. 400.00 | -do- |
| 13 | R/M to road for laying of pipe line in ward no. 16 (Bhagabat Singh to Nityananda Sahoo via Prakash Sahoo res. towards Prakash Rout res. towards Prakash Moharana to Kulamani Behera res.) | 1,89,600.00 | -do- | Rs. 1896.00 | Rs. 600.00 | -do- |
| 14 | R/M to road for laying of pipe line in ward no. 16 (Sishu Mandir to Prakash Sahoo res.) | 1,66,000.00 | -do- | Rs. 1660.00 | Rs. 600.00 | -do- |
| 15 | R/M to road from Ratnakar Sir res. towards Mrutyunjaya Panigrahi res. in ward no. 03 | 1,99,500.00 | -do- | Rs. 1995.00 | Rs. 600.00 | -do- |
| 16 | Constn. of drain from community Toilet towards Alasua Hata in ward no. 22 | 1,08,000.00 | -do- | Rs. 1080.00 | Rs. 600.00 | -do- |
| 17 | R/M to road for laying of pipe line in ward no. 13 (Suryashakti Bidyamandir to Sahoo babu res.) | 1,99,600.00 | -do- | Rs. 2000.00 | Rs. 600.00 | -do- |
| 18 | R/M to road for laying of pipe line in ward no. 12 (Mania res. to Jitu Bhai res. towards Nilakantha Dora Res.) | 1,97.500.00 | -do- | Rs. 1975.00 | Rs. 600.00 | -do- |
| 19 | R/M to road for laying of pipe line in ward no. 10, (Police line chhack to Gosthi Kendra Chhack) | 1,91,800.00 | -do- | Rs. 1918.00 | Rs. 600.00 | -do- |
| 20 | R/M to road for laying of pipe line in ward no. 10 (Chakradhar Rout res. to Police Line Chhack) | 72,600.00 | -do- | Rs. 730.00 | Rs. 400.00 | -do- |
| 21 | R/M to road for laying of pipe line in ward no. 10 (Gosthi Kendra to Mangala Mandir) | 77,200.00 | -do- | Rs. 770.00 | Rs. 400.00 | -do- |

2. Tender documents consisting of plan, specification, the schedule of quantities and the set of terms and conditions of contracts and other necessary documents can be seen in the office of the undersigned during office hours on all working days.
3. Tenders must accompany by EMD of the amount specified for the work in the table above in shape of cash receipt in Municipal form, attested copies of valid ITCC/PAN card, GST clearance Certificate and contractor registration certificate, failing which the tenders will be rejected.
4. The sale of tender documents shall be started from dt. 06.10.2018 and close on dt. 12.10.2018 at. 3.00 P.M. Tenders shall be delivered in the tender box only during office hours up to 3.00 P.M. on dt. 12.10.2018. The tenders will be opened on Dt. 12.10.2018 at 4.00 P.M. in the office of the undersigned in presence of the Contractors who wish to attend. If the office happens to be closed on the date of receipt and opening of the tenders as specified, the tenders will be received and opened on the next working day at the same time and venue respectively.
5. The Contractors are instructed not to write their name on the out cover containing the tender document. They are only required to write the name of the work and authority that is to receive the tender. Tender for each work shall be submitted in separate covers.
6. Any other details can be seen in the tendering documents or can be had from the office of the undersigned during working hours on all working days.
7. The undersigned reserves the right to reject any or all the tenders without assigning any reason thereof.

**Sd./- Executive Officer, Dhenkanal Municipality**




## ସଂକ୍ଷେପରେ

### ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

**ଜୟପୁର,୧୧।୧୦(ଡି.ଏନ୍.ଏ.):** ଜୟପୁରସ୍ଥିତ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ବୁଧବାର ଅନୁଷ୍ଠିତ ହୋଇଛି। ସଚିବ ଲଳିତା ମଞ୍ଜରୀ ପଟ୍ଟନାୟକ ସରକାର ମାନସିକ ଭିନ୍ନକ୍ଷମଙ୍କ ପାଇଁ ସମସ୍ତ ସୁବିଧା ଦେଉଥିବା କହିଥିଲେ। କିନ୍ତୁ ଅନେକ ମାନସିକ ଭିନ୍ନକ୍ଷମ ଓ ବୟୋଜ୍ୟେଷ୍ଠଙ୍କୁ ପ୍ରମାଣପତ୍ର, ଭିନ୍ନକ୍ଷମ କିମ୍ବା ବାର୍ଦ୍ଧକ୍ୟ ଭତ୍ତା ମିଳିନଥିବା ଦିପ୍ତି ନିବାସ ଓ ମାନସ ବିଦ୍ୟାଳୟରେ ରହୁଥିବା ଅନ୍ତେବାସୀ ଅଭିଯୋଗ କରିଥିଲେ। ସଚିବ ପଟ୍ଟନାୟକ ସାମାଜିକ ସୁରକ୍ଷା ଅଧିକାରୀ ସୀମାଞ୍ଚଳ ମହାପାତ୍ରଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦିଲୀପ ହିଆଲ, ବିଦ୍ୟାଳୟ ଅଧକ୍ଷ ବିଦ୍ୟାଧର ପରମାଣିକ, ପାରା ଲିଗାଲ ସ୍ୱେଚ୍ଛାସେବୀ ସୋମନାଥ ମହାନ୍ତି, ବିନୟ ମିଶ୍ର ଉପସ୍ଥିତ ଥିଲେ।

### ଗୋପବନ୍ଧୁ ଜୟନ୍ତୀ ପାଳିତ

**କୋଲାବନଗର,୧୧।୧୦(ଡି.ଏନ୍.ଏ.):** କୋଲାବନଗର ସରକାରୀ ଉଚ୍ଚବିଦ୍ୟାଳୟର ପୂଜ୍ୟପୂଜା କମିଟି ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଜୟନ୍ତୀ ପାଳିତ ହୋଇଛି। କମିଟିର ପୂର୍ବତନ ସଭାପତି କାମାକ୍ଷୀ ପ୍ରସାଦ ପାଢ଼ୀ, ସମ୍ପାଦକ ଦିବାକର ଲେଙ୍କା, ସହ ସମ୍ପାଦକ ଶଶିଭୂଷଣ ସ୍ୱାଇଁ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମ ଗୋପବନ୍ଧୁଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ୫ଟି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧରେ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ଉପଖଣ୍ଡ ମାନ୍ୟତା ଦାବିରେ ଜିଲାପାଳଙ୍କୁ ଦାବିପତ୍ର

**ସେମିଳିଗୁଡ଼ା,୧୧।୧୦(ସ୍ୱ.ପ୍ର.):** ସେମିଳିଗୁଡ଼ାକୁ ଉପଖଣ୍ଡ ମାନ୍ୟତା ପାଇଁ ବରିଷ୍ଠ ନାଗରିକ ମଞ୍ଚ ମୁଖ୍ୟ କୃଷ୍ଣ ସିଂହଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଦାବିପତ୍ର ପ୍ରଦାନ କରିଛି। ପୂର୍ବରୁ ଏହି ଦାବି ନେଇ ସେମିଳିଗୁଡ଼ା, ଦାମନଯୋଡ଼ି, ସୁନାବେଡ଼ା ଏବଂ ପଟ୍ଟାଙ୍ଗି ଜନସାଧାରଣ ମିଳିତ ଭାବେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଦାବିପତ୍ର ଦେବା ବେଳେ ମଞ୍ଚ କର୍ମକର୍ତ୍ତା ଏବଂ ପ୍ରତିନିଧି ସାମିଲ ଥିଲେ। ଯଥାଶୀଘ୍ର ପଦକ୍ଷେପ ନେବା ପାଇଁ ଜିଲାପାଳଙ୍କୁ ପ୍ରତିନିଧିଦଳ ଅନୁରୋଧ କରିଛି।

# ତିତ୍‌ଲି ପ୍ରଭାବ: ଗଛ ଉପୁଡ଼ିଲା, ଘର ଭାଙ୍ଗିଲା

**କୋରାପୁଟ/ପଟ୍ଟାଙ୍ଗି/ଦଶମନ୍ତପୁର, ୧୧।୧୦(ସ୍ୱ.ପ୍ର./ଡି.ଏନ୍.ଏ.)**

ବାତ୍ୟା ତିତ୍‌ଲି ପ୍ରଭାବରେ କୋରାପୁଟ ଜିଲା ଜନଜୀବନ ଅସ୍ତବ୍ୟସ୍ତ ହୋଇଛି। ଗୁରୁବାର ଭୋର୍‌ରୁ ପବନ ସହ ବର୍ଷା ଲାଗିରହିଥିଲା। ଜିଲାର ବନ୍ଧୁଗାଁ ବ୍ଲକରେ ୩୦.୪ ମିମି ବର୍ଷା ହୋଇଥିବା ନାରାୟଣପାଟଣା ବ୍ଲକରେ ୧୬ ମିମି ବର୍ଷା ହୋଇଛି। କୋରାପୁଟ ସହର ସମେତ ଆଖପାଖ ଅଞ୍ଚଳର ବିଭିନ୍ନ ସ୍ଥାନରେ ଗଛଡାଳ ଭାଙ୍ଗିବା ଫଳରେ ବିଦ୍ୟୁତ ସେବା ବ୍ୟାହତ ହୋଇଛି। ସେହିପରି ଆନ୍ଧ୍ର ସୀମାନ୍ତ ତଥା ପଟ୍ଟାଙ୍ଗି ବ୍ଲକର ସୁଙ୍କି ଘାଟିର ୨୬ ନଂ ଜାତୀୟ ରାଜପଥ ଉପରେ ଗଛ ଉପୁଡ଼ି ପଡ଼ିଥିଲା। ଫଳରେ ଉଭୟପଟେ



ପଟ୍ଟାଙ୍ଗୀ ବ୍ଲକ ସୁଙ୍କିଘାଟିର ୨୬ ନଂ ଜାତୀୟ ରାଜପଥରେ ଗଛପଡ଼ି ଅବରୋଧ ହୋଇଛି।

ବସ୍ ଓ ଟ୍ରକ୍ ସହ ଅନ୍ୟ ଛୋଟବଡ଼ ଗାଡ଼ି ଅଟକି ରହିଥିଲା। ପ୍ରାୟ ୨ ଘଣ୍ଟା ଚଳାଚଳ ବ୍ୟାହତ ହୋଇଥିଲା। ଖବର ପାଇ ପଟ୍ଟାଙ୍ଗି ଅଗ୍ନିଶମ ବାହିନୀର ହାବିଲଦାର ସନ୍ତୋଷ ବେହେରାଙ୍କ ନେତୃତ୍ୱରେ ରାଜ୍ୟବର୍ଦ୍ଧନ ବାଗ୍, ପ୍ରେମାନନ୍ଦ ଝାଙ୍କର, ସୁବୁଦ୍ଧି କାଣ୍ଡି, ବିଷ୍ଣୁପ୍ରସାଦ ନାୟକ, ବାପୁନ ସେଠୀ ସେଠାରେ ପହଞ୍ଚି ଗଛ ହଟାଇଥିଲେ। ସେହିପରି ଦଶମନ୍ତପୁର ବ୍ଲକ୍ ଲୁଲା ପଞ୍ଚାୟତ ଶୁକ୍ରାପୁଟ ଗ୍ରାମର ତ୍ରିନାଥ ଦଳାଇ, କୁମ ଲୋଚନ ଦଳାଇଙ୍କ ଘର ଉପରେ ୧୦୦ ବର୍ଷର ପୁରୁଣା ସିଲଭର ଗଛ ପଡ଼ିଛି। ଦୁଇଟି ଘରର ସଦସ୍ୟମାନେ ବର୍ତ୍ତିଯାଇଥିଲେ ମଧ୍ୟ ଘର ଭାଙ୍ଗିଯାଇଛି। ମରିଚିମାଳ ଗ୍ରାମରେ ରାମ ସାଉନ୍ତାଙ୍କ ଗଛ ଉପୁଡ଼ିପଡ଼ି ଘରକାନ୍ଥ ଭାଙ୍ଗିଯାଇଛି। ବିପନ୍ନ ପରିବାର ବର୍ଗଙ୍କୁ ସ୍ଥାନୀୟ ସରପଞ୍ଚ ଧନପତି ସାଉନ୍ତା, ଆର୍‌ଆଇ ମୋହନ ସିଂ ପୂଜାରୀ, ପିଏସ୍ ଗୋପାଳ ପାତ୍ର ଭେଟିଛନ୍ତି। ପରିସ୍ଥିତି ଅନୁଧ୍ୟାନ ପରେ ସହାୟତା ଦିଆଯାଇଛି। ବାସହରା ପରିବାରଙ୍କୁ ଆବାସ ଯୋଜନାରେ ଗୃହ ଯୋଗାଇ ଦିଆଯିବ ବୋଲି ସରପଞ୍ଚ ସାଉନ୍ତା କହିଛନ୍ତି।

## ■ ସମାବେଶ, ଶୋଭାଯାତ୍ରାରେ କୃଷକ
# କୃଷିଋଣ ଛାଡ଼, ଏମ୍‌ଏସ୍‌ପି ବୃଦ୍ଧି ଦାବି

**ଜୟପୁର,୧୧।୧୦(ଡି.ଏନ୍.ଏ./ନି.ପ୍ର.)**

ଜୟପୁରରେ ନବନିର୍ମାଣ କୃଷକ ସଂଗଠନ ଓ କୃଷକ କଲ୍ୟାଣ ମଞ୍ଚ ପକ୍ଷରୁ ଗୁରୁବାର ମିଳିତ ଭାବେ ଏକ କୃଷକ ସମାବେଶ ଅନୁଷ୍ଠିତ ହୋଇଛି। ପୂର୍ବାହ୍ନରେ କୋରାପୁଟ ଜିଲାର ଶତାଧିକ ଚାଷୀ ବର୍ଷା ସତ୍ତ୍ୱେ ସ୍ଥାନୀୟ ସ୍ୱାଧୀନତା ସଂଗ୍ରାମୀ ଇନ୍ଦିରା ପଣ୍ଡାଙ୍କ ପ୍ରତିମୂର୍ତ୍ତିଠାରେ ଏକତ୍ରିତ ହୋଇଥିଲେ। ସେଠାରୁ ଉପଜିଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦିଆଯାଇଥିଲା। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କା ଦେବା, କୃଷକଙ୍କୁ ମାସିକ ୫ ହଜାର ଟଙ୍କା



ସମାବେଶରେ ନବ ନିର୍ମାଣ କୃଷକ ସଂଗଠନ ରାଷ୍ଟ୍ରୀୟ ଆବାହକ ଉଦ୍‌ବୋଧନ ଦେଉଛନ୍ତି।

ସାମାଜିକ ସୁରକ୍ଷା ଭତ୍ତା, କୃଷିଋଣ ଛାଡ, ଉତ୍ପାଦିତ ଶସ୍ୟର ଉଚିତ ମୂଲ୍ୟ, ଶ୍ରମିକ ଓ କୃଷକଙ୍କୁ ସମାଜରେ ସମ୍ମାନର ସହ ବଞ୍ଚିବାର ଅଧିକାର, ଚାଷୀଙ୍କୁ ବିହନ, ସାରରେ ରିହାତି, ଜଳସେଚନ ବ୍ୟବସ୍ଥା, ମଣ୍ଡି ଭିତ୍ତିଭୂମିରେ ଉନ୍ନତି, ତେଲିଙ୍ଗିରି ପ୍ରକଳ୍ପ ତୁରନ୍ତ କାର୍ଯ୍ୟକାରୀ କରିବା ଭଳି ଦାବି ରହିଛି। କାର୍ଯ୍ୟକ୍ରମରେ ନବ ନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ଆବାହକ ଅକ୍ଷୟ କୁମାର, ଜିଲା ଆବାହକ ନରେନ୍ଦ୍ର ପ୍ରଧାନ, ଚାଷୀ ରବୀନ୍ଦ୍ର ସାହୁ, ବିଚିତ୍ରାନନ୍ଦ ପଣ୍ଡା ଉପସ୍ଥିତ ଥିଲେ।

## ବିଶ୍ୱ ଦୃଷ୍ଟି ଦିବସରେ ସଚେତନତା ଶୋଭାଯାତ୍ରା

**ଦାମନଯୋଡ଼ି,୧୧।୧୦(ଡି.ଏନ୍.ଏ)**

ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ବିଶ୍ୱ ଦୃଷ୍ଟି ଦିବସ ପାଳିତ ହୋଇଛି। ଏହି ଅବସରରେ ଅନୁଷ୍ଠିତ ବ୍ଲକ୍‌ସ୍ତରୀୟ ସଚେତନତା ସଭାରେ ବିଭିନ୍ନ ଅଞ୍ଚଳର ସ୍ୱାସ୍ଥ୍ୟକର୍ମୀ, ସୁପରଭାଇଜର ଯୋଗ ଦେଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପ୍ରଦୀପ ରଥ, ପିଏଚ୍‌ଇଓ ମାଧବ ପାଙ୍ଗି ଓ ବ୍ଲକ୍ କାର୍ଯ୍ୟକ୍ରମ ପରିଚାଳିକା ମଧୁଲିକା ପାଢ଼ୀ ସ୍ୱାସ୍ଥ୍ୟକର୍ମୀଙ୍କୁ ଦୃଷ୍ଟି ସମ୍ପର୍କରେ ସଚେତନତା ବାର୍ତ୍ତା ଦେବା ସହ ସୁନେତ୍ର ଯୋଜନା ସମ୍ପର୍କରେ ତଥ୍ୟ ରଖିଥିଲେ। ଡା. ମାର୍ଶାଲିନ୍ ବିଶ୍ୱାଳଙ୍କ ସହ ସୁପରଭାଇଜର ଗୌରୀ କୁମାରୀ ଦେବୀ, ମକର ଜାନି, ରାଧିକା ସୋରେନ୍ , ସୀମାଞ୍ଚଳ ପରିଡ଼ା, ବ୍ଲକ୍ ଡାଟା ମ୍ୟାନେଜର ସନ୍ତୋଷ ଦାଶ ଉପସ୍ଥିତ ଥିଲେ।

## ରାଶନ କାର୍ଡ ବଣ୍ଟନ, କର୍ମୀ ସମାବେଶ



ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ କରୁଛନ୍ତି କୋଟପାଡ଼ ବିଧାୟକ।

**କୁନ୍ଦୁରା,୧୧।୧୦(ଡି.ଏନ୍.ଏ):** କୁନ୍ଦୁରା ବ୍ଲକ୍‌ଠାରେ ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାର ଦ୍ୱିତୀୟ ପର୍ଯ୍ୟାୟରେ ହିତାଧିକାରୀଙ୍କୁ ରାଶନ କାର୍ଡ଼ ବଣ୍ଟନ କରାଯାଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି, କୋଟପାଡ଼ ବିଧାୟକ ଚନ୍ଦ୍ରଶେଖର ମାଝି, ରାଜ୍ୟ ସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ କୁନ୍ଦୁରା ବ୍ଲକ୍‌ରେ ଥିବା ୧୬ ଗ୍ରାମ ପଞ୍ଚାୟତ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରିଛନ୍ତି। କୁନ୍ଦୁରା ବିଜେଡି ସଭାପତି ସଞ୍ଜୟ ସାହୁଙ୍କ ନେତୃତ୍ୱରେ ଏକ ମୋଟରସାଇକେଲ ଶୋଭାଯାତ୍ରା କରାଯାଇଥିଲା। କର୍ମୀ ଦଳୀୟ ପତାକା ଲଗାଇ ରାଜ୍ୟ ସଭା ସଦସ୍ୟ, ଲୋକ ସଭା ସଦସ୍ୟ, ଜିଲା ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼ ଅଧକ୍ଷ ତେଜେଶ୍ୱର ପରିଡା ପ୍ରମୁଖଙ୍କୁ ସ୍ୱାଗତ କରିଥିଲେ। ଏହାପରେ ବିଜେଡି ଦଳୀୟ ଅତିଥିମାନେ ମିଶି ଶାସ୍ତ୍ରୀ ମଇଦାନଠାରେ ଅନୁଷ୍ଠିତ କର୍ମୀ ସମାବେଶରେ ଯୋଗଦେଇଥିଲେ। କୋଟପାଡ଼ ବିଧାୟକ ଚନ୍ଦ୍ରଶେଖର ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକୁ ସମାଲୋଚନା କରିଛନ୍ତି। ଆଗାମୀ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବା ନିମନ୍ତେ କର୍ମୀଙ୍କୁ ଅତିଥିମାନେ ଗୁରୁମନ୍ତ୍ର ଦେଇଛନ୍ତି। ଅନ୍ୟମାନଙ୍କ ମଧରେ ପୂର୍ବତନ ଜିଲା ପରିଷଦ ଅଧକ୍ଷା ମାଳତି ମାଝି, ଖଗେଶ୍ୱର ପୂଜାରୀ, କନକଲତା ପେଣ୍ଡିଆ, ପଦ୍ମିନୀ ଦିଆନ, ରାଜା ସାହୁ, ବୃନ୍ଦାବନ ମଲ୍ଲିକ, ରମାକାନ୍ତ ମିଶ୍ର, ପରମାନନ୍ଦ କାଣ୍ଡୁଲିଆ ପ୍ରମୁଖ ଯୋଗଦେଇଥିଲେ।



ବିଶ୍ୱ ଦୃଷ୍ଟି ଦିବସ ଅବସରରେ ବାହାରିଥିବା ଶୋଭାଯାତ୍ରା।

## ଲୋକସଭା ଯୁବ କଂଗ୍ରେସ କମିଟି ଅନୁମୋଦିତ

**ନବରଙ୍ଗପୁର,୧୧।୧୦(ବି.ପ୍ର.)**

ପ୍ରଦେଶ ଯୁବ କଂଗ୍ରେସ ସଭାପତି ଲୋକନାଥ ମହାରଥି ନବରଙ୍ଗପୁର ଲୋକସଭା ଯୁବ କଂଗ୍ରେସ କମିଟିର ପୂର୍ଣ୍ଣାଙ୍ଗ କମିଟି ଅନୁମୋଦନ କରିଛନ୍ତି। ଉପସଭାପତି ଭାବେ ପ୍ରଫୁଲ୍ଲ ପଣ୍ଡା, ସାଧାରଣ ସମ୍ପାଦକ ଭାବେ ଦିଲ୍ଲୀପ ପ୍ରଧାନୀ, ବାବୁଲି ବାଘ, କେଶବ ଭଳ, ମାନସ ମହାନ୍ତି, ସୁମିତ ପୂଜାରୀ, ସମ୍ପାଦକ ଇସାକ ଖସଲା, ପବିତ୍ର ହରିଜନ, ସମ୍ପାଦିକା ଲଳିତା ସୌରା, ଦେବାନ୍ତ ପୂଜାରୀ, ସୁମିତ ଆଶା, ବିଶ୍ୱନାଥ ଜେନା, ରବି ରାଜେଶ କୁମାର ଜଗଦିଶ ବାଘଙ୍କୁ ଅନୁମୋଦନ କରିଛନ୍ତି। ଆଗାମୀ ସାଙ୍ଗଠନିକ ଯୁବ କଂଗ୍ରେସ ନିର୍ବାଚନ ପର୍ଯ୍ୟନ୍ତ ଏହି କମିଟି କାର୍ଯ୍ୟ ତୁଲାଇବ। କମିଟିକୁ ଅନୁମୋଦନ କରିଥିବାରୁ ଲୋକସଭା ଯୁବ କଂଗ୍ରେସ ସଭାପତି ତାଜ ଇମ୍ରାନ ସରିଫ କର୍ମକର୍ତ୍ତା, ଜିଲା ସଭାପତି ମୁନା ତ୍ରିପାଠୀ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ଏମପି ପ୍ରଦୀପ ମାଝୀ, ଲୋକନାଥ ମହାରଥୀ ଡାବୁଗାଁ ବିଧାୟକ ଭୂଜବଳ ମାଝୀ, ପୂର୍ବତନ ବିଧାୟକ ସଦନ ନାୟକ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି।




## 'ଘରୁ ବାଇକ୍ କାଢ଼ିବା ପୂର୍ବରୁ ହେଲ୍‌ମେଟ୍ ପ୍ରସ୍ତୁତ ରଖ'

**କୋଟପାଡ଼,୧୧।୧୦(ଡି.ଏନ୍.ଏ)**

କୋରାପୁଟ ଜିଲା କୋଟପାଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ହାଟପଦା ନିକଟସ୍ଥ କଲ୍ୟାଣ ମଣ୍ଡପରେ କୋଟପାଡ଼ ପୋଲିସ ପକ୍ଷରୁ ଗୁରୁବାର ସଡ଼କ ଦୁର୍ଘଟଣା ଏବଂ ଟ୍ରାଫିକ୍ ନିୟନ୍ତ୍ରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ 'ହେଲ୍‌ମେଟ ପିନ୍ଧନ୍ତୁ , ଜୀବନ ବଞ୍ଚାନ୍ତୁ' ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଆଇପିଏସ୍ ସାଗରିକା ନାଥ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥିଭାବେ ବୋରିଗୁମ୍ମା ଏସ୍‌ଡିପିଓ ହରେକୃଷ୍ଣ ମାଝି, ବରିଷ୍ଠ ଆଇନଜୀବୀ ଜିତେନ୍ଦ୍ର ନାଥ ମହାପାତ୍ର, ପଙ୍କଜ ପାତ୍ର , ବିଦ୍ୟୁତ୍ ଲତା ବକ୍ସି ଉପସ୍ଥିତ ଥିଲେ। କୋଟପାଡ଼ ଥାନା ଆଇଆଇସି ସମର୍ପିତା ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ବିଭିନ୍ନ ସଂଘର କର୍ମକର୍ତ୍ତା ଏବଂ ଯୁବଗୋଷ୍ଠୀ ଯୋଗଦେଇଥିଲେ। ବିନା ହେଲ୍‌ମେଟରେ ଗାଡ଼ି ନ ଚଳାଇବାକୁ ଲୋକଙ୍କୁ ସଚେତନ କରାଯାଇଛି। ଘରୁ ବାଇକ୍ ବାହାର କରିବା ପୂର୍ବରୁ ହେଲ୍‌ମେଟ ପ୍ରଥମେ ପ୍ରସ୍ତୁତି ରଖିବା ଅଭ୍ୟାସ କରିବାକୁ ମୁଖ୍ୟ ଅତିଥି ଉପସ୍ଥିତ ଲୋକଙ୍କୁ ପରାମର୍ଶ ଦେଇଛନ୍ତି।

## କୂଅ ଖୋଳାରେ ଅନିୟମିତତା

**ଲମତାପୁଟ, ୧୧।୧୦(ଡି.ଏନ୍.ଏ.)**

କୋରାପୁଟ ଜିଲା ଲମତାପୁଟ ବ୍ଲକ ଅଧୀନ ଗୋଡିହଞ୍ଜର ପଞ୍ଚାୟତ ଅଳାଁପୁଟ ଗ୍ରାମରେ ନନ୍ଦକୂଅ ଓ ପଥର କୂଅ ଖନନରେ ଅନିୟମିତତା ସହ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ଅଁଳାପୁଟ ଗ୍ରାମର ପଦୁରାମ ପାଙ୍ଗି କୂଅ ଖୋଳିବା ପାଇଁ ଆବଶ୍ୟକ କାଗଜପତ୍ର ସହ ପଞ୍ଚାୟତ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ହେଲେ ପଦୁରାମଙ୍କ ଅଜାଣତରେ ଉକ୍ତ ଗାଁର ଆଉ ଜଣଙ୍କ ଜମିରେ କୂଅ ଖୋଳାହୋଇ ବିଲ୍ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ପଦୁରାମ ପଞ୍ଚାୟତ କାର୍ଯ୍ୟାଳୟରେ ପଚାରିବାରୁ ଅଧିକାରୀ କୂଅ ଖୋଳିବା ପାଇଁ ନିର୍ଦ୍ଦେଶ ମିଳିନି ବୋଲି କହିଥିଲେ। କିନ୍ତୁ ଗ୍ରାମର ଅନ୍ୟଜଣଙ୍କ ଜମିରେ ଖୋଳାଯାଇଥିବା କୂଅ ନିକଟରେ ଥିବା ନାମ ଫଳକରେ ପଦୁରାମ ପାଙ୍ଗି, ଅଁଳାପୁଟ ବୋଲି ଲେଖାଯାଇଥିବା ଜାଣିବାକୁ ପାଇ ପଦୁରାମ ଗ୍ରାମବାସୀଙ୍କୁ ଜଣାଇବା ସହ ପିଇଓ, ଜିଆର୍‌ଏସ୍ ଓ ସରପଞ୍ଚଙ୍କୁ ଜଣାଇଥିଲେ। କିନ୍ତୁ ସେମାନଙ୍କଠାରୁ କୌଣସି ସନ୍ତୋଷ ଜନକ ଉତ୍ତର ପାଇ ନଥିବା ପଦୁରାମ କହିଛନ୍ତି। ଅନ୍ୟପକ୍ଷରେ ଯେଉଁ ଜମିରେ କୂଅ ଖୋଳାଯାଇଛି ସେ ଜମି ମାଲିକ କହିଛନ୍ତି ଯେ, ମୋର ନନ୍ଦ କୂଅ ଟିଏ ଥିଲା। ପାଣି ନିଅଣ୍ଟ ହେବାରୁ ମୁଁ ବଡ ପଥର କୂଅ ଖୋଳିଛି। କିନ୍ତୁ ଜିଆର୍‌ଏସ୍ ବୋର୍ଡ ତିଆରି କରିବାକୁ କହିଥିବା ସେ କହିଛନ୍ତି। କୂଅ ବାବଦକୁ କୌଣସି ଟଙ୍କା ପାଇ ନ ଥିବା କହିଛନ୍ତି। ଅନ୍ୟପକ୍ଷରେ ଉକ୍ତ ଗାଁରେ ଗୋଟିଏ ନନ୍ଦକୂଅ ରହିଛି। ଯାହାକି ୧୬-୧୭ ଆର୍ଥିକ ବର୍ଷରେ ନିର୍ମାଣ କରାଯାଇଛି। ଏହାକୁ ଦି ଜଣଙ୍କ ନାଁରେ ସୂଚନା ଫଳକ ରହିଛି। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଲମତାପୁଟ ବିଡିଓ ସୌମ୍ୟ ସାର୍ଥକ ମିଶ୍ର କହିଛନ୍ତି ଯେ, ଘଟଣାର ତଦନ୍ତ କରାଯିବ। ଯଦି କୌଣସି ଦୁର୍ନୀତି ହେଇଥିବ ତା ହେଲେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।





ଭାରତରେ 'ଆର୍‌ଏସ୍‌ଏସ୍ ରାଜ୍' ଚଳାଇବାକୁ ଭାଜପା ଚେଷ୍ଟା ଚଳାଇଛି । ତେଣୁ ଏହା ଉପରୁ ଲୋକମାନଙ୍କ ବିଶ୍ୱାସ ତୁଟିଯାଉଛି । ଦେଶବାସୀ ଆର୍‌ଏସ୍‌ଏସ୍ ଓ ଏହା ସହ ଜଡ଼ିତ ସଂଗଠନଗୁଡ଼ିକୁ ସମର୍ଥନ କରିବେ ନାହିଁ ।
- ଅସାଦୁଦ୍ଦିନ୍ ଓ୍ୱାଇସି, ଏଆଇଏମ୍ଆଇଏମ୍ ମୁଖ୍ୟ

## ସଂକ୍ଷେପରେ

### ନୀତୀଶଙ୍କ ଆଡ଼କୁ ଜୋତାମାଡ଼



ପାଟନା,୧୧।୧୦(ପି.ଟି.)-ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଆଡ଼କୁ ଗୁରୁବାର ଜୋତାମାଡ଼ ହୋଇଛି। ଏଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ବରିଷ୍ଠ ଜେଡିୟୁ ନେତାଙ୍କ ସହ ନୀତୀଶ ମଞ୍ଚାସୀନ ଥିବାବେଳେ ତାଙ୍କୁ ଲକ୍ଷ୍ୟକରି ଚନ୍ଦନ ନାମକ ଜଣେ ବ୍ୟକ୍ତି ଜୋତାମାଡ଼ କରିଥିଲେ। ଜୋତାଟି ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପହଞ୍ଚି ପାରି ନ ଥିଲା ଏବଂ ଉପସ୍ଥିତ ଜନଗହଳି ଉପରେ ପଡ଼ିଥିଲା। ତେବେ ଜୋତାମାଡ଼ ପରେ ଚନ୍ଦନଙ୍କୁ କାବୁକରି ଜେଡିୟୁ କର୍ମୀମାନେ ନିର୍ଘୁମ୍ ମାଡ଼ ମାରିଥିଲେ। ପରେ ଭିଡ଼ ଭିତରୁ ଅଭିଯୁକ୍ତଙ୍କୁ ବାହାର କରି ପୋଲିସ ଗିରଫ କରିଥିଲା। ମୁଖ୍ୟମନ୍ତ୍ରୀଙ୍କ ଉପରକୁ ଏଭଳି ବ୍ୟବହାର ସମ୍ପର୍କରେ ଚନ୍ଦନ କହିଛନ୍ତି, ଭେଦଭାବ ଭରା ସଂରକ୍ଷଣ ନୀତିକୁ ନେଇ ଜୋତାମାଡ଼ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ବିରୋଧ ପ୍ରଦର୍ଶନ କରିଛନ୍ତି। ରାଜ୍ୟ ସରକାରଙ୍କ ସଂରକ୍ଷଣ ଆଇନରେ ଅନୁସୂଚିତ ଜାତି/ଜନଜାତି (ଏସ୍‌ସି/ଏସ୍‌ଟି) ବର୍ଗର ଲୋକଙ୍କ ଉତ୍ତମ ଶ୍ରେଣୀ ଲୋକେ ଅଧିକ ଲାଭ ପାଉଥିବାବେଳେ ଘୋର ଅସୁବିଧାରେ ଥିବା ଦଳିତରୁ ଅତି ଦଳିତ ବର୍ଗର ଲୋକଙ୍କୁ କୌଣସି ସୁବିଧା ସୁଯୋଗ ମିଳିପାରୁ ନାହିଁ।

### ପାପୁଆ ନ୍ୟୁ ଗିନିରେ ୭ ତୀବ୍ରତାର ଭୂକମ୍ପ: ସୁନାମି ଆଲର୍ଟ

ସିଡ୍‌ନୀ,୧୧।୧୦(ପି.ଟି.)-ପାପୁଆ ନ୍ୟୁ ଗିନିର ବ୍ରିଟେନ୍ ଦ୍ୱୀପରେ ଗୁରୁବାର ୭.୦ ତୀବ୍ରତା ବିଶିଷ୍ଟ ଭୂକମ୍ପ ଝଟକା ଅନୁଭୂତ ହୋଇଛି। ଭୂକମ୍ପ ପରେ ସୁନାମି ନେଇ ସତର୍କ ସୂଚନା ଜାରି କରାଯାଇଛି। ପାପୁଆ ନ୍ୟୁ ଗିନି ଏବଂ ସୋଲୋମନ୍ ଦ୍ୱୀପର କେତେକ ସ୍ଥାନରେ ଉଚ୍ଚ ଜୁଆର ଭୂଖଣ୍ଡକୁ ମାଡ଼ି ଆସିପାରେ। ଜୁଆର ଉଚ୍ଚତା ୩ ମିଟରରୁ କମ୍ ରହିବ ବୋଲି ପାସିଫିକ୍ ସୁନାମି ଓ୍ୱାର୍ନିଂ ସେଣ୍ଟର ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ଭୂକମ୍ପର ଉତ୍ପତ୍ତିସ୍ଥଳ ନ୍ୟୁ ବ୍ରିଟେନ୍ ଦ୍ୱୀପର କିମ୍ବେ ସହରରୁ ୧୨୫ କି.ମି. ପୂର୍ବ ଏବଂ ଏହା ୪୦ କିଲୋମିଟର ଗଭୀର ବୋଲି ଆମେରିକା ଜିଓଲୋଜିକାଲ୍ ସର୍ଭେ ପକ୍ଷରୁ ସୂଚନା ଦିଆଯାଇଛି।

### [ଇତିହାସର ଆଇନାରେ]

### ଅକ୍ଟୋବର ୧୨ର ପ୍ରମୁଖ ଘଟଣା

୧୯୬୦ ଅକ୍ଟୋବର ୧୨ରେ ଜାତିସଂଘ ସାଧାରଣ ପରିଷଦ ବୈଠକରେ ରୁଷିଆର କମ୍ୟୁନିଷ୍ଟ ନେତା ତଥା ପ୍ରଧାନମନ୍ତ୍ରୀ ନିକିତା କ୍ରୁଶ୍ଚେଭ ଟେବୁଲ ଉପରେ ଜୋତା ପିଟିଥିଲେ। ଫିଲିପାଇନ୍ସ ପ୍ରତିନିଧି ଲୋରେଞ୍ଜୋ ସୁମୁଲଙ୍ଗ ସୋଭିଏଟ୍ ୟୁନିୟନର ଔପନିବେଶବାଦ ବିରୋଧରେ ଅଭିଯୋଗ ଉଠାଇବା ପରେ କ୍ରୁଶ୍ଚେଭ ଟେବୁଲରେ ଜୋତା ବାଡ଼େଇଥିଲେ।

୨୦୦୨ ଅକ୍ଟୋବର ୧୨ରେ ଇଣ୍ଡୋନେସିଆର ବାଲିଦ୍ୱୀପରେ ଥିବା ପର୍ଯ୍ୟଟକ ସହର କୁଟାରେ ଆତଙ୍କବାଦୀମାନେ ବଡ଼ଧରଣର ବିସ୍ଫୋରଣ ଘଟାଇଥିଲେ। କୁଟାର ପ୍ରସିଦ୍ଧ ସାରି ନାଇଟ୍ କ୍ଲବ୍‌ରେ ଏହି ବିସ୍ଫୋରଣ ଘଟିଥିଲା। ଏଥିରେ ୨୦୨ ଜଣ ପ୍ରାଣ ହରାଇଥିବାବେଳେ ଅନ୍ୟୂନ ୨୫୦ ଜଣ ଆହତ ହୋଇଥିଲେ। ମୃତକଙ୍କ ମଧ୍ୟରେ ଥିଲେ ୮୮ ଜଣ ଅଷ୍ଟ୍ରେଲୀୟ। ସେଠାରେ ପ୍ରଥମେ ଏକ ଆତ୍ମଘାତୀ ବିସ୍ଫୋରଣ ହୋଇଥିଲା।

## ■ ରୁଷିଆ ସହ ସମ୍ପର୍କକୁ ନେଇ ଟ୍ରମ୍ପଙ୍କ ଧମକ

# ଭାରତକୁ ଦେଖିନେବୁ

ଓ୍ୱାଶିଂଟନ୍,୧୧।୧୦(ପି.ଟି.)

ରୁଷିଆ ସହ ଭାରତର ସମ୍ପର୍କ ଆମେରିକାକୁ ସହ୍ୟ ହେଉନାହିଁ। ନିଜ ପତିଆରା କ୍ଷୁଣ୍ଣ ହେବାର ଭୟ ଓ ଚିନ୍ତା ଘାରିଛି ଓ୍ୱାଶିଂଟନ୍‌କୁ। ରୁଷିଆଠାରୁ ଏସ୍-୪୦୦ କ୍ଷେପଣାସ୍ତ୍ର କିଣିବା ପାଇଁ ଭାରତ ଚୁକ୍ତିବଦ୍ଧ ହୋଇଥିବାବେଳେ ସମ୍ଭବତଃ ଏଇଥିପାଇଁ ନୂଆଦିଲ୍ଲୀକୁ ନାଲିଆଖି ଦେଖାଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ।

ଭାରତ ନିଜ ସାମରିକ ଶକ୍ତି ବୃଦ୍ଧି କରିବା ସକାଶେ ରୁଷିଆଠାରୁ ଏସ୍-୪୦୦ ମିଶାଇଲ୍ ସିଷ୍ଟମ୍ କିଣିବାକୁ ଯାଉଛି। ଏଥିପାଇଁ ଟ୍ରମ୍ପ ଗୁରୁବାର ସିଧାସଳଖ ଭାରତକୁ ଧମକ ଦେଇଛନ୍ତି। ନୂଆଦିଲ୍ଲୀ ଖୁବ୍‌ଶୀଘ୍ର ଏହାର ପରିଣାମ ଭୋଗିବ ବୋଲି ଟ୍ରମ୍ପ କହିଛନ୍ତି। ପ୍ରକାଶ ଯେ, ଏସ୍-୪୦୦ ଏୟାର୍ ଡିଫେନ୍ସ ସିଷ୍ଟମ୍ କିଣିବା ଲାଗି ଭାରତ ଏବଂ ରୁଷିଆ ମଧ୍ୟରେ କିଛିଦିନ ପୂର୍ବରୁ ଚୁକ୍ତି ସ୍ୱାକ୍ଷର ହୋଇଛି। ରୁଷିଆ ସହ ସାମରିକ ଅସ୍ତ୍ରଶସ୍ତ୍ର କାରବାର ନ କରିବା ଲାଗି ଆମେରିକା ପୂର୍ବରୁ ଭାରତକୁ ଚେତାବନୀ ଦେଇଆସୁଥିଲା। ଭାରତ ଏବଂ ରୁଷିଆର ଉକ୍ତ ଚୁକ୍ତି ସମ୍ପର୍କରେ ହ୍ୱାଇଟ୍ ହାଉସ୍‌ର ଓଭାଲ୍ ଅଫିସ୍‌ରେ ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ ଟ୍ରମ୍ପ କହିଛନ୍ତି, ଖୁବ୍‌ଶୀଘ୍ର ନୂଆଦିଲ୍ଲୀ ଏହାର ପରିଣାମ ଦେଖିବାକୁ ପାଇବ। ପାଇବା ଉଚିତ ନୁହେଁ କି? ଯେତେଶୀଘ୍ର ଭାବୁଛ, ତା'ଠାରୁ ଆହୁରି ଶୀଘ୍ର ପରିଣାମ ଆସିବ।



■ ଏସ୍-୪୦୦ ମିଶାଇଲ୍ ସିଷ୍ଟମ୍ ଚିନ୍ତାର କାରଣ

■ ଦେଖାଇଲେ ସିଏଏଟିଏସ୍ଏ କଟକଣା ଭୟ

ରୁଷିଆ ସହ ଅସ୍ତ୍ରଶସ୍ତ୍ର କାରବାର କରିବା ଯୋଗୁ ଖୁବ୍‌ଶୀଘ୍ର ଭାରତ ଉପରେ ଆମେରିକାର ଦଣ୍ଡାତ୍ମକ କଟକଣା ଆଇନ 'କାଉଣ୍ଟରିଂ ଆମେରିକାଜ୍ ଆଡ୍‌ଭର୍ସାରିଜ୍ ଥ୍ରୋ ସାଙ୍କ୍‌ସନ୍ ଆକ୍ଟ' (ସିଏଏଟିଏସ୍ଏ) ଲାଗୁ କରାଯିବ ବୋଲି ଟ୍ରମ୍ପ ଚେତାବନୀ ଦେଇଛନ୍ତି।

ସିଏଏଟିଏସ୍ଏ ହେଉଛି ଆମେରିକାର ଏକ ସଂଘୀୟ ଆଇନ ଏବଂ ଏହା ଇରାନ, ଉତ୍ତର କୋରିଆ ଏବଂ ରୁଷିଆ ଉପରେ ପୂର୍ବରୁ ଲାଗୁ କରାଯାଇଛି। ୟୁକ୍ରେନ୍ ଉପରେ ସାମରିକ କାର୍ଯ୍ୟାନୁଷ୍ଠାନ ଏବଂ ୨୦୧୬ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ହସ୍ତକ୍ଷେପ ଅଭିଯୋଗ ହେବା ପରେ ରୁଷିଆ ଉପରେ ଏହି କଟକଣା ଜାରି କରାଯାଇଥିଲା। ମସ୍କୋର ତୈଳ, ଗ୍ୟାସ୍ ଶିଳ୍ପ, ପ୍ରତିରକ୍ଷା, ନିରାପତ୍ତା ଏବଂ ଆର୍ଥିକ କାରବାର ସହ ସମ୍ପର୍କ ନ ରଖିବା ଲାଗି ଆମେରିକା ଏଭଳି କଠୋର ପଦକ୍ଷେପ ନେଇଥିଲା।

ଓଭାଲ୍ ଅଫିସ୍‌ରେ ଟ୍ରମ୍ପଙ୍କ ସହ ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓ ମଧ୍ୟ ଉପସ୍ଥିତ ଥିଲେ। ପମ୍ପିଓ ଏବଂ ପ୍ରତିରକ୍ଷା ସଚିବ ଜେମ୍ସ ମାଟିସ୍ ଭାରତ ଉପରେ କଟକଣାକୁ ବିରୋଧ କରିଆସୁଛନ୍ତି। ଦଣ୍ଡ କୋହଳ କରିବା ଲାଗି ପୂର୍ବରୁ ସେମାନେ ଯୁକ୍ତି ବାଢ଼ିଥିଲେ। ସିଏଏଟିଏସ୍ଏ କଟକଣା କେବଳ ରୁଷିଆ ପାଇଁ ଉଦ୍ଦିଷ୍ଟ ଏବଂ ମସ୍କୋର ସହଯୋଗୀ ତଥା ଅଂଶୀଦାରଙ୍କ ପାଇଁ ଏହା କୌଣସି ସମସ୍ୟା ସୃଷ୍ଟି କରିବ ନାହିଁ ବୋଲି ଭାରତରେ ଅବସ୍ଥାପିତ ଆମେରିକୀୟ ଦୂତାବାସ ମୁଖପାତ୍ର ମଧ୍ୟ ସ୍ପଷ୍ଟ କରିଥିଲେ। ତେବେ ଚଳିତବର୍ଷ ଆରମ୍ଭରେ ପ୍ରଣୀତ ସିଏଏଟିଏସ୍ଏରୁ ଭାରତ ଉପରେ ଦଣ୍ଡ କୋହଳ କରିବା କ୍ଷମତା କେବଳ ରାଷ୍ଟ୍ରପତିଙ୍କ ହାତରେ ରହିଛି। ତେଣୁ ଭାରତ ଉପରେ କାର୍ଯ୍ୟାନୁଷ୍ଠାନ ହେବ କି ନାହିଁ ତାହା ସମ୍ପୂର୍ଣ୍ଣ ରୂପେ ଟ୍ରମ୍ପଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ।

### ଇରାନରୁ ତେଲ କିଣା ନେଇ କ୍ଷୁବ୍ଧ



ଓ୍ୱାଶିଂଟନ୍,୧୧।୧୦- ନଭେମ୍ବର ୪ରେ ଇରାନ ବିରୋଧରେ ଆମେରିକା କଟକଣା ଜାରି କରିବା ପରେ ମଧ୍ୟ ତେହରାନଠାରୁ ଅଶୋଧିତ ତେଲ କିଣିବାକୁ ନିଷ୍ପତ୍ତି ନେଇଛି ଭାରତ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହାକୁ ନେଇ କ୍ଷୁବ୍ଧ ଥିବା ଜଣାପଡ଼ିଛି। ସେ ଭାରତ ବିରୋଧରେ କାର୍ଯ୍ୟାନୁଷ୍ଠାନର ଚେତାବନୀ ଦେଇଛନ୍ତି। ନଭେମ୍ବରରେ ଦୁଇଟି କମ୍ପାନୀ ଇରାନରୁ ତେଲ କିଣିବାକୁ ଯାଉଛନ୍ତି ବୋଲି ଦୁଇଦିନ ତଳେ ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ରର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। କଟକଣା ପରେ ବି ଇରାନଠାରୁ ଭାରତ ଓ ଚାଇନା ତେଲ କିଣିବାକୁ ଯାଉଛନ୍ତି ବୋଲି ଖବରଦାତାମାନେ କହିବାରୁ ଟ୍ରମ୍ପ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି, ସେହି ଦୁଇଦେଶକୁ ଦେଖିନେବେ। ଇରାନ ସହ ବାଣିଜ୍ୟ କରିବାର ବିପଦ ସମ୍ପୃକ୍ତ ଦେଶକୁ ମୁଣ୍ଡାଇବାକୁ ପଡ଼ିବ।

## ୨ ହତ୍ୟା ମାମଲାରେ ରାମପାଲ ଦୋଷୀ

ନୂଆଦିଲ୍ଲୀ,୧୧।୧୦(ପି.ଟି.)



ଆତ୍ମଘୋଷିତ ବାବା ରାମପାଲଙ୍କୁ ଲାଗିଛି ଶକ୍ତ ଝଟକା। ଦୁଇଟି ହତ୍ୟା ମାମଲାରେ ହରିୟାଣାର କୋର୍ଟ ଗୁରୁବାର ତାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଦାଲତ ଏହି ରାୟ ଦେବା ପରେ ହିସାରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଜିଲାର ବିଭିନ୍ନ ସ୍ଥାନରେ ନିଷେଧାଦେଶ ଜାରି ହୋଇଛି।

୨୦୧୪ ନଭେମ୍ବର ୧୯ରେ ହିସାର ଜିଲାର ବରୱାଲାରେ ଥିବା ସତ୍‌ଲୋକ ଆଶ୍ରମରେ ୪ ମହିଳା ଏବଂ ଜଣେ ଶିଶୁଙ୍କ ମୃତଦେହ ମିଳିଥିଲା। ଏହି ଘଟଣା ପ୍ରଘଟ ହେବା ପରେ ଚାଞ୍ଚଲ୍ୟ ଖେଳିଯାଇଥିଲା। ହତ୍ୟା ଓ ବେଆଇନ ଭାବେ ବନ୍ଦୀ ରଖିବା ଅଭିଯୋଗରେ ରାମପାଲ ଓ ତାଙ୍କର ୨୭ ଅନୁଗାମୀଙ୍କ ନାଁରେ ମାମଲା ରୁଜୁ ହୋଇଥିଲା। ହିସାରର ଅତିରିକ୍ତ ଜିଲା ଓ ଦୌରା ଜଜ୍ ଡି.ଆର୍. ଚାଲିୟା ବିବାଦୀୟ ଧର୍ମଗୁରୁ ଓ ତାଙ୍କର କେତେଜଣ ଅନୁଗାମୀଙ୍କୁ ଦୋଷୀ ପ୍ରମାଣିତ କରିଛନ୍ତି। ଆସନ୍ତା ୧୬ ଓ ୧୭ ତାରିଖରେ ଦଣ୍ଡବିଧାନ ହେବ। ରାମପାଲଙ୍କୁ କୋର୍ଟ ହତ୍ୟାକାରୀ ସାବ୍ୟସ୍ତ କରିବା ପରେ ଏବେ ହିସାରରେ ଗଣ୍ଡଗୋଳ ସୃଷ୍ଟି ହେବା ଆଶଙ୍କା ରହିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଇନଶୃଙ୍ଖଳା ଲାଗି ହରିୟାଣା ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି। ପାଖାପାଖି ୨,୦୦୦ ପୋଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଛି।

ବିବାଦୀୟ ବାବା ରାମପାଲଙ୍କ କେଳେଙ୍କାରୀ ବିଷୟରେ ୨୦୧୪ରେ ପ୍ରଘଟ ହୋଇଥିଲା। ଏହାପରେ ପୋଲିସ ତାଙ୍କୁ ଗିରଫ କରିବା ଲାଗି ଅଭିଯାନ ଚଳାଇଥିଲା। କିନ୍ତୁ ୧୨ ଏକର ବିଶିଷ୍ଟ ଆଶ୍ରମ ଭିତରେ ସେ ଲୁଚିରହିଲେ ଏବଂ ଅନେକ ଭକ୍ତଙ୍କୁ ପଣବନ୍ଦୀ ରଖିଲେ। ଏପଟେ ପୋଲିସ ଓ ବାବାଙ୍କ ସଶସ୍ତ୍ର ଅନୁଗାମୀ ମୁହାଁମୁହିଁ ହୋଇଥିଲେ। ଏହିଭଳି କିଛିଦିନ ଲୁଚକାଳି ଖେଳିବା ପରେ ରାମପାଲଙ୍କୁ ପୋଲିସ ଗିରଫ କରିଥିଲା। ତେବେ ହିଂସାକାଣ୍ଡରେ ୬ ଜଣ ନିହତ ହେବା ସହ ଅନେକେ ଆହତ ହୋଇଥିଲେ। ହଜାର ହଜାର ସମର୍ଥକଙ୍କୁ ବେଆଇନ ଭାବେ ବନ୍ଦୀ ରଖିବା ଅଭିଯୋଗରେ ଗତ ଅଗଷ୍ଟରେ ରାମପାଲ ଦୋଷୀ ସାବ୍ୟସ୍ତ ହୋଇଥିଲେ।

## କାର୍ତ୍ତିଙ୍କ ସମ୍ପତ୍ତି ବାଜ୍ୟାପ୍ତ

ନୂଆଦିଲ୍ଲୀ,୧୧।୧୦(ପି.ଟି.)



ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ୍‌ଙ୍କ ପୁଅ କାର୍ତ୍ତିଙ୍କ ୫୪ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତି କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ଆଇଏନ୍‌ଏକ୍ସ ମିଡିଆ ମନି ଲଣ୍ଡରିଂ ମାମଲାରେ ଭାରତ ସମେତ ବ୍ରିଟେନ୍ ଏବଂ ସ୍ପେନ୍‌ରେ ଥିବା କାର୍ତ୍ତିଙ୍କ ସମ୍ପତ୍ତିକୁ ଗୁରୁବାର ଜବତ କରାଯାଇଛି। ନିଜ ସମ୍ପତ୍ତିର ୫୦% ଅଂଶୀଦାର କାର୍ତ୍ତି ବୋଲି ଜଣେ ଇଡି ଅଧିକାରୀ ସୂଚନା ଦେଇଛନ୍ତି।

ପ୍ରିଭେନ୍‌ଶନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟ (ପିଏମ୍ଏଲ୍ଏ) ଅଧୀନରେ କାର୍ତ୍ତିଙ୍କ ନାମରେ ତାମିଲନାଡୁର କୋଡାଇକେନାଲ୍ ଏବଂ ଉଟିଠାରେ ଥିବା ଚାଷଜମି, ବଙ୍ଗଳା, ଦକ୍ଷିଣ ଦିଲ୍ଲୀର ପୋଶ୍ ଜୋର୍‌ବାଗ୍‌ସ୍ଥିତ ୧୬ କୋଟି ଟଙ୍କାର ଏକ ଫ୍ଲାଟ୍ ବାଜ୍ୟାପ୍ତି ପାଇଁ କେନ୍ଦ୍ରୀୟ ତଦନ୍ତକାରୀ ଏଜେନ୍ସି ପକ୍ଷରୁ ଏକ ପ୍ରୋଭିଜନାଲ୍ ଅର୍ଡର ଆସିଥିଲା। ସେହିପରି ବ୍ରିଟେନ୍‌ରେ ୮.୬୭ କୋଟି ଏବଂ ସ୍ପେନ୍‌ର ବାର୍ସିଲୋନାଠାରେ ୧୪.୫୭ କୋଟି ଟଙ୍କାର ଏକ ଟେନିସ୍ କ୍ଲବ୍ ବାଜ୍ୟାପ୍ତି କରାଯାଇଛି। ଚେନ୍ନାଇର ଏକ ବ୍ୟାଙ୍କ୍‌ରେ ତାଙ୍କର ୯୦ ଲକ୍ଷ ଟଙ୍କାର ଫିକ୍ସଡ୍ ଡିପୋଜିଟ୍ ମଧ୍ୟ ଜବତ ହୋଇଛି। ତେବେ ପ୍ରୋଭିଜନାଲ୍ ଆଟାଚ୍‌ମେଣ୍ଟକୁ କାର୍ତ୍ତି ସମାଲୋଚନା କରିବା ସହ ବିଚିତ୍ର ବୋଲି ଦର୍ଶାଇଛନ୍ତି। ଇଡିର ଏହି କାର୍ଯ୍ୟାନୁଷ୍ଠାନ ଆଇନସମ୍ମତ ନୁହେଁ, ବରଂ ଏହା ଏକ ପାଗଳାମି। କେବଳ ଶିରୋନାମାରେ ରହିବା ଲାଗି ଏଭଳି କରାଯାଇଛି। ଅନୁଚିତ କାର୍ଯ୍ୟାନୁଷ୍ଠାନ ବିରୋଧରେ ଆଇନଗତ ପଦକ୍ଷେପ ଗ୍ରହଣ ନିଆଯିବ ବୋଲି କାର୍ତ୍ତି କହିଛନ୍ତି।

## ■ ପାକିସ୍ତାନ ହାଇକମିଶନର ଭାରତ ବିରୋଧୀ ଷଡ଼ଯନ୍ତ୍ର

# ପଶ୍ଚିମବଙ୍ଗରେ ଘଟାଇବେ ଆକ୍ରମଣ

ନୂଆଦିଲ୍ଲୀ,୧୧।୧୦

ଭାରତ ବିରୋଧରେ ଛାୟାଯୁଦ୍ଧ ଚଳାଇଥିବା ପାକିସ୍ତାନ ଆତଙ୍କବାଦୀ ଆକ୍ରମଣ ଘଟାଇବାକୁ ସଦା ଷଡ଼ଯନ୍ତ୍ର ରଚୁଛି। ନିଜର କୁତ୍ସିତ ଉଦ୍ଦେଶ୍ୟ ପୂରଣ ଲାଗି ବିଭିନ୍ନ ଉପାୟ ଆପଣାଉଛି। ଏଥିରେ ପାକ୍ ସେନା ଓ ଗୋଇନ୍ଦା ସଂସ୍ଥା ଆଇଏସ୍ଆଇର ପ୍ରଚ୍ଛନ୍ନ ହାତ ରହୁଛି। ଏବେ ପାକିସ୍ତାନ ହାଇକମିଶନ ଅଧିକାରୀମାନେ ମଧ୍ୟ ଚକ୍ରାନ୍ତରେ ସାମିଲ ହୋଇଛନ୍ତି। ବାଂଲାଦେଶ ରାଜଧାନୀ ଢାକାକୁ ଯାଇ ସେମାନେ ଭାରତ ମାଟିରେ ଆତଙ୍କ ଖେଳାଇବାକୁ ମସୁଧା ଚଳାଇଛନ୍ତି। ପଶ୍ଚିମବଙ୍ଗକୁ ସେମାନେ ଟାର୍ଗେଟ କରିଛନ୍ତି ବୋଲି ଗୋଇନ୍ଦା ସୂଚନା ମିଳିଛି।

ଭାରତୀୟ ସୁରକ୍ଷା ବ୍ୟବସ୍ଥାକୁ ପାକିସ୍ତାନ ଚ୍ୟାଲେଞ୍ଜ କରିବାକୁ ଯାଉଥିବା ମିଳିଥିବା ସୂଚନା ଚିନ୍ତା ବଢ଼ାଇଦେଇଛି। ମିଳିଥିବା ଖବର ମୁତାବକ, ଢାକାରେ ନିଯୁକ୍ତ ପାକିସ୍ତାନୀ କୂଟନୀତିଜ୍ଞଙ୍କ ସହ ହାତ ମିଳାଇ ଆଇଏସ୍ଆଇ ଏଜେଣ୍ଟମାନେ ବାଂଲାଦେଶର ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ସହ ଗୁପ୍ତ ବୈଠକ କରିଛନ୍ତି। ବାଂଲାଦେଶ ଏବଂ ଭାରତରେ ବଡ଼ଧରଣର ଆକ୍ରମଣ ଘଟାଇବାକୁ ସେମାନେ ଆତଙ୍କବାଦୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯୋଜନା ସଫଳ କରିବା ଲାଗି ୧୦୦ ନୂଆ ଆତଙ୍କବାଦୀଙ୍କୁ ନିଯୁକ୍ତ କରିବା ସହ ଅସ୍ତ୍ର ଯୋଗାଇଦେବାକୁ ସେମାନେ ପ୍ରତିଶ୍ରୁତି ଦେଇଛନ୍ତି। ଆତ୍ମଘାତୀଙ୍କୁ ମଧ୍ୟ ତାଲିମ୍ ଦିଆଯାଉଛି। ତାଲିମ୍ ଶେଷ ହେବା ପରେ କେତେଜଣ ଆତଙ୍କବାଦୀଙ୍କୁ ପଶ୍ଚିମବଙ୍ଗ ପଠାଯିବ ବୋଲି ଜଣାପଡ଼ିଛି।

### ବାଂଲାଦେଶୀ ଆତଙ୍କବାଦୀଙ୍କ ସହ ଆଇଏସ୍ଆଇର ଗୁପ୍ତ ମନ୍ତ୍ରଣା



ନିକଟରେ ଢାକାରେ ପାକିସ୍ତାନ ଜଣେ ନୂଆ କୂଟନୀତିଜ୍ଞଙ୍କୁ ଅବସ୍ଥାପିତ କରିବାରୁ ଶେଖ୍ ହାସିନାଙ୍କ ସରକାର ଏହାକୁ ବିରୋଧ କରିଥିଲେ। କୂଟନୀତିଜ୍ଞଙ୍କୁ ହାତକରି ଆଇଏସ୍ଆଇ ଷଡ଼ଯନ୍ତ୍ର ରଚୁଛି। ଢାକାସ୍ଥିତ ପାକ୍ ହାଇକମିଶନ ବାଂଲାଦେଶ ଏବଂ ଭାରତ ବିରୋଧୀ କାର୍ଯ୍ୟକଳାପର କେନ୍ଦ୍ର ପାଲଟିଛି। ସେଠାରେ ଜାଲ୍ ଭାରତୀୟ ନୋଟ୍ ମଧ୍ୟ ଛପାଯାଉଛି। ଏହା ଉଭୟ ରାଷ୍ଟ୍ର ପାଇଁ ଚିନ୍ତାର ବିଷୟ ବୋଲି ହାସିନା ସରକାର ବିବେଚନା କରୁଥିବା ଗୋଇନ୍ଦା ଅଧିକାରୀ କହିଛନ୍ତି।

ଗତମାସ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଏକ ଗୋଇନ୍ଦା ସୂଚନା ମିଳିଥିଲା। ବାଂଲାଦେଶର ସାଧାରଣ ନିର୍ବାଚନ ସମୟରେ ଆକ୍ରମଣ ଘଟାଇବା ଲାଗି ଯୋଜନା ପ୍ରସ୍ତୁତ କରିବାକୁ ଜମାତ୍-ଉଲ୍-ମୁଜାହିଦ୍ଦିନ୍ ବାଂଲାଦେଶ (ଜେଏମ୍‌ବି) ଗୁପ୍ତ ବୈଠକ କରିଥିବା ସେଥିରେ ଦର୍ଶାଯାଇଥିଲା। ପାକିସ୍ତାନୀ ଲସ୍କର ଆତଙ୍କବାଦୀଙ୍କ ସହଯୋଗରେ ବିଭିନ୍ନ ଜିଲାରେ ୫୦ ତାଲିମ କେନ୍ଦ୍ର ଖୋଲିବାକୁ ମନ୍ତ୍ରଣା ହୋଇଛି । ମିଳିତ ଭାବେ ସେମାନେ ବିଭିନ୍ନ ଅସ୍ତ୍ର ଓ ଆତ୍ମଘାତୀ ବିସ୍ଫୋରକ ମଧ୍ୟ ଯୋଗାଡ଼ କରିବେ।

## ହିନ୍ଦୁ-ମୁସଲ୍‌ମାନ ଛାତ୍ରୀଛାତ୍ରଙ୍କୁ ଅଲଗା ବସାଇ ଶିକ୍ଷକ ନିଲମ୍ବିତ

ନୂଆଦିଲ୍ଲୀ,୧୧।୧୦(ପି.ଟି.)

ଉତ୍ତର ଦିଲ୍ଲୀର ଏକ ପ୍ରାଥମିକ ସ୍କୁଲ୍‌ରେ ହିନ୍ଦୁ-ମୁସଲ୍‌ମାନ ଛାତ୍ରୀଛାତ୍ରଙ୍କୁ ଭିନ୍ନ ଭାବେ ବସାଯିବା ଅଭିଯୋଗ ହୋଇଛି। ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଥିବାବେଳେ ଚାରିଆଡୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଉତ୍ତର ଦିଲ୍ଲୀ ମ୍ୟୁନିସିପାଲ୍ କର୍ପୋରେଶନ୍ (ଏନ୍‌ଡିଏମ୍‌ସି) ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ ସ୍କୁଲ୍ ଦାୟିତ୍ୱରେ ଥିବା ଶିକ୍ଷକଙ୍କୁ ବୁଧବାର ନିଲମ୍ବନ କରାଯାଇଛି। ଦିଲ୍ଲୀ ସରକାର ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ମାନବ ସମ୍ବଳ ବିକାଶ (ଏଚ୍‌ଆର୍‌ଡି) ମନ୍ତ୍ରଣାଳୟ ପକ୍ଷରୁ ମଧ୍ୟ ରିପୋର୍ଟ ତଲବ କରାଯାଇଛି। ଓ୍ୱଜିରାବାଦ୍ ଅଞ୍ଚଳରେ ସିଭିଲ୍ ଲାଇନ୍ ଜୋନ୍‌ରେ ଥିବା ପ୍ରାଥମିକ ବିଦ୍ୟାଳୟରେ ହିନ୍ଦୁ ଏବଂ ମୁସଲ୍‌ମାନ ଛାତ୍ରୀଛାତ୍ରଙ୍କୁ ପୃଥକ୍ କରି ବସାଯାଉଥିବା ଏନ୍‌ଡିଏମ୍‌ସି ଦ୍ୱାରା ନିଯୁକ୍ତି ପ୍ରାପ୍ତ କେତେକ ଶିକ୍ଷକ ଅଭିଯୋଗ ଆଣିଥିଲେ। ଅଭିଯୋଗର ତଦନ୍ତ ପରେ ଘଟଣା ସତ୍ୟତା ସାମ୍ନାକୁ ଆସିଥିବା ଭାଜପା ନେତୃତ୍ୱାଧୀନ ଏନ୍‌ଡିଏମ୍‌ସି ପ୍ରମାଣ ପାଇଥିଲା। ଏହାପରେ ବିଦ୍ୟାଳୟର ମୁଖ୍ୟଙ୍କ ବିରୋଧରେ ବୁଧବାର କାର୍ଯ୍ୟାନୁଷ୍ଠାନ ହୋଇଛି। ଶିକ୍ଷକଙ୍କ ଏଭଳି କାର୍ଯ୍ୟ ଅବିଶ୍ୱନୀୟ ଏବଂ ଅକ୍ଷମଣୀୟ। ଅଭିଯୋଗକାରୀ ଶିକ୍ଷକଙ୍କୁ ମଧ୍ୟ ଏଥିଲାଗି ଧନ୍ୟବାଦ ବୋଲି ଏନ୍‌ଡିଏମ୍‌ସି କମିଶନର ମାଧୁପ ବ୍ୟାସ ପ୍ରକାଶ କରିଛନ୍ତି।

## ପୁଣି ଥରିଲା ଇଣ୍ଡୋନେସିଆ

ଜାକର୍ତ୍ତା,୧୧।୧୦(ପି.ଟି.)

### ଜାଭା, ବାଲିରେ ଶକ୍ତିଶାଳୀ ଭୂକମ୍ପ ଝଟକା: ୩ ମୃତ

ଇଣ୍ଡୋନେସିଆର ଜାଭା ଏବଂ ବାଲି ଦ୍ୱୀପ ଉପକୂଳରେ ଗୁରୁବାର ଶକ୍ତିଶାଳୀ ଭୂକମ୍ପ ଝଟକା ଅନୁଭୂତ ହୋଇଛି। ଏଥିରେ ୩ ଜଣ ପ୍ରାଣ ହରାଇଥିବାବେଳେ କେତେକ ସ୍ଥାନରେ ଘରଦ୍ୱାର ଭାଙ୍ଗି ଯାଇଛି। ଭୂକମ୍ପର ତୀବ୍ରତା ୬.୦ ରହିଥିବାବେଳେ ଜାଭା ଦ୍ୱୀପର ପୂର୍ବାନ୍ତରେ ଉପକୂଳରୁ ୪୦ କିଲୋମିଟର ଦୂର ସମୁଦ୍ର ଭିତର ଏହାର ଉତ୍ପତ୍ତିସ୍ଥଳ ବୋଲି ଆମେରିକା ଜିଓଲୋଜିକାଲ୍ ସର୍ଭେ ପକ୍ଷରୁ ସୂଚନା ଦିଆଯାଇଛି।

୧୦ ସେକେଣ୍ଡ ପାଇଁ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା। ବାଲିର ଡେନ୍‌ପସାର ସହରରେ ସବୁଠାରୁ ଅଧିକ ଶକ୍ତିଶାଳୀ ଝଟକା ଅନୁଭୂତ ହୋଇଥିଲା। ପୂର୍ବ ଜାଭା ପ୍ରଦେଶର ରାଜଧାନୀ ସୁରେବାୟାଠାରେ ମଧ୍ୟ ଏହାର ଝଟକା ଅନୁଭୂତ ହୋଇଥିଲା। ଜାଭାର ସୁମେନେପ୍ ଜିଲାରେ କୋଠ ଭୁଶୁଡ଼ିଯିବା ଯୋଗୁ ୩ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ଏପର୍ଯ୍ୟନ୍ତ ସୂଚନା ମିଳିଛି ବୋଲି ଜାତୀୟ ବିପର୍ଯ୍ୟୟ ପରିଚାଳନା ଏଜେନ୍ସି ମୁଖପାତ୍ର ସୁତପୋ ପୂର୍ଣ୍ଣୋନୁଗ୍ରହୋ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ସେପ୍ଟେମ୍ବର ୨୮ରେ ଇଣ୍ଡୋନେସିଆର ପାଲୁଠାରେ ୭.୫ ତୀବ୍ରତାର ଭୂକମ୍ପ ପରେ ଭୟଙ୍କର ସୁନାମି ମାଡ଼ି ଆସିଥିଲା। ଏହାଯୋଗୁ ୨୦୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିବାବେଳେ ଏବେ ବି ଅନେକଙ୍କ ପତ୍ତା ମିଳିପାରି ନାହିଁ। ବ୍ୟାପକ ଧନସମ୍ପତ୍ତି ମଧ୍ୟ ନଷ୍ଟ ହୋଇଥିଲା। ପାଲୁ ଅଞ୍ଚଳରେ ଉଦ୍ଧାରକାର୍ଯ୍ୟ ଏପର୍ଯ୍ୟନ୍ତ ସରିନଥିବାବେଳେ ଆଉ ଏକ ଭୂକମ୍ପ ଦେଶବାସୀଙ୍କ ମନରେ ଆତଙ୍କ ଖେଳାଇ ଦେଇଛି।

## ■ କଶ୍ମୀରରେ ଏନ୍‌କାଉଣ୍ଟର: ୨ ହିଜବୁଲ୍ ଆତଙ୍କବାଦୀ ନିହତ

# ଟଳିଲେ ପିଏଚ୍.ଡି. ସ୍କଲାର ମନାନ୍ ଓ୍ୱାନି

ଶ୍ରୀନଗର,୧୧।୧୦(ପି.ଟି.)

ଆତଙ୍କବାଦୀ ସଙ୍ଗଠନ ହିଜବୁଲ୍ ମୁଜାହିଦ୍ଦିନ୍‌କୁ ଗୁରୁବାର ଶକ୍ତ ଝଟକା ଲାଗିଛି। ଉତ୍ତର କଶ୍ମୀରରେ ହୋଇଥିବା ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟରରେ ଦୁଇ ଆତଙ୍କବାଦୀ ଟଳିପଡ଼ିଛନ୍ତି। ନିହତଙ୍କ ମଧ୍ୟରେ ଅଛନ୍ତି ହିଜବୁଲ୍‌ର ଶୀର୍ଷସ୍ତରୀୟ କମାଣ୍ଡର ତଥା ପିଏଚ୍.ଡି. ସ୍କଲାର ମନାନ୍ ବଶିର ଓ୍ୱାନି ଓ ତାଙ୍କ ସହଯୋଗୀ। କଶ୍ମୀରୀ ଆତଙ୍କବାଦୀ ଦ୍ୱୟ ଗୁଳିମାଡ଼ରେ ଆଖିବୁଜିବା ପରେ ସମଗ୍ର ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିଛି। ସ୍ଥିତିକୁ ନଜରରେ ରଖି ଏଠାରେ ଇଣ୍ଟରନେଟ ସେବା ବନ୍ଦ କରିଦିଆଯାଇଛି।

ଉଚ୍ଚ ଶିକ୍ଷିତ ମନାନ୍ ଓ୍ୱାନି (୨୭) ଆଲିଗଡ଼ ମୁସ୍‌ଲିମ୍ ୟୁନିଭର୍ସିଟି (ଏଏମ୍‌ୟୁ)ରେ ଗବେଷଣାରତ ଛାତ୍ର ଥିଲେ। ଅଧା ପାଠପଢ଼ା ଛାଡ଼ି ୨୦୧୬ରେ ସେ ଆତଙ୍କବାଦୀ ସଙ୍ଗଠନରେ ଯୋଗଦେଇଥିଲେ। କଶ୍ମୀରରେ ଆତଙ୍କବାଦୀ କାୟା ବିସ୍ତାର କରିଥିବା ହିଜ୍‌ବୁଲ ମୁଜାହିଦ୍ଦିନ୍‌ର କମାଣ୍ଡର ହୋଇ ସେ ଅନେକ ଷଡ଼ଯନ୍ତ୍ର ରଚିଛନ୍ତି ଏବଂ ଯୁବକଙ୍କୁ ନିଜ ଟିମ୍‌ରେ ସାମିଲ କରିଛନ୍ତି। ତେବେ କୁପ୍‌ଓ୍ୱାଡ଼ା ଜିଲାର ହନ୍ଦଓ୍ୱାଡ଼ା ଅନ୍ତର୍ଗତ ଶତ୍‌ଗୁନ୍ଦ ଗ୍ରାମରେ ଅନ୍ୟ ଜଣେ ଆତଙ୍କବାଦୀଙ୍କ ସହ ମନାନ୍ ଓ୍ୱାନି ଲୁଚିରହିଥିବା ଗୋଇନ୍ଦା ସୂଚନା ମିଳିଥିଲା। ଖବର ପାଇ ଗୁରୁବାର ସକାଳେ ପୋଲିସ ଓ ସେନାର ଏକ ମିଳିତ ଟିମ୍ ଉକ୍ତ ଅଞ୍ଚଳରେ ଘେରାବନ୍ଦୀ କରି ତଲାସି ଚଳାଇଥିଲେ। ପ୍ରାୟ ୨ ଘଣ୍ଟା ଗୁଳି ବିନିମୟ ପରେ ଦୁଇ ଆତଙ୍କବାଦୀଙ୍କ ମୃତଦେହ ଉଦ୍ଧାର ହୋଇଛି। ମନାନ୍ ଓ୍ୱାନିଙ୍କ ବାଦ୍ ଅନ୍ୟ ନିହତ ଆତଙ୍କବାଦୀ ହେଉଛନ୍ତି ହନ୍ଦଓ୍ୱାଡ଼ା ନିବାସୀ ଆଶିକ୍ ହୁସେନ୍। ହିଜବୁଲ୍ କମାଣ୍ଡର ମନାନ୍ ଓ୍ୱାନି ଥିଲେ କୁପ୍‌ଓ୍ୱାଡ଼ା ଜିଲାର ତେକିପୋରା ନିବାସୀ। ପିଲାବେଳୁ ପଢ଼ାରେ ଆଗୁଆ ଥିବା ମନାନ୍ ଓ୍ୱାନି ଜଓ୍ୱାହର ନବୋଦୟ ବିଦ୍ୟାଳୟ ଛାତ୍ର ଥିଲେ। ମାନସବଲସ୍ଥିତ ସୈନିକ ସ୍କୁଲରେ ସେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପଢ଼ିଛନ୍ତି। ଏହିଭଳି କୃତିତ୍ୱ ଅର୍ଜନ କରି ସେ ପିଏଚ୍.ଡି. କରୁଥିଲେ। କିନ୍ତୁ ଶିକ୍ଷିତ ହୋଇ ସମାଜ ପାଇଁ କିଛି କାର୍ଯ୍ୟ କରିବା ପରିବର୍ତ୍ତେ ସେ ସାଜିଲେ ଆତଙ୍କବାଦୀ। ଏନ୍‌କାଉଣ୍ଟରରେ ନିହତ ହେବା ପରେ ମନାନ୍ ଓ୍ୱାନିଙ୍କ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ତାଙ୍କ ଶେଷକୃତ୍ୟ ବେଳେ ୧୦ ହଜାରରୁ ଅଧିକ ଲୋକ ଉପସ୍ଥିତ ଥିଲେ।



■ ଅଶାନ୍ତ ଉତ୍ତର କଶ୍ମୀରରେ ସୁରକ୍ଷାକର୍ମୀଙ୍କୁ ଟେକାମାଡ଼

■ ଶୁକ୍ରବାର ବନ୍ଦ ଡାକରା ଦେଇଛନ୍ତି ବିଚ୍ଛିନ୍ନତାବାଦୀ

ସୁରକ୍ଷାକର୍ମୀଙ୍କ ଗୁଳିରେ ମନାନ୍ ଓ୍ୱାନି ଟଳିପଡ଼ିବା ପରେ ସ୍ଥାନୀୟ ଅଞ୍ଚଳବାସୀ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ସୁରକ୍ଷାକର୍ମୀଙ୍କ ଉପରକୁ ଟେକାମାଡ଼ କରିଥିଲେ। ଉତ୍ତେଜନା ଲାଗିରହିବାରୁ ଉତ୍ତର କଶ୍ମୀରର ସ୍କୁଲ ଓ ଅନ୍ୟ ଶିକ୍ଷାନୁଷ୍ଠାନ ବନ୍ଦ ଘୋଷଣା କରାଯାଇଥିଲା। ବିଚ୍ଛିନ୍ନତାବାଦୀମାନେ ଶୁକ୍ରବାର କଶ୍ମୀର ବନ୍ଦ ଡାକରା ଦେଇଛନ୍ତି। ଅନ୍ୟପଟେ ଜମ୍ମୁ-କଶ୍ମୀରର ଶୋପିଆନ୍ ଜିଲାରେ ମଧ୍ୟ ଅଜଣା ଦୁର୍ବୃତ୍ତଙ୍କ ଗୁଳିରେ ଜଣେ ବିଚ୍ଛିନ୍ନତାବାଦୀ ନିହତ ହୋଇଛନ୍ତି।

## କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ପ୍ରବଳ ବର୍ଷା ମଧ୍ୟ ହୋଇପାରେ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ତାପମାତ୍ରା ଓ ସର୍ବାଧିକ ବର୍ଷା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବାଧିକ ବର୍ଷା(ମି.ଲି.) |
|---|---|---|
| ବାଲେଶ୍ୱର | ୨୮.୮ | ୧୧.୦ |
| ଚାନ୍ଦବାଲି | ୩୦.୨ | ୧୬.୦ |
| କଟକ | ୨୮.୨ | ୪.୦ |
| ପାରାଦ୍ୱୀପ | ୩୦.୬ | ୦.୨ |
| ଭୁବନେଶ୍ୱର | ୨୮.୨ | ୩୯.୦ |
| ଗୋପାଳପୁର | ୩୦.୨ | ୩୧.୦ |
| ପୁରୀ | ୨୯.୬ | ୦.୦ |
| ଅନୁଗୋଳ | ୨୫.୭ | ୪.୦ |
| ବାରିପଦା | ୨୬.୫ | ୩୦.୦ |
| ଝାରସୁଗୁଡ଼ା | ୨୭.୯ | --- |
| କେନ୍ଦୁଝର | ୨୪.୭ | ୧୧.୦ |
| ସମ୍ବଲପୁର | ୨୭.୨ | ୦.୪ |
| ସୁନ୍ଦରଗଡ଼ | ୨୯.୦ | ୦.୦ |
| ହୀରାକୁଦ | ୨୭.୮ | ୧.୦ |
| ତାଳଚେର | ୨୬.୬ | ୫.୦ |
| ଭବାନୀପାଟଣା | ୨୪.୦ | ୩୯.୦ |
| ବଲାଙ୍ଗୀର | ୨୫.୦ | ୧୫.୦ |
| କୋରାପୁଟ | ୨୧.୦ | ୧୦.୦ |
| ଫୁଲବାଣୀ | ୨୨.୨ | ୧୧୯.୦ |
| ଟିଟିଲାଗଡ଼ | ୨୬.୦ | ୧୮.୦ |
| ମାଲକାନଗିରି | ୨୯.୦ | ୦.୦ |
| ସୋନପୁର | ୨୫.୦ | ୨୧.୦ |
| ଦାରିଙ୍ଗିବାଡ଼ି | --- | --- |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।




**ସଂକ୍ଷେପରେ**

## ଚିଲିକାରେ ଖୋଲିଲା ନୂଆ ମୁହାଣ

ବ୍ରହ୍ମଗିରି, ୧୧।୧୦(ଡି.ଏନ୍.ଏ.)- ତିତ୍‌ଲିକୁ ନେଇ ଆତଙ୍କିତ ହୋଇପଡିଥିଲେ ଉପକୂଳ ବାସୀ ହେଲେ ଗୁରୁବାର ସକାଳୁ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଅରଖକୁଦା ଗ୍ରାମ ନିକଟରେ ଏହାର ପ୍ରଭାବରେ ଖୋଲିଛି ନୂଆ ମୁହାଣ। ଏହି ମୁହାଣ ବାଟ ଦେଇ ଚିଲିକାରେ ପଶୁଛି ସୁଉଚ୍ଚ ଜୁଆର। ଯାହାର ପ୍ରଭାବରେ ଚିଲିକାର ଜଳସ୍ତର ବୃଦ୍ଧିପାଉଛି। ଏହି ଜୁଆର ପାଣି ଅରଖକୁଦା, ସାନପାଟଣା, ଶିପକୁଦା, ଗବକୁଣ୍ଡ ଆଦି ଗ୍ରାମରେ ପଶୁଛି। ଅରଖକୁଦା ଓ ସାନପାଟଣା ତଳ ଅଞ୍ଚଳରେ ଘରେ ଆଣ୍ଠୁଏ ଆଣ୍ଠୁଏ ପାଣି ପଶିରହିଛି, ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି।

ମିଳିଥିବା ସୂଚନା ଅନୁଯାୟୀ, ଚିଲିକା ଉପକୂଳରେ ରହିଛି ମତ୍ସ୍ୟଜୀବୀ ଗାଁ ଅରଖକୁଦା, ସାନପାଟଣା, ଗବକୁଣ୍ଡ, ମିର୍ଜାପୁର। ତିତଲିର ଭୟାବହତାକୁ ନେଇ ପ୍ରଶାସନ ତରଫରୁ ଏହି ଗ୍ରାମଗୁଡିକୁ ସତର୍କତା କରାଯାଇଥିଲା। ତଳିଆ ଅଞ୍ଚଳର ଲୋକମାନେ ଘରଦ୍ୱାର ଛାଡି ବାତ୍ୟା ଆଶ୍ରୟସ୍ଥଳରେ ଆଶ୍ରୟ ନେଇଥିଲେ। କିନ୍ତୁ ତିତଲି ପ୍ରଭାବରେ ସମୁଦ୍ର ଅଶାନ୍ତ ହୋଇପଡିଥିଲା। ସେହି ସମୟରେ ସମୁଦ୍ରରୁ ଉଠିଥିଲା ଜୁଆର। ଏହାର ପ୍ରଭାବରେ ଚିଲିକା ଓ ସମୁଦ୍ର ମଧ୍ୟରେ ଥିବା ଏକ ବାଲିବନ୍ଧ, ଯାହା ସମୁଦ୍ର ଓ ଚିଲିକାକୁ ଦୁଇଭାଗ କରି ରଖିଥିଲା ତାହା ଧୋଇଯାଇ ଗୁରୁବାର ସକାଳୁ ଆନୁମାନିକ ୭ଶହ ମିଟରର ଆଉ ଏକ ନୂଆ ମୁହାଣ ସୃଷ୍ଟି ହୋଇଛି। ଏହି ନୂଆ ମୁହାଣ ଓ ପୂର୍ବରୁ ଥିବା ଆଉ ୩ଟି ମୁହାଣ ଦେଇ ଚିଲିକା ମଧ୍ୟରେ ଜୁଆର ପାଣି ପଶିବା ଦ୍ୱାରା ଚିଲିକାର ଜଳସ୍ତର କ୍ରମାଗତ ବୃଦ୍ଧିପାଉଛି, ଫଳରେ ଉକ୍ତ ଗାଁ ଚାରିପଟେ ରହିଥିବା ସୁରକ୍ଷା ପ୍ରାଚୀର ଡେଇଁ ଜୁଆର ପାଣି ଅରଖକୁଦା, ସାନପାଟଣାର ତଳିଆ ଅଞ୍ଚଳରେ ପଶିଯାଇଛି। ଅରଖକୁଦା ଗାଁର ଭାଗବତ ସାହି, ଲକ୍ଷ୍ମୀନାରାୟଣ ସାହି, ମଙ୍ଗଳା ସାହି, ହରଚଣ୍ଡୀ ସାହିରେ ପାଣି ଲହଡି ମାରୁଛି। ଏପଟେ ଲୋକେ ଆତଙ୍କିତ ଅବସ୍ଥାରେ ବାତ୍ୟା ଆଶ୍ରୟସ୍ଥଳରେ ରହିଥିବା ସମୟରେ ପ୍ରଶାସନ ତରଫରୁ କୌଣସି ରନ୍ଧାଖାଦ୍ୟ ସେମାନଙ୍କ ପାଖରେ ପହଞ୍ଚି ନାହିଁ। ଫଳରେ ଲୋକେ ଦୁଃଖ ଦୁର୍ଦ୍ଦଶାରେ ରହିଛନ୍ତି। ଖବରପାଇ ବ୍ରହ୍ମଗିରି ତହସିଲଦାର ମୃତ୍ୟୁଞ୍ଜୟ ଭୂୟାଁ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି।

## ଆଜି ସରକାରଙ୍କ ସହିତ ମିଳିତ ମଞ୍ଚର ହୋଇପାରେ ଆଲୋଚନା

**ଭୁବନେଶ୍ୱର, ୧୧।୧୦(ବ୍ୟୁରୋ):** ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଶୁକ୍ରବାର ସଚିବାଳୟରେ ଆଲୋଚନା ହୋଇପାରେ। ପୂର୍ବରୁ ତିନିଥର ଆଲୋଚନା ବିଫଳ ହୋଇଥିଲେ ମଧ୍ୟ ଶୁକ୍ରବାରର ଆଲୋଚନାରେ ଦାବି ପୂରଣ ହେବା ନେଇ ମିଳିତ ମଞ୍ଚ ଆଶାବାଦୀ ରହିଛି। ବୁଧବାର ସରକାରଙ୍କ ପକ୍ଷରୁ ଆଲୋଚନା ପାଇଁ ମିଳିତ ମଞ୍ଚକୁ ଡକାଯାଇଥିଲା। ହେଲେ ଶିକ୍ଷା ବିଭାଗ ସଚିବମାନେ ମୁଖ୍ୟମନ୍ତ୍ରୀଙ୍କ 'ତିତ୍‌ଲି' ସମୀକ୍ଷା ବୈଠକ ପରେ ବାତ୍ୟା ମୁକାବିଲାକୁ ନେଇ ବ୍ୟସ୍ତ ଥିବାରୁ ଆଲୋଚନା ହୋଇ ପାରି ନ ଥିଲା। ବାତ୍ୟା 'ତିତଲି'କୁ ଖାତିର ନ କରି ମିଳିତ ମଞ୍ଚର ଶିକ୍ଷକମାନେ ଲୋୟର ପିଏମ୍‌ଜିରେ ଧାରଣା ଜାରି ରଖିଥିଲେ। ରାଜ୍ୟ ସରକାର ସତ୍ୟପାଠ ଦାଖଲ ନିଷ୍ପତ୍ତିକୁ ପ୍ରତ୍ୟାହାର କରି ପୂର୍ଣ୍ଣ ଅନୁଦାନ, ଚାକିରି ସର୍ତ୍ତାବଳୀ ସହିତ ଅବସରକାଳୀନ ସୁବିଧା ଓ ଅନୁଦାନ ପାଇ ନ ଥିବା ସ୍କୁଲ୍ କଲେଜକୁ ଅନୁଦାନ ପରିସରଭୁକ୍ତ କରନ୍ତୁ ବୋଲି ମିଳିତ ମଞ୍ଚର ଆବାହକ ମଣ୍ଡଳୀ ସଦସ୍ୟ ପ୍ରକାଶ ଚନ୍ଦ୍ର ମହାନ୍ତି, ଗୋଲକ ନାୟକ ଏବଂ ପବିତ୍ର ମହାଲା କହିଛନ୍ତି। ମିଳିତ ମଞ୍ଚ ଆହ୍ୱାନରେ ଚାଲିଥିବା ଗଣଧାରଣା ବୁଧବାର ୫୭ ଦିନରେ ପହଞ୍ଚିଛି। ଗୋପବନ୍ଧୁଙ୍କ ଜୟନ୍ତୀରେ ମଞ୍ଚ ୩ୟ ଥର ପାଇଁ ମହାସମାବେଶର ଆୟୋଜନ କରିଥିଲା। ମିଳିତ ମଞ୍ଚର ସଦସ୍ୟ ତଥା ଶିକ୍ଷକ, ଅଧ୍ୟାପକ, ଶିକ୍ଷା କର୍ମଚାରୀଙ୍କ ସହିତ ଶତାଧିକ ଅଭିଭାବକ, ପରିଚାଳନା କମିଟି ସଦସ୍ୟ ଓ ଗ୍ରାମବାସୀ ଏଥିରେ ସାମିଲ ହୋଇଥିଲେ। ଅନ୍ୟପଟେ ରାଜନୈତିକ ଇଚ୍ଛାଶକ୍ତି ଏବଂ ପ୍ରଶାସନିକ ଆଗ୍ରହ ନ ଥାଇ ଆଲୋଚନାକୁ ଡକାଇବା ସରକାରୀ ଚକ୍ରାନ୍ତର ଏକ ଉଦାହରଣ ବୋଲି ମିଳିତ ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି।




# ଗୃହକମିଟିରେ ହାଜର ହେଲେନି ଅଭିଜିତ୍

- ଆପତ୍ତିଜନକ ମନ୍ତବ୍ୟ
- ଇ-ମେଲ୍‌ରେ କ୍ଷମା ମାଗିଲେ

ଭୁବନେଶ୍ୱର,୧୧।୧୦(ବ୍ୟୁରୋ)

କୋଣାର୍କ ଓ ପୁରୀ ଶ୍ରୀମନ୍ଦିର ଉପରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଦିଲ୍ଲୀର ସାମ୍ବାଦିକ ଅଭିଜିତ ଆୟର ମିତ୍ର ଗୁରୁବାର ବିଧାନସଭା ଗୃହ କମିଟି ନିକଟରେ ହାଜର ହେଲେ ନାହିଁ। ତେବେ ନିଜ ଭୁଲ ପାଇଁ ସେ ପତ୍ର ମାଧ୍ୟମରେ କ୍ଷମା ମାଗିଛନ୍ତି। ସେ ଇ-ମେଲ୍ ଯୋଗେ ବିଧାନସଭା ଗୃହ କମିଟି ନିକଟକୁ ଚିଠି ମାଧ୍ୟମରେ ଜଣାଇଛନ୍ତି। କ୍ଷମା ମାଗିବା ସତ୍ତ୍ୱେ ତାଙ୍କୁ ବ୍ୟକ୍ତିଗତ ଭାବେ ଗୃହ କମିଟି ସମ୍ମୁଖରେ ଆସନ୍ତା ୨୩ ତାରିଖରେ ହାଜର ହେବାକୁ ପୁଣି ସମନ ଜାରି କରାଯାଇଛି। ବିଧାନସଭା ୫୪ ନମ୍ବର ପ୍ରକୋଷ୍ଠରେ ଗୃହ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ଅଭିଜିତ୍ ହାଜର ନ ହେବା ନେଇ ଆଲୋଚନା କରାଯିବା ସହ ସେ ନିଜର ଅଶାଳୀନ ମନ୍ତବ୍ୟ ପାଇଁ କ୍ଷମା ମାଗିଥିବା ବୈଠକରେ ସୂଚନା ଦିଆଯାଇଥିଲା। ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ବିରୋଧୀଦଳ ନେତା ତଥା ଗୃହକମିଟି ଅଧ୍ୟକ୍ଷ ନରସିଂହ ମିଶ୍ର କହିଛନ୍ତି ଯେ, ଅଭିଜିତ ଇ-ମେଲ ଯୋଗେ ନିଜର କ୍ଷମାପତ୍ର ବିଧାନସଭା ବାଚସ୍ପତିଙ୍କ ନିକଟକୁ ପଠାଇଛନ୍ତି। ବାତ୍ୟା ଯୋଗୁ ସେ ଗୃହ କମିଟି ନିକଟରେ ହାଜର ହୋଇପାରି ନାହାନ୍ତି। ତେବେ ଏହାକୁ ଗୃହ କମିଟିର ନିର୍ଦ୍ଦେଶକୁ ଅବମାନନା ବୋଲି ଧରାଯିବ ନାହିଁ। ଆସନ୍ତା ୨୩ ତାରିଖ ପୂର୍ବାହ୍ନ ୧୧ଟାରେ ଗୃହ କମିଟି ନିକଟରେ ଅଭିଜିତ୍ ବ୍ୟକ୍ତିଗତ ଭାବେ ହାଜର ହେବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଏ ନେଇ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ଖୁବ୍‌ଶୀଘ୍ର ଏକ ନୋଟିସ ତାଙ୍କ ନିକଟକୁ ପଠାଇବେ ବୋଲି ନରସିଂହ କହିଛନ୍ତି।

ଅରୁଚିକର ମନ୍ତବ୍ୟ ଦେଇଥିବା ଅଭିଜିତ ଆୟର ମିତ୍ରଙ୍କୁ ହାଜର ହେବାକୁ ନୋଟିସ ପଠାଇବା ପାଇଁ ବିଧାନସଭା ଗୃହ କମିଟି ସେପ୍ଟେମ୍ବର ୨୮ ତାରିଖରେ ନିଷ୍ପତ୍ତି ନେଇଥିଲା। ଅକ୍ଟୋବର ୧୧ ପୂର୍ବାହ୍ନ ୧୧ଟା ବେଳେ ବିଧାନସଭା ୫୪ ନମ୍ବର କକ୍ଷରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ତାଙ୍କୁ ନୋଟିସରେ କୁହାଯାଇଥିଲା। ଦଳଗତ ନିର୍ବିଶେଷରେ ଅଭିଜିତଙ୍କ ଆପତ୍ତିଜନକ ମନ୍ତବ୍ୟକୁ ନେଇ ଗତ ବିଧାନସଭା ଅଧିବେଶନରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆସିଥିଲା। ଏ ନେଇ ବିରୋଧୀ ଦଳ ନେତାଙ୍କ ଅଧ୍ୟକ୍ଷତାରେ ଏକ ଗୃହ କମିଟି ଗଠନ କରାଯାଇଛି। କମିଟି ଏହାର ଅନୁଧ୍ୟାନ କରୁଛି। କମିଟିରେ ଭାଜପା ବିଧାୟକ ଦଳ ନେତା କେ.ଭି. ସିଂଦେଓ, ବିଜେଡି ବିଧାୟକ ଦେବୀ ପ୍ରସାଦ ମିଶ୍ର, ଅରୁଣ ସାହୁ, ସଞ୍ଜୟ ଦାସବର୍ମା ଏବଂ ପ୍ରମିଳା ମଲ୍ଲିକ ସଦସ୍ୟ ରହିଛନ୍ତି।

# ବାତ୍ୟା ତିତ୍‌ଲି: ସ୍ୱାଭାବିକ ହେଲା କିଛି ଟ୍ରେନ୍

- ଅନ୍ୟ କେତେକ ଟ୍ରେନ ବାତିଲ, ଗତିପଥ ପରିବର୍ତ୍ତନ
- ଷ୍ଟେଶନଗୁଡ଼ିକରେ କ୍ଷୟକ୍ଷତି



ଭୁବନେଶ୍ୱର,୧୧-୧୦

ବାତ୍ୟା ତିତ୍‌ଲିର ପ୍ରଭାବ କ୍ଷୀଣ ହେବା ପରେ ସ୍ଥିତିକୁ ବିଚାର କରି ପୂର୍ବତଟ ରେଳପଥ ପକ୍ଷରୁ ଟ୍ରେନ ଚଳାଚଳ ନେଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। କେତେକ ଟ୍ରେନ ଚଳାଚଳକୁ ସ୍ୱାଭାବିକ କରାଯାଇଥିବା ବେଳେ ଅନ୍ୟ କେତେକକୁ ବାତିଲ, କେତେକର ସମୟ ସାରଣୀରେ ପରିବର୍ତ୍ତନ ଏବଂ ଆଉ କିଛିକୁ ଗତିପଥ ବଦଳା ଯାଇଥିବା ରେଲୱେ ପକ୍ଷରୁ ସୂଚନା ରହିଛି। ସ୍ଥିତି ସ୍ୱାଭାବିକ ହେବାରୁ ବୁଧବାର ବାତିଲ ତଥା ଗତିପଥ ପରିବର୍ତ୍ତନ ହୋଇଥିବା କେତେକ ଟ୍ରେନ୍‌କୁ ଗୁରୁବାର ସ୍ୱାଭାବିକ କରାଯାଇଛି। ଟ୍ରେନଗୁଡିକ ମଧ୍ୟରେ ହାଓଡାଠାରୁ ଆସୁଥିବା ହାଓଡା-ସିକନ୍ଦରାବାଦ ଫାଲକନାମା ଏକ୍ସପ୍ରେସ, ହାଓଡା-ଚେନ୍ନାଇ ମେଲ୍, ଶାଲିମାରରୁ ଆସୁଥିବା ଶାଲିମାର-ନଗରକୋଇଲ୍ ଗୁରୁଦେବ ଏକ୍ସପ୍ରେସ, ହାଓଡା-ଚେନ୍ନାଇ କରମଣ୍ଡଳ ଏକ୍ସପ୍ରେସ, ହାଓଡା-ତିରୁଚିରାପଲ୍ଲୀ ଏକ୍ସପ୍ରେସ ଏବଂ କାମାକ୍ଷା-ୟଶ୍‌ବନ୍ତପୁର ଏସି ଏକ୍ସପ୍ରେସ ରହିଛି।

ଅପରପକ୍ଷରେ ଅନ୍ୟ କେତେକ ଟ୍ରେନ୍ ବାତିଲ ରହିଥିବା ସୂଚନା ରହିଛି। ଏହା ମଧ୍ୟରେ ଗୁରୁବାରର ସାନ୍ତ୍ରାଗାଛି-ଚେନ୍ନାଇ ସ୍ପେଶାଲ, ଶୁକ୍ରବାରର ହାଓଡା-ଚେନ୍ନାଇ କରମଣ୍ଡଳ ଏକ୍ସପ୍ରେସ, ହାଓଡା-ୟଶ୍‌ନ୍ତପୁର ଏକ୍ସପ୍ରେସ, ବାଙ୍ଗାଲୋର-ଭୁବନେଶ୍ୱର ପ୍ରଶାନ୍ତି ଏକ୍ସପ୍ରେସ, ଶନିବାରର ୟଶନ୍ତପୁର-ଭାଗଲପୁର ଏକ୍ସପ୍ରେସ, ଗୁରୁବାରର ଭୁବନେଶ୍ୱର-ବିଶାଖାପାଟଣା-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ(ଉଭୟ ପଟୁ), ବିଶାଖାପାଟଣା-ଦିଘା ଏକ୍ସପ୍ରେସ, ବୁଧବାରର ୟଶ୍‌ବନ୍ତପୁର-ହାଓଡା ଏକ୍ସପ୍ରେସ, ବାଙ୍ଗାଲୋର-କାଣ୍ଟ ଗୁଆହାଟି ଏକ୍ସପ୍ରେସ, ୟସ୍‌ବନ୍ତପୁର-ମୁଜାଫରପୁର ଏକ୍ସପ୍ରେସ, ଗୁରୁବାରର ହାଓଡା-ହାଇଦ୍ରାବାଦ ଇଷ୍ଟକୋଷ୍ଟ ଏକ୍ସପ୍ରେସ ରହିଛି।

ସେହିଭଳି କେତେକ ଟ୍ରେନର ସମୟ ସୂଚୀକୁ ପରିବର୍ତ୍ତନ କରାଯାଇଛି। ଟ୍ରେନଗୁଡିକ ମଧ୍ୟରେ ଗୁରୁବାରର ଖଡଗପୁର-ଭିଲ୍ଲୁପୁରମ ଏକ୍ସପ୍ରେସ, ହାଇଦ୍ରାବାଦ-ହାଓଡା ଇଷ୍ଟକୋଷ୍ଟ ଏକ୍ସପ୍ରେସ, ହାଓଡା-ପୁରୀ ଜଗନ୍ନାଥ ଏକ୍ସପ୍ରେସ, ହାଓଡା-ପୁରୀ ଶତାବ୍ଦୀ ଏକ୍ସପ୍ରେସ, ଦୁର୍ଗ-ପୁରୀ ଏକ୍ସପ୍ରେସ ରହିଛି। ତୃଣମୂଳ ସ୍ଥିତିକୁ ଅନୁଧ୍ୟାନ କରିବା ପରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ପୂର୍ବତଟ ରେଳପଥ ସୂଚନା ଦେଇଛି। ଟ୍ରାକ୍ ବିଶେଷଜ୍ଞ, ବ୍ରିଜ୍ ଇଞ୍ଜିନିୟର, ଓଭରହେଡ ଇଲେକଟ୍ରିସିଟି ଇଞ୍ଜିନିୟର ମାନେ ସ୍ଥିତିର ଅନୁଧ୍ୟାନ କରିଛନ୍ତି। ବ୍ରହ୍ମପୁର-ପଲାସା ଏବଂ ପଲାସା-କୋଟାବୋମ୍ମାଳି ମଧ୍ୟରେ ସ୍ଥାନଗୁଡିକର ସ୍ଥିତିକୁ ବିଚାର କରାଯାଇଛି।

### ରେଲୱେର କ୍ଷୟକ୍ଷତି

ହାଇଦ୍ରାବାଦ, ୧୧।୧୦ (ପି.ଟି.)- ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଚେନ୍ନାଇରେ ନଭେମ୍ବର ୪ରେ ଭାରତ-ୱେଷ୍ଟଇଣ୍ଡିଜ ତୃତୀୟ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ଖେଳାଯିବ। ପୁରୁଣା ଫର୍ମୁଲା ଅନୁସାରେ କମ୍ପ୍ଲିମେଣ୍ଟାରି ଟିକେଟ ପ୍ରଦାନ ପାଇଁ ତାମିଲନାଡୁ କ୍ରିକେଟ ଆସୋସିଏଶନ (ଟିଏନସିଏ) ତରଫରୁ କରାଯାଇଥିବା ଅନୁରୋଧକୁ ପ୍ରଶାସକ କମିଟି (ସିଓଏ) ଗ୍ରହଣ କରିନେବା ପରେ ଅନିଶ୍ଚିତ ଅବସ୍ଥା ଦୂର ହୋଇଛି। ତେବେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ଠାରୁ ଏ ନେଇ ଅନୁମୋଦନ ପତ୍ର ଆସି ନାହିଁ ବୋଲି ଟିଏନସିଏର ଜଣେ ଅଫିସିଆଲ ପ୍ରକାଶ କରିଛନ୍ତି। କମ୍ପ୍ଲିମେଣ୍ଟାରି ଟିକେଟ ନେଇ ନୂଆ ବ୍ୟବସ୍ଥା ଉପରେ କେତେକ ରାଜ୍ୟ ଆସୋସିଏଶନ ଆପତ୍ତି ଉଠାଇଛନ୍ତି। କାରଣ ଏଥିରେ ୧୦ ପ୍ରତିଶତ୍ ଟିକେଟ କମ୍ପ୍ଲିମେଣ୍ଟାରି ପାଇଁ ରଖାଯାଇଥିବା ବେଳେ ଅବଶିଷ୍ଟ ୯୦ ପ୍ରତିଶତ ସାଧାରଣ ଦର୍ଶକଙ୍କ ପାଇଁ ରହିଛି। ଏହି ପ୍ରସଙ୍ଗ ନେଇ ମଧ୍ୟପ୍ରଦେଶ କ୍ରିକେଟ ଆସୋସିଏଶନ ଅକ୍ଟୋବର ୨୪ରେ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ ଆୟୋଜନରୁ ଓହରିଯାଇଛି। ଫଳରେ ଏହି ମ୍ୟାଚ ଇନ୍ଦୋରରୁ ବିଶାଖାପାଟଣା ସ୍ଥାନାନ୍ତରିତ ହୋଇଛି। ବେଙ୍ଗଲ କ୍ରିକେଟ ଆସୋସିଏଶନ (ସିଏବି) ସଭାପତି ସୌରଭ ଗାଙ୍ଗୁଲି ମଧ୍ୟ ନୂଆ ବ୍ୟବସ୍ଥା ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ମାତ୍ର ପରବର୍ତ୍ତୀକାଳରେ ମେମ୍ବରଶିପ୍ ଟିକେଟ ୧୦ ପ୍ରତିଶତ କାଟାଗୋରିରେ ଗଣତି ହେବ ନାହିଁ ବୋଲି ସ୍ଥିର ହୋଇଥିଲା। ସମାଧାନର ସୂତ୍ର ସ୍ୱରୂପ ବିସିସିଆଇ ୧୨୦୦ ପାସ ମଧ୍ୟରୁ ୬୦୦ ଛାଡ଼ିଦେବା ଲାଗି ସ୍ଥିର କରିଛି।

### କୌନ୍ ବନେଗା କରୋଡପତିରେ ଭାରତୀୟ ହକି ଦଳ

ଭୁବନେଶ୍ୱର, ୧୧।୧୦ (ସ୍ପୋର୍ଟ୍ସ ବ୍ୟୁରୋ)- ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ପୁରୁଷ ହକି ବିଶ୍ୱକପ୍ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜନ ହେବାକୁ ଯାଉଛି। ଦେଶ ଓ ବିଦେଶରେ ଇଭେଣ୍ଟର ପ୍ରଚାର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ଶୁକ୍ରବାର ରାତି ୯ଟାରେ ସୋନି ଟିଭିର ଲୋକପ୍ରିୟ କାର୍ଯ୍ୟକ୍ରମ କୌନ ବନେଗା କରୋଡ ପତି (କେବିସି) କାର୍ଯ୍ୟକ୍ରମରେ ଭାରତୀୟ ହକି ଦଳକୁ ଦେଖିବାକୁ ମିଳିବ। ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମ ଜରିଆରେ ବିଶ୍ୱର ୫ ନମ୍ବର ମାନ୍ୟତାପ୍ରାପ୍ତ ଭାରତୀୟ ହକି ଦଳକୁ ସ୍ୱାଗତ ଜଣାଉଥିବା ଦୃଶ୍ୟ ଦେଖିବାକୁ ମିଳିବ। ବିଗ୍ ବି’ ଅମିତାଭ ବଚ୍ଚନଙ୍କ ଉପସ୍ଥାପନାରେ ଅନୁଷ୍ଠିତ ହେଉଥିବା ଏହି କାର୍ଯ୍ୟକ୍ରମରେ ଭାରତୀୟ ହକି ଖେଳାଳିଙ୍କ ଉପସ୍ଥିତି ଏକ ଉଲ୍ଲସିତ ମୁହୂର୍ତ୍ତ।






# ଗୌତମଙ୍କ ‘ଟିମ୍ ରେଡର୍ସ’ ଚାମ୍ପିୟନ

ଭୁବନେଶ୍ୱର, ୧୧।୧୦(ସ୍ପୋର୍ଟ୍ସ ବ୍ୟୁରୋ)

ନିକଟରେ କୋଲକାତା ସ୍କ୍ୱାସ୍ ଲିଗ୍ ଅନୁଷ୍ଠିତ ହୋଇଯାଇଛି। କୋଲକାତା ର୍‍ୟାକେଟ କ୍ଲବରେ ଏହା ଅନୁଷ୍ଠିତ ହୋଇଥିଲା। ଭାରତୀୟ ସ୍କ୍ୱାସ୍‌ରେ ଜଣେ ସଫଳ କୋଚ୍ ଭାବେ ବିଶେଷ ପରିଚିତ ଓଡ଼ିଆ ଖେଳାଳି ଗୌତମଙ୍କ ନେତୃତ୍ୱରେ ‘ଟିମ୍ ରେଡର୍ସ’ ଏହି ଲିଗ୍‌ରେ ଚାମ୍ପିୟନ ହୋଇଛି। ଗୌତମ ଦଳର ନେତୃତ୍ୱ ନେବା ସହ ଡବଲ୍ସରେ ଖେଳି ବିଜୟ ଲାଭ କରିଥିଲେ। କୋଲକାତା ଲିଗରେ ସଫଳତା ଅର୍ଜନ କରିବା ପରେ ଗୌତମ ୨୦୧୯ ସିଜନରେ ପେସାଦାର ଜାତୀୟ ସ୍କ୍ୱାସ୍ ସର୍କିଟରେ ସାମିଲ ହେବାକୁ ଚିନ୍ତା କରୁଛନ୍ତି। ଗୌତମ ହେଉଛନ୍ତି ଏକମାତ୍ର ଓଡ଼ିଆ, ଯିଏ କୋଚ୍ ଭାବେ ସ୍କ୍ୱାସ ଦୁନିଆରେ ସଫଳତା ଅର୍ଜନ କରିଛନ୍ତି। ୨୦୦୮ ପରଠାରୁ ସମ୍ପୂର୍ଣ୍ଣ ଭାବେ ପ୍ରଶିକ୍ଷକ ବନିଯାଇଥିଲେ ଗୌତମ। ଭାରତୀୟ ଜୁନିୟର ଓ ସିନିୟର ଦଳ ସହ ସେ ଜଡ଼ିତ ଥିଲେ। ବାଙ୍ଗାଲୋରରେ ଥିବା ସ୍କ୍ୱାସ ଏକାଡେମୀ ଦାୟିତ୍ୱରେ ମଧ୍ୟ ରହିଥିଲେ ଗୌତମ। ୨୦୧୦ ଦିଲ୍ଲୀ ରାଜ୍ୟଗୋଷ୍ଠୀ କ୍ରୀଡ଼ା ବେଳେ ସେ ଥିଲେ ଭାରତୀୟ ଦଳର ଅନ୍ୟତମ କୋଚ୍। ବହୁ ବିଦେଶ ଗସ୍ତ ବେଳେ ସେ ଭାରତୀୟ ଜୁନିୟରର କୋଚ୍ ରହିଛନ୍ତି। ୨୦୦୮ ପୂର୍ବରୁ ଖେଳାଳି ଭାବରେ ଗୌତମ ବେଶ୍ ସକ୍ରିୟ ଥିଲେ। ହେଲେ ଗତ ୧୦ ବର୍ଷ ଭିତରେ ସେ ନିଜେ ଖେଳୁ ନ ଥିଲେ। କେନ୍ଦ୍ରାପଡ଼ା ଜିଲା କାଠିଆପଡ଼ା ଗାଁର ମୂଳବାସିନ୍ଦା ଗୌତମ ଦାସଙ୍କ ୪ ପିଢ଼ି ଭାରତୀୟ ସ୍କ୍ୱାସ ଜଗତ ସହ କୋଚ୍ ଭାବେ ଜଡ଼ିତ।

■ ସର୍ବଭାରତୀୟ ସବ୍‌ଜୁନିୟର ଟେନିସ କ୍ରିକେଟ

# ଓଡ଼ିଶା ଦଳ ଘୋଷିତ

ଭୁବନେଶ୍ୱର, ୧୧।୧୦(କ୍ରୀଡ଼ା ପ୍ରତିନିଧି)

ଚଳିତମାସ ୧୫ରୁ ୧୭ ପର୍ଯ୍ୟନ୍ତ ମହାରାଷ୍ଟ୍ରର ନାସିକ୍‌ଠାରେ ସର୍ବଭାରତୀୟ ୩ୟ ସବ୍‌ଜୁନିୟର (ବାଳିକା/ବାଳକ) ଟେନିସ୍ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ୨୪ ରାଜ୍ୟର ବାଳିକା ବାଳକ ଦଳ ଅଂଶଗ୍ରହଣ କରିବେ। ପ୍ରତିଯୋଗିତା ପାଇଁ ଗୁରୁବାର ୧୨ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ରାଜ୍ୟର ବିଭିନ୍ନ ଜିଲାରୁ ୫୦ ଜଣ ଖେଳାଳିଙ୍କୁ ନେଇ ନହରକଣ୍ଟାସ୍ଥିତ ଜୟଦେବ କଲେଜ ପଡ଼ିଆରେ ଗତ ୧ରୁ ଚୟନ ଶିବିର ଅନୁଷ୍ଠିତ ହେଉଛି। ସେଥିରୁ ୧୨ ଖେଳାଳିଙ୍କୁ ଚୟନ କରାଯାଇଛି। ଓଡ଼ିଶା ଟେନିସ କ୍ରିକେଟ ଆସୋସିଏଶନ ସଭାପତି ଅବିନାଶ ସାହୁ, ଉପସଭାପତି ରାଜେନ୍ଦ୍ର ମହାରଣା, ଦେବବ୍ରତ ସାହୁ, ଏମ.ଡି. ଆଜାମ, ସମ୍ପାଦକ ତଥା ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆର ବୈଷୟିକ ମୁଖ୍ୟ ରିଣ୍ଟୁ ମିତ୍ର, ସହ ସମ୍ପାଦକ ସୌଭେନ୍ଦ୍ର ମହାରଣା ପ୍ରମୁଖ ଓଡ଼ିଶା ଦଳର ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଓଡ଼ିଶା ଦଳ: ମାସନ ମୁଖୀ(ଅଧିନାୟକ), ଅଭିଷେକ ହୋତା(ଉପଅଧିନାୟକ), ବିକ୍ରମ ଦାସ, ଏମ.ଡି. ଇରଫାନ, ଶ୍ରୀତମ ଜେନା, ସ୍ପନ୍ଦନ ମହଲ, ଚନ୍ଦନ ସୁବୁଦ୍ଧି, ଏମ.ଡି. ସୋହେଲ, ନିଶାନ ଖାଁ, ସୁମିତ ସୁନା, ସୌନିପ୍ ସୁନା, ଅନନ୍ୱୟ ସିଂଦେଓ। କୋଚ୍: ପ୍ରସାଦ ଖୁଣ୍ଟିଆ, ଦୀପକ ପରିଡ଼ା। ମ୍ୟାନେଜର: ସୁଧାକର ମୁଦୁଲି।



ସର୍ବଭାରତୀୟ ସବ୍‌ଜୁନିୟର ଟେନିସ କ୍ରିକେଟ ପାଇଁ ମନୋନୀତ ଓଡ଼ିଶା ଦଳ।

# ଫୁଟବଲ ଟୁର୍ନାମେଣ୍ଟ : ନୂଆଗୁଡା ଚାମ୍ପିୟନ



ବିଧାୟକ ମନୋହର ରନ୍ଧାରୀ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି ।

ତେନ୍ତୁଳିଖୁଣ୍ଟି, ୧୧।୧୦(ଡି.ଏନ.ଏ.)

ତେନ୍ତୁଳିଖୁଣ୍ଟି ବ୍ଲକ ପୂଜାରୀଗୁଡା ପଞ୍ଚାୟତର ନୂଆଗୁଡାଠାରେ ଖ୍ରୀଷ୍ଟିୟ ୟୁଥ ଆସୋସିଏଶନ ପକ୍ଷରୁ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ଫାଇନାଲ ମ୍ୟାଚରେ ନୂଆଗୁଡା ଦଳ ତେନ୍ତୁଳିଖୁଣ୍ଟି ଦଳକୁ ୧-୦ଗୋଲରେ ହରାଇ ଚାମ୍ପିୟନ ହୋଇଛି । ମ୍ୟାନ ଅଫ ଦି ମ୍ୟାଚ ସଞ୍ଜୟ କର୍କରା ହୋଇଥିଲେ। ଉଦଯାପନୀ ଉତ୍ସବରେ ନବରଙ୍ଗପୁର ବିଧାୟକ ମନୋହର ରନ୍ଧାରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତିସଭ୍ୟ ଭୀଷ୍ମ ସାନ୍ତା, ପ୍ରଧାନଶିକ୍ଷକ ବିଷ୍ଣୁ ସାହୁ, ଅଞ୍ଜୁ ରଞ୍ଜନ ହିଆଲ, ଅନିଲ ମାଣ୍ଡି, କୃପାସିନ୍ଧୁ କର୍କରା, ପ୍ରଦୀପ ଭଞ୍ଜନ ମୁନା, କଇନ କର୍କରା ଉପସ୍ଥିତ ଥିଲେ।

# ଦ୍ୱିତୀୟ ଟେଷ୍ଟ ଆଜିଠାରୁ: କ୍ଲିନ୍ ସୁଇପ୍ ଲକ୍ଷ୍ୟରେ ଭାରତ

ହାଇଦ୍ରାବାଦ, ୧୧।୧୦(ପି.ଟି.)

ସ୍ଥାନୀୟ ରାଜୀବ ଗାନ୍ଧୀ ଆନ୍ତର୍ଜାତିକ ଷ୍ଟାଡିୟମରେ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଭାରତ ଓ ଅପେକ୍ଷାକୃତ ଦୁର୍ବଳ ମନେହେଉଥିବା ୱେଷ୍ଟଇଣ୍ଡିଜ ପରସ୍ପରକୁ ଭେଟିବେ। ରାଜକୋଟରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ମାତ୍ର ୩ ଦିନ ମଧ୍ୟରେ ଏକ ଇନିଂସ ଓ ୨୭୨ ରନରେ ବିଜୟ ହାସଲ କରି ଭାରତ ୧-୦ରେ ଅଗ୍ରଣୀ ହାସଲ କରିଛି। ଉଭୟ ବୋଲିଂ ଓ ବ୍ୟାଟିଂରେ ମାମୁଲି ପ୍ରଦର୍ଶନ କରି ଆତ୍ମସମର୍ପଣ କରିଥିବା ୱେଷ୍ଟଇଣ୍ଡିଜ ସିରିଜ ବଞ୍ଚାଇବା ପାଇଁ ଏହି ମ୍ୟାଚ୍‌ରେ ଶେଷ ସୁଯୋଗ ପାଇବ। ଅନ୍ୟପଟେ ଭାରତ ପ୍ରଥମ ମ୍ୟାଚ ଭଳି ଦ୍ୱିତୀୟ ଟେଷ୍ଟରେ ବିଜୟୀ ହୋଇ କ୍ଲିନ୍ ସୁଇପ୍ କରିବା ଲକ୍ଷ୍ୟରେ ରହିଛି।

ହାଇଦ୍ରାବାଦର ଏହି ଷ୍ଟାଡିୟମରେ ପୁଣି ଥରେ ବିପୁଳ ସଂଖ୍ୟାରେ ରନ ସଂଗ୍ରହ ହେବା ଆଶା କରାଯାଉଛି। ଘରୋଇ ପରିବେଶରୁ ଫାଇଦା ଉଠାଇ ଭାରତୀୟ ବ୍ୟାଟ୍ସମ୍ୟାନ ପୁଣି ଦମ୍ ଦେଖାଇବେ। ୱେଷ୍ଟଇଣ୍ଡିଜ ଅଧିନାୟକ ଜାସନ ହୋଲ୍ଡର ଶତପ୍ରତିଶତ ଫିଟ୍ ନାହାନ୍ତି। ପୁଣି ଏକମାତ୍ର ଦ୍ରୁତ ବୋଲର ଶାନନ ଗାବ୍ରିଏଲ ମଧ୍ୟ ଖେଳିବା ନେଇ ଆଶଙ୍କା ଦେଖାଦେଇଛି। ଅନ୍ୟପଟେ ଭାରତୀୟ ଦଳରେ କେବଳ ଗୋଟିଏ ପରିବର୍ତ୍ତନ କରାଯାଇଛି। ଘରୋଇ ମାଟିରେ ଭାରତ ଦମ୍‌ଦାର ପ୍ରଦର୍ଶନ କରିବା ନୂଆ କଥା ନୁହଁ। ତେବେ ଆଗାମୀ ଡିସେମ୍ବରରେ ଭାରତ ଅଷ୍ଟ୍ରେଲିଆ ଗସ୍ତରେ ଯାଉଥିବାରୁ ଏହି ସିରିଜ ତଥା ମ୍ୟାଚ୍‌ର ଗୁରୁତ୍ୱ ନିଶ୍ଚୟ ରହିଛି ବୋଲି ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ହୃଦୟଙ୍ଗମ କରିଛି।

ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ୨୦୧୧ ଘଟଣାକୁ ଭୁଲି ନ ଥିବ। ଏହି ବର୍ଷ ଭାରତ ୨-୦ରେ ୱେଷ୍ଟଇଣ୍ଡିଜକୁ ହରାଇ ପରେ ଅଷ୍ଟ୍ରେଲିଆ ଗସ୍ତ କରି ୦-୪ରେ ଟେଷ୍ଟ ସିରିଜ ହାରିଥିଲା। ସେହିପରି ୨୦୧୩ରେ ମଧ୍ୟ ଭାରତ ୱେଷ୍ଟଇଣ୍ଡିଜକୁ ୩ ଦିନରେ ପରାସ୍ତ କରିଥିଲା ଓ ଦକ୍ଷିଣ ଆଫ୍ରିକା ଗସ୍ତରେ ଯାଇ ଟେଷ୍ଟ ସିରିଜରେ ପରାଜୟ ବରଣ କରିଥିଲା।

ଗତକିଛି ବର୍ଷ ମଧ୍ୟରେ ୱେଷ୍ଟଇଣ୍ଡିଜ ଦଳ ସେତେଟା ଭଲ ପ୍ରଦର୍ଶନ କରୁନାହିଁ। ଯାହା ଫଳରେ ଭାରତକୁ ଏହି ଦଳ ଚ୍ୟାଲେଞ୍ଜ୍ ଦେବାରେ ବିଫଳ ହେଉଛି। ତଥାପି ଦ୍ୱିତୀୟ ଟେଷ୍ଟରେ ଭାରତୀୟ ଖେଳାଳିମାନେ ଭଲ ପ୍ରଦର୍ଶନ କରିବାକୁ ପ୍ରୟାସ କରିବେ।

୧୮ ବର୍ଷୀୟ ଓପନର ପୃଥ୍ୱୀ ଶ ପ୍ରଥମ ଟେଷ୍ଟରେ ଶତକ ହାସଲ କରି ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଥିଲେ। ଦ୍ୱିତୀୟ ମ୍ୟାଚରେ ସେ ପୁଣି ଭଲ ଖେଳିବେ ବୋଲି ଆଶା କରାଯାଉଛି। କୋହଲିଙ୍କୁ ବାଦ୍ ଦେଲେ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ମଧ୍ୟ ଶତକ ହାସଲ କରିଥିଲେ। ଯୁବ ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଦମ୍‌ଦାର ପ୍ରଦର୍ଶନ କରିଥିଲେ ମଧ୍ୟ ୯୨ରେ ଆଉଟ ହୋଇ ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିଲେ। ପୁଣି ଥରେ ଭାରତୀୟ ବ୍ୟାଟ୍ସମ୍ୟାନ ଏହି ପ୍ରଦର୍ଶନ ଦୋହରାଇବେ ବୋଲି ଆଶା କରାଯାଉଛି।



ଅଭ୍ୟାସ ଅବସରରେ ଅଧିନାୟକ ବିରାଟ କୋହଲି।

ତେବେ ୱେଷ୍ଟଇଣ୍ଡିଜର ବୋଲିଂ ସେତେଟା ଉଚ୍ଚକୋଟୀର ହୋଇ ନ ଥିଲେ ମଧ୍ୟ କୋହଲିଙ୍କ ମନ୍ଥର ଶତକ (୨୩୦ ବଲରୁ ୧୩୯ ରନ)କୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଛି। କୋହଲି ତାଙ୍କ ଶତକୀୟ ଇନିଂସରେ ମାତ୍ର ୧୦ଟି ଚୌକା ମାରିଥିଲେ। କିନ୍ତୁ ପୃଥ୍ୱୀ ୧୯ଟି ଓ ଚେତେଶ୍ୱର ପୂଜାରା ୧୪ଟି ଚୌକା ମାରିଥିଲେ। କୋହଲି ସିଙ୍ଗଲ୍ସ ଓ ଦୁଇ ରନରେ ୯୯ ରନ ସଂଗ୍ରହ କରିଥିଲେ। ଅଧିକ ବାଉଣ୍ଡାରୀ ନ ମାରି କୋହଲି କ୍ରିଜ୍ ଉପରେ ତିଷ୍ଠି ରହିବାକୁ ଚେଷ୍ଟା କରିଥିଲେ। ଉପଅଧିନାୟକ ଅଜିଙ୍କ୍ୟ ରାହାନେଙ୍କ ଫର୍ମକୁ ନେଇ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତିତ ରହିଛି। ଗତ ୧୪ ମାସ ହେବ ରାହାନେ ଗୋଟିଏ ହେଲେ ବି ଟେଷ୍ଟ ଶତକ ହାସଲ କରିପାରିନାହାନ୍ତି। ଶେଷଥର ସେ ୨୦୧୭ ଅଗଷ୍ଟରେ ଶ୍ରୀଲଙ୍କା ବିପକ୍ଷରେ ଶତକ ହାସଲ କରିଥିଲେ। ତେଣୁ ଅଷ୍ଟ୍ରେଲିଆ ଗସ୍ତରେ ସାମିଲ ହେବାକୁ ହେଲେ ରାହାନେଙ୍କୁ ଏହି ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରି ଫର୍ମକୁ ଫେରିବାକୁ ପଡିବ। ମୟଙ୍କ ଅଗ୍ରୱାଲଙ୍କୁ ଦଳରେ ସାମିଲ କରାଯାଇ ନାହିଁ।

ଦୁର୍ବଳ ଫର୍ମ ଦେଇ ଗତିକରୁଥିବା ଓପନର ଲୋକେଶ ରାହୁଲଙ୍କୁ ସମର୍ଥନ କରିଛନ୍ତି ବୋଲିଂ କୋଚ୍ ଭରତ ଅରୁଣ। ଆଗାମୀ ଡିସେମ୍ବର ୬ ତାରିଖରେ ଆଡିଲେଡରେ ଭାରତ ଓ ଘରୋଇ ଅଷ୍ଟ୍ରେଲିଆ ପ୍ରଥମ ଟେଷ୍ଟରେ ମୁହାଁମୁହିଁ ହେବେ। ଓପନର ହିସାବରେ ରାହାନେ ଓ ପୃଥ୍ୱୀ ଅଷ୍ଟ୍ରେଲିଆରେ ଓପନିଂ କରିବେ ବୋଲି ଅରୁଣ ପରୋକ୍ଷରେ ସୂଚନା ଦେଇଛନ୍ତି। ଦ୍ରୁତ ବୋଲର ଶାର୍ଦ୍ଦୁଳ ଠାକୁରଙ୍କୁ ଦଳରେ ସାମିଲ କରାଯାଇଥିଲେ ମଧ୍ୟ ସେ ବେଞ୍ଚରେ ବସିବା ମନେହେଉଛି। ଦ୍ରୁତ ବୋଲିଂରେ ମହମ୍ମଦ ସାମି ଓ ଉମେଶ ଯାଦବ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ଚେଷ୍ଟା କରିବେ।

ଅପରପକ୍ଷରେ ୱେଷ୍ଟଇଣ୍ଡିଜ୍ ଅତିକମ୍‌ରେ ଲଢେଇ କରି ଟକ୍କର ଦେବାକୁ ଚେଷ୍ଟା କରିବା ଲକ୍ଷ୍ୟରେ ରହିଛି। ରାଜକୋଟରେ ଉଭୟ ଇନିଂସରେ ଦଳ ୧୦୦ ଓଭର ଖେଳିପାରି ନ ଥିଲା। କିରନ ପାୱେଲଙ୍କ ୮୩ ଓ ରୋଷ୍ଟନ ଚେଜ୍‌ଙ୍କ ୫୩ ରନ ପାଳି ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସର ମୁଖ୍ୟ ଘଟଣାଥିଲା। ଦ୍ୱିତୀୟ ଇନିଂସରେ ୱେଷ୍ଟଇଣ୍ଡିଜର ବ୍ୟାଟିଂ ଆହୁରି ଖରାପ୍ ହୋଇଥିଲା। ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନଙ୍କ ନିକଟରେ ଟେକ୍‌ନିକ୍ ଓ ଧୈର୍ଯ୍ୟର ଅଭାବ ପରିଲକ୍ଷିତ ହୋଇଥିଲା। ତ୍ରୁଟି ସୁଧାରି ୱେଷ୍ଟଇଣ୍ଡିଜ୍ ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବ ବୋଲି ଆଶା କରାଯାଉଛି।

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ପୃଥ୍ୱୀ ଶ, ଲୋକେଶ ରାହୁଲ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ, ରିଷଭ ପନ୍ତ (ଉଇକେଟ କିପର), ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ଉମେଶ ଯାଦବ, ମହମ୍ମଦ ସାମି ଓ ଶାର୍ଦ୍ଦୁଳ ଠାକୁର।

**ୱେଷ୍ଟଇଣ୍ଡିଜ ଦଳ:** ଜାସନ ହୋଲ୍ଡର (ଅଧିନାୟକ), ସୁନୀଲ ନାରିନ, ଦେବେନ୍ଦ୍ର ବିଶୁ, କ୍ରେଗ ବ୍ରାଥୱେଟ, ରୋଷ୍ଟନ ଚେଜ୍, ଶେନ ଡୋରିଚ୍, ଶାନନ ଗାବ୍ରିଏଲ, ଜାହମାର ହାମିଲଟନ, ଶିମରନ ହେଟମେୟର, ଶାଇ ହୋପ୍, ଅଲଜାରି ଜୋଶେଫ, କିମୋ ପାଲ, କିରନ ପାୱେଲ, କେମର ରୋଚ୍ ଓ ଜୋମେଲ ୱାରିକାନ।

**ସ୍ଥାନ- ହାଇଦ୍ରାବାଦ, ସମୟ- ସକାଳ ୯.୩୦, ପ୍ରସାରଣ- ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ**

"ଦ୍ୱିତୀୟ ଟେଷ୍ଟ ମ୍ୟାଚରେ ଭାରତୀୟ ବ୍ୟାଟ୍ସମ୍ୟାନ ପୃଥ୍ୱୀ ଶ'ଙ୍କୁ କିପରି ନିୟନ୍ତ୍ରଣରେ ରଖାଯାଇ ପାରିବ ସେ ନେଇ ଆମେ ଯୋଜନା ପ୍ରସ୍ତୁତ କରିଛୁ ।"
–ରୋଷ୍ଟନ ଚେଜ୍, ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର



"ଜୋ ରୁଟ୍‌ଙ୍କୁ ଯଦି ଅଧିନାୟକ ପଦବୀରୁ ହଟାଇ ଦିଆଯାଏ, ତେବେ ସେ ବିଶ୍ୱର ଜଣେ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନରେ ପରିଣତ ହୋଇପାରିବେ ।"
–ଶେନ୍ ୱର୍ନ, ଅଷ୍ଟ୍ରେଲିଆର ମହାନ୍ ସ୍ପିନର



## ସଂକ୍ଷେପରେ

### ପାକିସ୍ତାନ ନିରାଶ

ଦୁବାଇ, ୧୧।୧୦ (ଏଏଫପି): ସ୍ଥାନୀୟ ଦୁବାଇ ଆନ୍ତର୍ଜାତିକ ଷ୍ଟାଡିୟମରେ ପାକିସ୍ତାନ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍ ନାଟକୀୟ ଢଙ୍ଗରେ ଅମୀମାଂସିତ ରହିଛି। ପ୍ରଥମ ଇନିଂସରେ ୨୮୦ ରନର ଅଗ୍ରଣୀ ହାସଲ କରିଥିବା ପାକିସ୍ତାନ ଦ୍ୱିତୀୟ ଇନିଂସରେ ୫୭.୫ ଓଭରରେ ୬ ଉଇକେଟ ହରାଇ ୧୮୧ ରନ କରି ପାଳି ଘୋଷଣା କରିଥିଲା। ଫଳରେ ଅଷ୍ଟ୍ରେଲିଆ ସମ୍ମୁଖରେ ୪୬୨ ରନର ଟାର୍ଗେଟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଅଷ୍ଟ୍ରେଲିଆ ୮୭ ରନରେ ୩ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟି ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ମଧ୍ୟ ଲଢୁଆ ବ୍ୟାଟିଂ କରିବା ସହ ମ୍ୟାଚ୍ ବଞ୍ଚାଇଛି। ଅଷ୍ଟ୍ରେଲିଆ ହାରିବା ନିଶ୍ଚିତ ମନେହେଉଥିଲେ ମଧ୍ୟ ଶେଷରେ ମ୍ୟାଚ ଅମୀମାଂସିତ ରଖିଛି। ଓପନର ଉସ୍‌ମାନ ଖ୍ୱାଜା ୧୪୧ ରନର ଶତକୀୟ ପାଳି ଖେଳିବାବେଳେ ଆରୋନ ଫିଞ୍ଚ୍ ୪୯ ରନ ପାଳି ଖେଳି ଦଳକୁ ଭଲ ଆରମ୍ଭ ପ୍ରଦାନ କରିଥିଲେ। ସେହିପରି ମିଡଲ ଅର୍ଡରରେ ଟ୍ରାଭିସ ହେଡ ୭୨ ରନର ଅର୍ଦ୍ଧ ଶତକୀୟ ପାଳି ଖେଳିଥିଲେ। ଉଇକେଟକିପର ତଥା ଅଧିନାୟକ ଟିମ ପେନ୍ ୬୧ ରନର କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ପାକିସ୍ତାନ ବୋଲରଙ୍କୁ ନିରାଶ କରିଥିଲେ। ନାଥନ ଲିୟନ ୫ ରନ କରି ଅପରାଜିତ ରହିଥିଲେ। ପେନ୍ ଓ ଲିୟନ ନବମ ଉଇକେଟ ଯୋଡିରେ ଧୈର୍ଯ୍ୟର ସହ ୭୩ଟି ବଲ ଖେଳି ଅପରାଜିତ ୨୯ ରନ କରି ଦଳକୁ ପରାଜୟରୁ ରକ୍ଷା କରିଥିଲେ। ଅନ୍ୟ ବ୍ୟାଟ୍ସମ୍ୟାନ ବିଫଳ ହୋଇଥିଲେ। ବୋଲିଂରେ ପାକିସ୍ତାନ ତରଫରୁ ୟାସିର ଶାହା ସର୍ବାଧିକ ୪, ମହମ୍ମଦ ଆବାସ ୩, ମହମ୍ମଦ ହାଫିଜ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୩୬/୩ରୁ ଅଷ୍ଟ୍ରେଲିଆ ଖେଳ ଆରମ୍ଭ କରିଥିଲେ। ଦୁଇ ଓଭରନାଇଟ ବ୍ୟାଟ୍ସମ୍ୟାନ ଖ୍ୱାଜା ଓ ହେଡ ଲଢୁଆ ବ୍ୟାଟିଂ କରିବା ସହ ଚତୁର୍ଥ ଉଇକେଟ ଯୋଡିରେ ୧୩୨ ରନ କରି ସ୍ଥିତି ସମ୍ଭାଳିଥିଲେ।

# 'ହକି ପାଇଁ ହୃଦୟ ସ୍ପନ୍ଦିତ ହେବା ଉଚିତ'

**ଭୁବନେଶ୍ୱର, ୧୧।୧୦(କ୍ରୀଡ଼ା ପ୍ରତିନିଧି)**

ଭାରତ ଏକ ଯୁବ ଦଳ। ଦିନକୁ ଦିନ ଏହାର ପ୍ରଦର୍ଶନରେ ଉନ୍ନତି ହେଉଛି। ସକାରାତ୍ମକ ମନୋଭାବ ନେଇ ଆମେ ସମସ୍ତେ ଭାରତୀୟ ହକି ଦଳକୁ ସମର୍ଥନ କରିବା ଆବଶ୍ୟକ। ହକି ପାଇଁ ମୋ ହୃଦୟ ସ୍ପନ୍ଦିତ ହେଉଛି। ଆମେ ଭାରତୀୟ ହୋଇଥିବାରୁ ହକି ପାଇଁ ଆମ ସମସ୍ତଙ୍କ ହୃଦୟ ସ୍ପନ୍ଦିତ ହେବା ଉଚିତ ବୋଲି ଧରିତ୍ରୀ ସହ କଥା ହେବାବେଳେ କହିଛନ୍ତି ଭାରତୀୟ ଦଳର ପୂର୍ବତନ ଅଧିନାୟକ ସନ୍ଦୀପ ସିଂ। ନୂଆ ରୂପ ନେଇଥିବା କଳିଙ୍ଗ ଷ୍ଟାଡିୟମର ହକି କମ୍ପ୍ଲେକ୍ସ ଉଦ୍‌ଘାଟନ ପରେ ଆୟୋଜିତ ପ୍ରଦର୍ଶନୀ ମ୍ୟାଚରେ ବୁଧବାର ଭାଷ୍ୟକାର ଭାବେ ନୂଆ ଦାୟିତ୍ୱ ନିର୍ବାହ କରିଥିଲେ ଏହି ପେନାଲ୍ଟି କର୍ନର ସ୍ପେଶାଲିଷ୍ଟ। ପ୍ରଦର୍ଶନୀ ମ୍ୟାଚରେ ଧନରାଜ ପିଲେଙ୍କ ଧନ୍ ଏକାଦଶକୁ ୨–୧ ଗୋଲରେ ପରାସ୍ତ କରିଥିଲା ଦିଲୀପ ତିର୍କୀଙ୍କ ଦିଲ୍ ଏକାଦଶ।

''ଏପରି ଏକ ପରିବେଶରେ ଖେଳିବାର ଅନୁଭବ ଭିନ୍ନ। ଆହତ ସମସ୍ୟାରେ ଥିଲେ ଖେଳାଳି ପଡ଼ିଆ ବାହାରେ କେବଳ ଦେଖଣାହାରି ହିଁ ହୋଇଥାଏ। ସେଥିପାଇଁ ମୁଁ ଖେଳିପାରିନାହିଁ। ତେବେ ଏଠାରେ ଉପସ୍ଥିତ ଥିବାରୁ ମୁଁ ଖୁସୀ'' ବୋଲି କହିଛନ୍ତି ଏହି ସ୍ପେଶାଲିଷ୍ଟ ଡ୍ରାଗ୍ ଫ୍ଲିକର। ଓଡ଼ିଶା ସରକାର ୫ ବର୍ଷ ପାଇଁ ଭାରତୀୟ ହକି ଦଳର ପ୍ରାୟୋଜକ ହୋଇଛନ୍ତି। ଏହାକୁ ପ୍ରଶଂସା ନ କରି ରହିପାରି ନାହାନ୍ତି ସନ୍ଦୀପ । ଓଡ଼ିଶା ସରକାରଙ୍କୁ ଯେତେ ଧନ୍ୟବାଦ ଦେଲେ କମ୍ ହେବ। ଭାରତୀୟ ହକିକୁ ସମର୍ଥନ ଜଣାଇ ଓଡ଼ିଶା ସରକାର ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟି ଯାଇଛନ୍ତି। ଓଡ଼ିଶା ସରକାରଙ୍କ ସମର୍ଥନ ଯୋଗୁ ଏବେ ବିଶ୍ୱରେ ଭାରତୀୟ ହକି ପୁନଃଜୀବନ ପାଇଥିବା ଅନୁଭବ ହେଉଛି। ଅନ୍ୟ ରାଜ୍ୟଗୁଡ଼ିକ ଯଦି ଓଡ଼ିଶା ସରକାରଙ୍କୁ ଅନୁସରଣ କରିବେ ତେବେ ଭାରତୀୟ ହକି ବିଶ୍ୱରେ ନମ୍ବରୱାନ ହୋଇଯିବ ବୋଲି ସେ କହିଛନ୍ତି। ଭାରତୀୟ ହକି ଦଳ କିଛିଦିନ ପରେ ଏସିଆନ ଚାମ୍ପିୟନ୍ସ ଟ୍ରଫି ଖେଳିବ ଏବଂ ଏହାପରେ ବିଶ୍ୱକପ ଖେଳିବ। ସେ ସମ୍ପର୍କରେ ସନ୍ଦୀପ କହିଛନ୍ତି ଯେ, ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ଭାରତ ପାଇଁ ସୁଯୋଗ ରହିବ। ଯୁବ ଭାରତୀୟ ଦଳରେ କିଛି ଅଭିଜ୍ଞ ଖେଳାଳି ବି ଅଛନ୍ତି, ଦଳ ସହ ଭଲ କୋଚ୍ ରହିଛନ୍ତି। ତେବେ ମ୍ୟାଚ ପରେ ମ୍ୟାଚ ରଣନୀତିରେ ଦଳ ଖେଳିବା ଉଚିତ। ଆଗାମୀ ବିଶ୍ୱକପରେ ମଧ୍ୟ ଭାରତୀୟ ଦଳର ପ୍ରଦର୍ଶନ ବହୁତ ଭଲ ରହିବ ବୋଲି ଆଶା ରଖିଛନ୍ତି ସନ୍ଦୀପ । ଆମେ ସବୁବେଳେ ସକାରାତ୍ମକ ମନୋଭାବ ନେଇ ଚିନ୍ତା କରିବା ଆବଶ୍ୟକ। ଆମେ ଭାରତୀୟ, ହକି ପାଇଁ ଆମ ହୃଦୟ ସ୍ପନ୍ଦିତ ହେଉଛି। ବିଶ୍ୱକପରେ ମଧ୍ୟ ଆମ ଦଳ ମ୍ୟାଚ ପରେ ମ୍ୟାଚ ରଣନୀତିରେ ଖେଳିବା ଆବଶ୍ୟକ। ପ୍ରଥମେ କ୍ୱାର୍ଟର ଫାଇନାଲ ତା'ପରେ ସେମିଫାଇନାଲ। ତା' ପରେ ଯାଇ ପୋଡିୟମ ଫିନିଶ୍ ସମ୍ପର୍କରେ ଚିନ୍ତା କରିବା ଉଚିତ। ଯାହାକିଛି ତ୍ରୁଟି ଅଛି ତାକୁ ସୁଧାରିବାକୁ ଉଦ୍ୟମ କରାଯାଉଛି। ବିଶ୍ୱକପରେ ଭାରତ ପଦକ ଜିତିବା ନେଇ ମୋର ଆଶା ରହିଛି ବୋଲି ସେ କହିଛନ୍ତି।

ଓଡ଼ିଶାର ଦର୍ଶକଙ୍କୁ ମଧ୍ୟ ପ୍ରଶଂସା କରିଛନ୍ତି ସନ୍ଦୀପ। ଓଡ଼ିଶା ଦର୍ଶକମାନେ ବହୁତ ଭଲ। ସେମାନେ ହକିକୁ ସମର୍ଥନ କରିବାକୁ କେବେହେଲେ ପଛେଇ ଯାଇ ନ ଥାନ୍ତି। ବର୍ଷା ସତ୍ତ୍ୱେ ପ୍ରଦର୍ଶନୀ ମ୍ୟାଚରେ ଏତେ ସଂଖ୍ୟାରେ ଦର୍ଶକ ଉପସ୍ଥିତ ଅଛନ୍ତି, ନଚେତ ସମ୍ଭବତଃ ଷ୍ଟାଡିୟମ ଭରପୂର ହୋଇଯାଇଥାନ୍ତା ବୋଲି ସେ ପ୍ରକାଶ କରିଛନ୍ତି। ଭୁବନେଶ୍ୱର ଆସିବା ତାଙ୍କ ପାଇଁ ନୂଆ ନୁହେଁ ବୋଲି ସୂଚନା ଦେଇଛନ୍ତି ଏହି ହାଫ୍ ବ୍ୟାକ୍ ହକି ତାରକା। ଭୁବନେଶ୍ୱରରେ ମୋର ପୂର୍ବରୁ ଖେଳିବା ଅଭିଜ୍ଞତା ରହିଛି। ମୁଁ ଏଠାରେ ହକି ଇଣ୍ଡିଆ ଲିଗ୍‌ରେ ପ୍ରଥମ ଉଦ୍‌ଘାଟନୀ ମ୍ୟାଚ ଖେଳିଛି। ସେ ମ୍ୟାଚରେ ମୁଁ ଗୋଲ ମଧ୍ୟ ସ୍କୋର କରିଥିଲି। କଳିଙ୍ଗ ଷ୍ଟାଡିୟମ ବହୁତ ଭଲ। ମୋତେ ଏହା ବହୁତ ଭଲ ଲାଗେ। ଏହାର ସବୁଠାରୁ ବଡ଼ ବିଶେଷତ୍ୱ ହେଲା ଏଠାକୁ ମୁକ୍ତ ପବନ ଆସିପାରୁଛି।

ଭବିଷ୍ୟତ କାର୍ଯ୍ୟପନ୍ଥା କ'ଣ ବୋଲି ପ୍ରଶ୍ନର ଉତ୍ତରରେ ହସିଥିଲେ ସନ୍ଦୀପ। ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କଲାଭଳି ଘଟଣା ହେବ, ଅପେକ୍ଷା କରନ୍ତୁ। ଆଗେ ଚଳଚ୍ଚିତ୍ର ସୁର୍‌ମା ଆସିବ, ତା'ପରେ ଏହି ଆଶ୍ଚର୍ଯ୍ୟର ଭେଟି ସମସ୍ତଙ୍କୁ ଦିଆଯିବ। 'କୌଣସି ବି ପରିସ୍ଥିତିରେ ଆପଣ ବିଜୟ ହାସଲ କରିପାରିବେ। ଜୀବନରେ କେବେ ହାର୍ ମାନିବା ଉଚିତ ନୁହେଁ', ଚଳଚ୍ଚିତ୍ର ସୁର୍‌ମାର ଏହା ମୁଖ୍ୟ ବିଷୟବସ୍ତୁ। ଏହା ମୋ ଜୀବନୀକୁ ନେଇ ପ୍ରସ୍ତୁତ ହୋଇଛି। ଦୀପକ ସିଂ, ଚିତ୍ରାଙ୍ଗଦା ସିଂ ଏବଂ ସୋନୀ ପିକ୍ଚର୍ସ ପ୍ରଯୋଜନାରେ ଏହାର ନିର୍ମାଣ ଚାଲିଛି ବୋଲି ଏହି ହକି ତାରକା ପ୍ରକାଶ କରିଥିଲେ।

୧୯୮୬ ଫେବୃୟାରୀ ୨୭ରେ ହରିୟାଣାର ଶାହାବାଦଠାରେ ଜନ୍ମିତ ସନ୍ଦୀପ ସମ୍ପ୍ରତି ହରିୟାଣା ପୋଲିସରେ ଜଣେ ଡିଏସପି ଭାବେ କାର୍ଯ୍ୟରତ। ୨୦୦୪ରେ ସିନିୟର କ୍ୟାରିୟର ଆରମ୍ଭ କରିଥିବା ସନ୍ଦୀପ ୨୦୦୯ରେ ଭାରତକୁ ଆଜଲାନଶାହ କପ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଏହା ବ୍ୟତୀତ ୨୦୧୦ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ଏବଂ ୨୦୦୭ରେ ଚାମ୍ପିୟନ୍ସ ଚ୍ୟାଲେଞ୍ଜ ଟ୍ରଫିରେ ବ୍ରୋଞ୍ଜ ବିଜୟୀ ଭାରତୀୟ ଦଳର ସେ ସଦସ୍ୟ ଥିଲେ। ସେ ମୁମ୍ବାଇ ମ୍ୟାଜିସିଆନ୍ସ, ପଞ୍ଜାବ ୱାରିୟର୍ସ ଓ ରାଞ୍ଚି ରେଜ୍ ପକ୍ଷରୁ ହକି ଇଣ୍ଡିଆ ଲିଗ୍‌ରେ ଖେଳିଥିଲେ। ବିଶ୍ୱକପ ଖେଳିବା ପାଇଁ ସେ ଭାରତୀୟ ଦଳରେ ଯୋଗଦେବାକୁ ଟ୍ରେନ୍‌ରେ ଯାଉଥିବାବେଳେ ୨୦୦୬ ଅଗଷ୍ଟ ୨୨ରେ ଅଜଣା ବନ୍ଧୁକଧାରୀଙ୍କ ଗୁଳିରେ ଗୁରୁତର ଆହତ ହୋଇଥିଲେ। ଏହାପରେ ଗୋଡ଼ ଅଚଳ ହୋଇଯିବାରୁ ସେ ୧ ବର୍ଷ ପାଇଁ ହୁଇଲ୍ ଚେୟାରରେ ସମୟ କଟାଇଥିଲେ। ସେତେବେଳେ ତାଙ୍କୁ ୨୦ ବର୍ଷ ହୋଇଥିଲା ଏବଂ କ୍ୟାରିୟର ସମ୍ଭବତଃ ଶେଷ ହୋଇଗଲା ବୋଲି ଭାବିଥିଲେ ସନ୍ଦୀପ। ମାତ୍ର ଦୃଢ଼ ମନୋବଳ ଯୋଗୁ ସେ କେବଳ ଗୁରୁତର ଆଘାତ ସମସ୍ୟାରୁ ମୁକୁଳି ନ ଥିଲେ ପୁଣିଥରେ ଭାରତୀୟ ଦଳକୁ ଫେରିବାରେ ସକ୍ଷମ ହୋଇଥିଲେ। ତାଙ୍କ ଆତ୍ମଜୀବନୀକୁ ନେଇ 'ସୁର୍‌ମା' ଚଳଚ୍ଚିତ୍ର ନିର୍ମାଣ କରାଯାଉଛି।



କଳିଙ୍ଗ ଷ୍ଟାଡିୟମରେ ହକି ବିଶ୍ୱକପ୍ ଟ୍ରଫି ପ୍ରତିକୃତୀ ସହ ସନ୍ଦୀପ ସିଂ (ବାମରୁ ତୃତୀୟ)।

ହକି ବିଶ୍ୱକପ୍



ଆଉ ୪୫ ଦିନ

# ଭାରତୀୟ ଦିନିକିଆ ଦଳରେ ପନ୍ତ୍



ହାଇଦ୍ରାବାଦ, ୧୧।୧୦ (ପି.ଟି.)

ରିଷଭ ପନ୍ତଙ୍କୁ ଭାରତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ଦଳରେ ପ୍ରଥମ ଥର ସୁଯୋଗ ମିଳିଛି। ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଦୁଇଟି ଦିନିକିଆ ପାଇଁ ଦୀନେଶ କାର୍ତ୍ତିକଙ୍କ ସ୍ଥାନରେ ତାଙ୍କୁ ନିଆଯାଇଛି। ଉଇକେଟକିପର ବ୍ୟାଟ୍ସମ୍ୟାନ ପନ୍ତ୍ ଇଂଲଣ୍ଡ ବିପକ୍ଷ ସିରିଜରେ ତାଙ୍କ ଟେଷ୍ଟ ପଦାର୍ପଣ କରିଥିଲେ। ଗତ ଦୁଇଟି ଟେଷ୍ଟ ମ୍ୟାଚରେ ସେ ୧୧୪ ଓ ୯୨ରନର ଚମତ୍କାର ଇନିଂସ ଖେଳିଥିଲେ। ଗତ ମାସରେ ଅନୁଷ୍ଠିତ ହୋଇଥିବା ଏସିଆ କପ୍ ପାଇଁ ବିଶ୍ରାମ ନେଇଥିବା ଅଧିନାୟକ ବିରାଟ କୋହଲି ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୫ ମ୍ୟାଚ ବିଶିଷ୍ଟ ସିରିଜ ଅକ୍ଟୋବର ୨୧ରୁ ଗୁଆହାଟୀଠାରେ ଆରମ୍ଭ ହେବ। ମୁଖ୍ୟ ଚୟନକର୍ତ୍ତା ଏମ୍‌ଏସ୍‌କେ ପ୍ରସାଦ କହିଛନ୍ତି, ପନ୍ତ ଯଦି ଚୂଡ଼ାନ୍ତ ଦଳରେ ସ୍ଥାନ ପାଆନ୍ତି ତେବେ ସେ ଜଣେ ବ୍ୟାଟ୍ସମ୍ୟାନ ଭାବେ ଖେଳିବେ। ଏମଏସ୍ ଧୋନୀ କିନ୍ତୁ ବିଶ୍ୱକପ୍ ପର୍ଯ୍ୟନ୍ତ ଦଳର ନମ୍ବର ୱାନ ଉଇକେଟକିପର ଭାବେ କାର୍ଯ୍ୟ କରିବେ। ପନ୍ତ ଦଳର ବ୍ୟାକ୍‌ଅପ୍ କିପର ରହିବେ।

**ଭାରତୀୟ ଦଳ** (ପ୍ରଥମ ଦୁଇଟି ଅନ୍ତର୍ଜାତୀୟ ଦିନିକିଆ ପାଇଁ): ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଶିଖର ଧାୱନ, ଅମ୍ବାତି ରାୟୁଡୁ, ମନୀଷ ପାଣ୍ଡେ, ଏମ୍.ଏସ. ଧୋନୀ (ଉଇକେଟକିପର) ରିଷଭ ପନ୍ତ୍, ରବୀନ୍ଦ୍ର ଜାଡେଜା, ୟୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ମହମ୍ମଦ ସାମି, ଖଲିଲ ଅହମ୍ମଦ, ଶାର୍ଦ୍ଦୁଳ ଠାକୁର, କେ.ଏଲ. ରାହୁଲ।

## କ୍ୱାର୍ଟରରେ ଜୋକୋଭିଚ୍

**ଶାଙ୍ଘାଇ,୧୧।୧୦(ଏଏଫ୍‌ପି)**

ପୂର୍ବତନ ଶୀର୍ଷ ର୍‌ୟାଙ୍କଧାରୀ ପୁରୁଷ ସିଙ୍ଗଲ୍ସ ଖେଳାଳି ନୋଭାକ ଜୋକୋଭିଚ୍ ଏଠାରେ ଚାଲିଥିବା ଶାଙ୍ଘାଇ ମାଷ୍ଟର୍ସ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେ ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ୬–୪, ୬–୦ ସେଟ୍‌ରେ ମାର୍କୋ ସେସିନାଟୋଙ୍କୁ ହରାଇ ଦେଇଛନ୍ତି। ଏଥିସହ ୨ୟ ସିଡ୍ ଜୋକୋଭିଚ୍ ଫ୍ରେଞ୍ଚ ଓପନ କ୍ୱାର୍ଟର ଫାଇନାଲ ପରାଜୟର ପ୍ରତିଶୋଧ ନେଇଛନ୍ତି। ଚଳିତ ବର୍ଷ ଫ୍ରେଞ୍ଚ ଓପନରେ ବିଶ୍ୱ ର୍‌ୟାଙ୍କିଙ୍ଗ୍‌ର ୭୨ ତମ ମାନ୍ୟତାପ୍ରାପ୍ତ ମାର୍କୋ ସର୍ବିଆ ଖେଳାଳିଙ୍କୁ ହରାଇ ଦେଇଥିଲେ। ସେତେବେଳେ କହୁଣିଜନିତ ଆହତ ସମସ୍ୟା ଦେଇ ଗତି କରୁଥିଲେ ୧୪ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଜୋକୋଭିଚ୍। ଏହାପରେ ସେ ୱିମ୍ବେଲଡନ, ସିନସିନାଟି ମାଷ୍ଟର୍ସ ଓ ୟୁଏସ୍ ଓପନ ଟାଇଟଲ ଜିତିଥିଲେ।

# ଭାରତ ଏ' ଦିନିକିଆ ଦଳରେ ସୁଶ୍ରୀ, ରୀମାଲକ୍ଷ୍ମୀ

କଟକ ଅଫିସ, ୧୧।୧୦

ବମ୍ବେସ୍ଥିତ ବି.କେ.ସି ଗ୍ରାଉଣ୍ଡରେ ଭାରତ–ଏ ମହିଳା ଦଳ ଓ ଅଷ୍ଟ୍ରେଲିଆ ଏ' ମହିଳା ଦଳ ମଧ୍ୟରେ ୩ଟି ଏକ ଦିବସୀୟ କ୍ରିକେଟ ମ୍ୟାଚ୍ ଖେଳାଯିବ। ଆସନ୍ତା ୧୫, ୧୭ ଓ ୧୯ ତାରିଖରେ ଏହି ୩ଟି ମ୍ୟାଚ୍ ପାଇଁ ଭାରତୀୟ ଦଳରେ ଦୁଇ ଓଡ଼ିଆ ସୁଶ୍ରୀ ଦିବ୍ୟଦର୍ଶିନୀ ଓ ରୀମାଲକ୍ଷ୍ମୀ ଏକ୍କା ସ୍ଥାନ ପାଇଛନ୍ତି। ଏହି ଦୁଇ ଖେଳାଳି ଗତ ଅଗଷ୍ଟରେ ଖେଳାଯାଇଥିବା ସିନିୟର ମହିଳା ଟି–୨୦ ଚ୍ୟାଲେଞ୍ଜର ଟ୍ରଫିରେ ମଧ୍ୟ ସାମିଲ ହୋଇଥିଲେ। ସୁଶ୍ରୀ ଇଣ୍ଡିଆ ଗ୍ରୀନ ଏବଂ ରୀମାଲକ୍ଷ୍ମୀ ଇଣ୍ଡିଆ ବ୍ଲୁ ପକ୍ଷରୁ ଖେଳିଥିଲେ। ଇଣ୍ଡିଆ ବ୍ଲୁ ବିପକ୍ଷରେ ୧୯ ରନ୍ ଦେଇ ସୁଶ୍ରୀ ୪ଟି ଉଇକେଟ ଅକ୍ତିଆର କରିଥିଲେ। ଫେବୃୟାରୀ ମାସରେ କଲିକତାଠାରେ ଅନୁଷ୍ଠିତ ୨୩ବର୍ଷରୁ କମ୍ ପୂର୍ବାଞ୍ଚଳ ଟୁର୍ନାମେଣ୍ଟରେ ଆସାମ ବିପକ୍ଷରେ ସେ ୩୨ରନ୍ ବିନିମୟରେ ମଧ୍ୟ ୫ଟି ଉଇକେଟ ଦଖଲ କରିଥିଲେ। ଭୁବନେଶ୍ୱର ଚନ୍ଦ୍ରଶେଖରପୁରର ସୁଶ୍ରୀ ଡାହାଣହାତୀ ଅଫ ସ୍ପିନର ଓ ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ ଭାବେ ଗତ କିଛି ବର୍ଷ ହେବ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ରାଉରକେଲାର ରୀମାଲକ୍ଷ୍ମୀ ୨୦୧୪ ମସିହାରୁ ରାଜ୍ୟ କ୍ରିକେଟ ଦଳରେ ଜଣେ ଡାହାଣହାତୀ ପେସ୍ ବୋଲର ଭାବେ ନିୟମିତ ସ୍ଥାନ ପାଇ ଆସୁଛନ୍ତି। ସିନିୟର ମହିଳା ଟି୨୦ ଚ୍ୟାଲେଞ୍ଜର ଟ୍ରଫିରେ ରୀମାଲକ୍ଷ୍ମୀ ଇଣ୍ଡିଆ ରେଡ୍ ବିପକ୍ଷରେ ୬ ରନ୍ ବିନିମୟରେ ୩ଟି ଉଇକେଟ ହାସଲ କରି ଚର୍ଚ୍ଚାକୁ ଆସିଥିଲେ। ଏହାଛଡ଼ା ଭଦୋଦରା ଠାରେ ମାର୍ଚ୍ଚରେ ଖେଳାଯାଇଥିବା ଆନ୍ତଃ ଜୋନାଲ ୨୩ବର୍ଷରୁ କମ୍ ମହିଳା କ୍ରିକେଟ ଟୁର୍ନାମେଣ୍ଟରେ ଏହି ଡାହାଣହାତୀ ପେସ ବୋଲର ପୂର୍ବାଞ୍ଚଳରୁ ପ୍ରତିନିଧିତ୍ୱ କରୁଥିଲେ। ଉତ୍ତରାଞ୍ଚଳ ବିପକ୍ଷରେ ସେ ୨୬ରନ୍‌ରେ ୨ଟି ଉଇକେଟ ଅକ୍ତିଆର କରିଥିଲେ ।



ରୀମାଲକ୍ଷ୍ମୀ ଏକ୍କା



ସୁଶ୍ରୀ ଦିବ୍ୟଦର୍ଶିନୀ

# ଆର୍ଜେଣ୍ଟିନାଠାରୁ ହାରିଲା ଭାରତ

**ବୁଏନ୍ସ ଏରିଜ,୧୧।୧୦(ପି.ଟି.)**

ଏଠାରେ ଚାଲିଥିବା ୟୁଥ୍ ଅଲିମ୍ପିକ୍ସରେ କ୍ରମାଗତ ୩ ବିଜୟ ପରେ ଭାରତୀୟ ମହିଳା ହକି ଦଳ ପ୍ରଥମ ପରାଜୟ ବରଣ କରିଛି। ୧୮ ବର୍ଷରୁ କମ୍ ଭାରତୀୟ ମହିଳା ଦଳ ୨–୫ ବ୍ୟବଧାନରେ ଆୟୋଜକ ଆର୍ଜେଣ୍ଟିନାଠାରୁ ହାରି ଯାଇଛି। ବୁଧବାର ମଧ୍ୟରାତ୍ରରେ ଖେଳାଯାଇଥିବା ମ୍ୟାଚ୍‌ରେ ଆୟୋଜକ ଦଳ ଆରମ୍ଭରୁ ଆକ୍ରମଣ କରି ୭ମ ମିନିଟ୍‌ରେ ସେଲିନା ଡି ସାଣ୍ଟୋଙ୍କ ଜରିଆରେ ଖାତା ଖୋଲିଥିଲା। ଏହାର ପରବର୍ତ୍ତୀ ମିନିଟ୍‌ରେ ଟିମ୍ ଇଣ୍ଡିଆ ପକ୍ଷରୁ ମୁମତାଜ ଖାଁ ଗୋଲ କରି ମ୍ୟାଚ୍‌କୁ ୧–୧ ଗୋଲର ବରାବର ସ୍ଥିତିକୁ ଆଣିଥିଲେ। କିନ୍ତୁ ୧୦ମ ମିନିଟ୍‌ରେ ସୋଫିଆ ରାମାଲୋ ଗୋଲ ଦେଇ ଆର୍ଜେଣ୍ଟିନାକୁ ୨–୧ ଗୋଲରେ ଅଗ୍ରଣୀ କରାଇଥିଲେ। ପ୍ରଥମାର୍ଦ୍ଧ ଶେଷ ହେବା ପୂର୍ବରୁ ରିତଙ୍କ ଫିଲ୍ଡ ଗୋଲ ଯୋଗୁ ପୁଣି ସ୍କୋର ଲାଇନ ସମାନ ସ୍ତରକୁ ଆସିଥିଲା।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

MARUTI SUZUKI

SHUBH NAVRATRI

# CELEBRATE NAVRATRI WITH OUR INCREDIBLE OFFERS.

Buy your favourite Maruti Suzuki Car this festive season and get assured exciting prizes and a chance to win a trip to Paris.



Scratch & win Contest

## GET SURPRISE GIFT

- Mega Bumper Prize CelerioX
- A Trip To Paris
- LED TV
- Apple iPhone 7
- Apple iPad
- Phillips Speaker
- More Exciting Prizes

+ ASSURED 2g* GOLD COIN ON DELIVERY*

Alto K10 Save Upto ₹30,000* | Alto 800 Save Upto ₹40,000*

E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.

ALTO K10 | ALTO 800

| SKY AUTOMOBILES | ODYSSEY MOTORS | ORBIT MOTORS | LEGEND CARS |
|---|---|---|---|
| • BERHAMPUR: 7381261000 | • SAMBALPUR: 9439018805 • BOLANGIR: 9438068327 • BARGARH: 8895094616 • NUAPADA: 8895094633 • SONEPUR: 9437421356 • JHARSUGUDA: 9439892153 • BOUDH: 8594908009 | • ROURKELA: 9040404444, 9040404333 • SUNDARGARH: 9437049161 • DEOGARH: 9437492369 | • JEYPORE: 7894335551 • BHAWANIPATNA: 7894442910 |

*Terms and conditions applicable. The Terms and Conditions are subject to change without any prior notice. All offers are brought to you by Maruti Suzuki Dealers only. Offers are applicable on selected car models. Car models and accessories shown may vary from the actual product. Images used are for illustration purpose only. Savings mentioned above includes consumer offer and exchange bonus. All offers and the savings given above are applicable for the month of October'18 only. Gold Coin offer is valid only on Alto 800 and Alto K10 on purchase and delivery by 20th October, 2018. Customer can also opt for ₹6000/- worth of MGA instead of 2gm Gold coin. Scratch and Win Offer is applicable on all models and is valid from 5th – 31st October'18. In lucky draw, the mega bumper prize is CelerioX VXI AGS. Refer terms and conditions for Lucky draw in lucky draw coupon provided during the time of delivery. Offers as shown above may change without any prior notice.

Hero

# ଏକ ଶୁଭାରମ୍ଭ, ଭେଟିର ସହିତ।

ପାର୍ବଣ ଉପରେ ବିଶେଷ ଧନ ଲାଭ

## ₹3001

10 ଅକ୍ଟୋବର ରୁ ଆରମ୍ଭ ହିରୋ ସ୍କୁଟର୍ସ ଉପରେ ସୀମିତ ଅବଧି ଅଫର*

8.5 crore HEROES
ଅଗଣିତ ସମ୍ପର୍କ



INDIA'S FIRST 5 YEAR WARRANTY* *Conditions apply

Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. Phone No.: 011 - 46044100. For further information, contact the nearest Hero MotoCorp authorised outlet or call our toll free no.: 1800 - 266 - 0018 or visit us on www.heromotocorp.com. Accessories and features shown may not be part of standard fitment. Always wear a helmet while riding a two wheeler. *Offer valid from 10th to 19th Oct'18. Offer valid only in Odisha. #Terms & conditions apply. ##Finance at the sole discretion of financiers. Customers have to provide all relevant documents desired by financiers to avail the loan.

HeroMotoCorpIndia | HeroMotoCorpLimited | heromotocorp.com | @HeroMotoCorp | TheHeroMotoCorp

Hero GoodLife | Hero MILEAGE EXTRA KILOMETERS PER LITRE | Paytm mall ₹5000/- ର ଲାଭ | HeroFinCorp. | କମ ଡାଉନ ପେମେଣ୍ଟ ₹4999/-

For Institutional and Bulk Sales please write to Kolkata@heromotocorp.com

ଅଥରାଇଜ୍ଡ ଡିଲର: ବ୍ରହ୍ମପୁର: ଲକ୍ଷ୍ମୀ ହୀରୋ – 7799766350. ଶ୍ରୀ କାଲେଶ୍ୱର ହୀରୋ – 7799766372. ଜୟପୁର: ସୁପ୍ରିମ ହୀରୋ – 7799766340. ଫୁଲବାଣୀ: ନାରାୟଣୀ ହୀରୋ – 7799766373. ରାୟଗଡ଼ା: ଅଜୀତ ହୀରୋ – 7799766358. ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ଆସିକା: ଅଶୋକ ମୋଟର୍ସ – 273226. ପାରଳାଖେମୁଣ୍ଡି: ପ୍ରୀତମ ଏଣ୍ଟରପ୍ରାଇଜ – 224656. ମାଲକାନଗିରି: କନିଷ୍କ ଅଟୋମୋବାଇଲ୍ସ – 9437181980, 230514. ନବରଙ୍ଗପୁର: ଅରୁଣ ସେଲ୍ସ ଆଣ୍ଡ ସର୍ଭିସ – 223970. ସିମିଳିଗୁଡା: କେ.ପି.ଏଣ୍ଟରପ୍ରାଇଜ – 225222. ଦେବଗଡ଼ : ଜିନ୍ଦଲ ମୋଟର୍ସ : 9337774624.

# ରାୟଗଡ଼ାରେ ତିତ୍‌ଲିର ଉଗ୍ରରୂପ

■ ଉପୁଡ଼ିଲା ଗଛ, ବିଦ୍ୟୁତ୍‌ସେବା ବିଚ୍ଛିନ୍ନ, ଜଳ ଯୋଗାଣ ବନ୍ଦ

**ରାୟଗଡା ଅଫିସ୍, ୧୧।୧୦**


ରାୟଗଡ଼ା ରାଣୀଗୁଡ଼ାରେ ଉପୁଡ଼ି ପଡିଥିବା ଗଛ ।

ସାମୁଦ୍ରିକ ଝଡ ତିତ୍‌ଲିର ଉଗ୍ରରୂପ ଗୁରୁବାର ରାୟଗଡା ଜିଲାରେ ଦେଖିବାକୁ ମିଳିଛି । ବଡ଼ିଭୋର ପ୍ରାୟ ସାଢେ ୩ଟାରୁ ୪ଟା ମଧ୍ୟରେ ଜୋରରେ ପବନ ବୋହିବା ଆରମ୍ଭ ହୋଇଥିଲା । ଏହାସାଙ୍ଗକୁ ଲଗାଣ ବର୍ଷା ଦିନ ତମାମ ଜାରି ରହିଛି । ଅପରାହ୍ଣ ୧ଟା ପରେ ପବନର ଗତି ଧୀରେ ଧୀରେ ଶାନ୍ତ ହୋଇଥିଲା । ରାୟଗଡା ସହରର ବିଭିନ୍ନ ଅଞ୍ଚଳରେ ଉପୁଡ଼ି ରାସ୍ତା, ଘର, ବିଦ୍ୟୁତ୍‌ତାର ଉପରେ ପଡିଥିବା ଦେଖିବାକୁ ମିଳିଛି । ସହରର ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ୍ ଖୁଣ୍ଟ ଉପୁଡିବା ସହିତ ବିଦ୍ୟୁତ୍ ତାର ଛିଣ୍ଡିପଡିଛି । ଯାହାଫଳରେ ରାୟଗଡା ସହରରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଯାଇଛି । ସହରରେ ବିଦ୍ୟୁତ୍ ନ ଥିବାରୁ ପିଏଚ୍‌ଡି ବିଭାଗ ପକ୍ଷରୁ ସହରବାସୀଙ୍କୁ ପାନୀୟ ଜଳ ଯୋଗାଣ ବନ୍ଦ ରହିଛି। ଏହାର ପ୍ରଭାବରେ ସହରର ବିଭିନ୍ନ ଅଞ୍ଚଳରେ ଦୋକାନ ବଜାର ବନ୍ଦ ରହିଛି। ଜିଲାପାଳ ଗୁହା ପୁନମ ତାପସ କୁମାର ରାୟଗଡା ସହର ସମେତ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁସନ୍ଧାନ କରିଥିଲେ। ଜିଲାର ସମସ୍ତ ତହସିଲଦାର, ବିଡିଓମାନଙ୍କୁ ନିଜ ଅଞ୍ଚଳରେ ଉପସ୍ଥିତି ରହି ତିତ୍‌ଲିର ମୁକାବିଲା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅଗ୍ନିଶମ କର୍ମଚାରୀମାନେ ପ୍ରତ୍ୟେକ ପରିସ୍ଥିତିର ମୁକାବିଲା ପାଇଁ ସଜାଗ ରହିଛନ୍ତି । ରାୟଗଡା ପୌର ପରିଷଦର ନିର୍ବାହୀ ଅଧିକାରୀ ମଙ୍ଗେଲାଲ ଜୈନ ଓ କର୍ମଚାରୀମାନେ ସହରର ବିଭିନ୍ନ ୱାର୍ଡ ବୁଲି ସ୍ଥିତିର ସମୀକ୍ଷା କରିଛନ୍ତି। ବାତ୍ୟାରେ ପଡିଥିବା ଗଛଗୁଡିକୁ କାଟିବା ସହିତ ରାସ୍ତାରୁ ହଟାଇବା ପାଇଁ ଉଦ୍ୟମ ଜାରି ରହିଛି । ବିଦ୍ୟୁତ୍ ବିଭାଗ ପକ୍ଷରୁ ଛିଣ୍ଡିଥିବା ତାର ଗୁଡିକୁ ସଜଡା ଯାଉଛି । ଲଗାଣ ବର୍ଷା ଜାରି ରହିଥିବାରୁ ସମସ୍ତ କାର୍ଯ୍ୟରେ ସମସ୍ୟା ଉପୁଜୁଛି। ପୌର ପରିଷଦ ପକ୍ଷରୁ ୩ଟି ଏବଂ ପିଏଚ୍‌ଡି ବିଭାଗ ପକ୍ଷରୁ ୪ଟି ମୋଟ ୭ଟି ଟ୍ୟାଙ୍କର ଯୋଗେ ଲୋକମାନଙ୍କୁ ପାନୀୟ ଜଳ ଯୋଗାଇ ଦେବାର ବ୍ୟବସ୍ଥା କରାଯାଉଛି ବୋଲି ନିର୍ବାହୀ ଅଧିକାରୀ ଜୈନ କହିଛନ୍ତି । ପବନ କମିବା ପରେ ବସ୍, ଗାଡି ମୋଟର ଚଳାଚଳ ସ୍ୱାଭାବିକ ହୋଇଛି ।

# ବିପଦ ସଙ୍କେତ ଉପରେ ବଂଶଧାରା

**ଗୁଣପୁର,୧୧।୧୦(ଡି.ଏନ.ଏ)**

ସାମୁଦ୍ରିକ ଝଡ ତିତିଲି ନେଇ ଅପ୍ରସ୍ତୁତ ଥିବା ରାୟଗଡା ଜିଲା ପ୍ରଶାସନ ପାଇଁ ଗୁଣପୁରରେ ଏହାର ଭୟାବହତାର ମୁକାବିଲା ଚାଲେଞ୍ଜ ସୃଷ୍ଟି କରିଛି । କୌଣସି ପୂର୍ବାନୁମାନ ରାୟଗଡା ଜିଲା ପ୍ରତି ନ ଥିବା ଏବଂ ଏହା ଅଚାନକ ଗୁଣପୁରରେ ତାଣ୍ଡବ ଲିଳା ଘଟାଇବା ଯୋଗୁଁ ପ୍ରଶାସନ ହଡବଡେଇ ଯାଇଛି। ତିତିଲି ବ୍ୟାପକ ଅଞ୍ଚଳ କ୍ଷତିଗ୍ରସ୍ତ ଘଟାଇଛି। ଏହି ଝଡ ଆନ୍ଧ୍ରର ପଲାସା ସହ ଶ୍ରୀକାକୁଲମ ଅଞ୍ଚଳ ଦେଇ ଯିବା ପରେ ଏହାର ବିଶେଷ ପ୍ରଭାବ ଗୁଣପୁର ଅଞ୍ଚଳ ଉପରେ ପଡିଛି । ଫଳ ସ୍ୱରୂପ ସାମୁଦ୍ରିକ ଝଡର ଭୟାବହତା ପ୍ରଥମ କରି ଗୁଣପୁରବାସୀଙ୍କୁ ଦେଖିବାକୁ ମିଳିଛି । ବର୍ଷା ଲାଗି ରହିଥିବାରୁ ବଂଶଧାରା ନଦୀର ଜଳସ୍ତର ବୃଦ୍ଧି ପାଇଛି । ୮୪ ମିଟର ବିପଦ ସଙ୍କେତ ରହିଥିବାବେଳେ ବର୍ତ୍ତମାନ ୮୪.୪୫ରେ ପ୍ରବାହିତ ହେଉଛି । ଏବେ ବି ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ବଂଶଧାରାରେ ଜଳସ୍ତର ବୃଦ୍ଧି ପାଉଥିବାରୁ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି ।

# ରାୟଗଡ଼ାରେ ୬୪୦.୪ ମିମି ବର୍ଷା

**ରାୟଗଡ଼ା ଅଫିସ, ୧୧।୧୦**

ସାମୁଦ୍ରିକ ଝଡ ତିତିଲର ପ୍ରଭାବରେ ରାୟଗଡ଼ା ଜିଲାରେ ବର୍ଷ ଲାଗି ରହିଛି। ଜିଲା ଜରୁରୀକାଳୀନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରାୟଗଡା ଜିଲା ଅଧିନରେ ଥିବା କାଶୀପୁର ବ୍ଲକ୍‌ରେ ୨୬.୮ମି.ମି ବର୍ଷା ହୋଇଛି । ସେହିପରି ଗୁଣପୁରରେ ୬୩, ରାୟଗଡା ବ୍ଲକ୍‌ରେ ୫୧.୪ ମି.ମି , ବିଷମକଟକ ୫୫ମି.ମି , କୋଲନରା ୪୪ମି.ମି , ରାମନାଗୁଡା ୧୬୫ମି.ମି, ମୁନିଗୁଡା ୬୨ମି.ମି , ଚନ୍ଦ୍ରପୁର ୫୧ମି.ମି , କଲ୍ୟାଣସିଂହପୁର ୪୧.୮ମି.ମି, ଗୁଡାରୀ ବ୍ଲକ୍‌ରେ ୮୦.୪ମି.ମି ବର୍ଷା ହୋଇଛି । ଗୁରୁବାର ସକାଳୁ ସନ୍ଧ୍ୟା ୫ଟା ମଧ୍ୟରେ ମୋଟ ୬୪୦.୪ମି.ମିରୁ ଊର୍ଦ୍ଧ୍ୱ ବର୍ଷା ହୋଇଛି। ଗୁରୁବାର ସନ୍ଧ୍ୟା ୫ଟାଠାରୁ ଶୁକ୍ରବାର ପର୍ଯ୍ୟନ୍ତ ପ୍ରବଳ ବର୍ଷା ଲାଗି ରହିବ। ଯାହାଫଳରେ ରାୟଗଡା ଜିଲାର ନାଗାବଳୀ, ଝଞ୍ଜାବତୀ, କଲ୍ୟାଣୀ ଓ ଅନ୍ୟାନ୍ୟ ନଦୀଗୁଡିକରେ ଜଳସ୍ତର ବୃଦ୍ଧି ପାଇବ ବୋଲି ଜିଲା ଜରୁରୀକାଳୀନ ଅଧିକାରୀ ସୁବ୍ରତ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି।

# ୨୮୦ ଲୋକଙ୍କୁ ସ୍ଥାନାନ୍ତର

**ଗୁଣପୁର,୧୧।୧୦(ଡି.ଏନ.ଏ)**

ରାୟଗଡ଼ା ଜିଲା ଗୁଣପୁରରେ ତିତ୍‌ଲି ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ପାଲିଆ ଢେପ ସାହିରେ ୭ଟି ଘର, ଗାନ୍ଧୀନଗର ଅଞ୍ଚଳରେ ୧୫ଟି , ମହିମା ନଗର ଅଞ୍ଚଳରେ ୭ଟି ଘର ଭାଙ୍ଗି ଯାଇଛି । ଜଗନ୍ନାଥନଗର ଅଞ୍ଚଳରେ ରାଜସ୍ଥାନରୁ ଆସି ତମ୍ବୁ ପକାଇ ରହୁଥିବା ବୁଲା ବିକାଳି ୨ ମହିଳାଙ୍କ ସମେତ ୮ ଜଣଙ୍କୁ ଉପଜିଲାପାଳ ଅମ୍ରିତ ଋତୁରାଜ ଉଦ୍ଧାର କରି ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେହିପରି ୩ ନଂ ୱାର୍ଡ ପାଲିଆ ଢେପ ସାହିରୁ ୪୦ ଜଣ , ୭ ନଂ ଗାନ୍ଧି ନଗର ସାହିରୁ ୨୪୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇ ମାଗଣା ରନ୍ଧାଖାଦ୍ୟ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଛି । ସେହିପରି ବୁଧବାର ରାତିରୁ ଗୁଣପୁର ଅଞ୍ଚଳରେ ବିଦ୍ୟୁତ ସେବା ପ୍ରଭାବିତ ହୋଇଛି । ବିଦ୍ୟୁତ ସେବା ସ୍ୱାଭାବିକ ହେବାକୁ ୨ ଦିନ ଲାଗିବ ବୋଲି ଜଣାପଡିଛି। ବିଭିନ୍ନ ସ୍ଥାନରେ ଗଛ ପଡିବା ସହ ବିଦ୍ୟୁତ ଖୁଣ୍ଟଗୁଡିକ ଭାଙ୍ଗି ଉପୁଡି ପଡିଛି । ପୂର୍ତ୍ତ ବିଭାଗ ଏବଂ ଅଗ୍ନିଶମ ବିଭାଗ ରାସ୍ତାର ଗଛ ହଟାଇଥିଲେ । ତେବେ ପୁରୁଣା ବ୍ୟାଙ୍କ ସାହିରେ ଗୋଟିଏ ଗଛ ସକାଳୁ ପଡିଥିଲେ ମଧ୍ୟ ସଫା କରାଯାଇ ନ ଥିବା ପୂର୍ବତନ ଜିଲା ପରିଷଦ ବିଜୟ ଗମାଙ୍ଗ ଅଭିଯୋଗ କରିଛନ୍ତି। ତିତ୍‌ଲିକୁ ମୁକାବିଲା କରିବା ପାଇଁ ସନ୍ଧ୍ୟାରେ ପ୍ରଶାସନ ପକ୍ଷରୁ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ନେଇ ଏକ ଜରୁରୀ ବୈଠକ କରାଯାଇଛି । ମଧ୍ୟାହ୍ନରେ ଜିଲାପାଳ ଗୁହା ପୁନମ ତାପସ କୁମାର ଗୁଣପୁର ଅଞ୍ଚଳ ଗସ୍ତ କରି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ବିଭିନ୍ନ ସାହି ବୁଲି ଅବସ୍ଥା ପଚାରି ବୁଝିଥିଲେ । ସହର ତଳି ଅଞ୍ଚଳ ତଥା ଖାଲ ଅଞ୍ଚଳରେ ପାଣି ଜମି ରହିଛି । ପୂଜା ମଣ୍ଡପଗୁଡିକ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି । ବାବୁଲି ନଗର ଓ ବୃନ୍ଦାବତି ନଗର ପୂଜା କମିଟି ଏବଂ ମରାଠିଗୁଡା ପୂଜା କମିଟିର ଟେଣ୍ଟ ଉଡି ଯାଇଛି।


# CLASSIFIED DISPLAY





















■ ଜିଲା ସଦର ମହକୁମା ଡାକ୍ତରଖାନା

# ଆଉଟସୋର୍ସିଂ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



ଆଉଟସୋର୍ସିଂ କର୍ମଚାରୀମାନେ ଆନ୍ଦୋଳନ କରୁଛନ୍ତି ।

ନବରଙ୍ଗପୁର,୧୧।୧୦(ବି.ପ୍ର.)

ନବରଙ୍ଗପୁର ସଦରମହକୁମା ଡାକ୍ତରଖାନାରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀମାନେ ୨ ମାସର ଦରମା ପାଇନଥିବା ନେଇ ଗୁରୁବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି । ଏହା ସମେତ ଇପିଏଫ ଟଙ୍କା କର୍ମଚାରୀ ମାନଙ୍କ ଠାରୁ କଟା ଯାଉଥିଲେ ମଧ୍ୟ ତାହାର ହିସାବ ଦିଆଯାଉନାହିଁ । ସେହିଭଳି ଏଯାଏ କାହାରିକୁ ନିଯୁକ୍ତି ପତ୍ର ଠିକା ସଂସ୍ଥା ଦେଉ ନାହିଁ ବୋଲି ଆଉଟସୋର୍ସିଂ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି । ସଫେଇ କାର୍ଯ୍ୟରେ ନିୟୋଜିତ ୧୫ ଜଣ, ୧୭ ଜଣ ସିକ୍ୟୁରିଟି ଗାର୍ଡ, ୧୦ ଆଟେଣ୍ଡାଣ୍ଟ, ଜଣେ ପ୍ଲମର ଓ ୨ ଜଣ ଇଲେକ୍ଟ୍ରିସିଆନଙ୍କୁ ଭାରତ ସିକ୍ୟୁରିଟି ସଂସ୍ଥା ନବରଙ୍ଗପୁର ସଦର ମହକୁମା ଡାକ୍ତରଖାନାରେ ନିୟୋଜିତ କରିଛି। କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ଡାକ୍ତରଖାନାରେ ସଫେଇ କାର୍ଯ୍ୟ ଠପ ହୋଇ ଯାଇଥିଲା । ଏନେଇ ସଂସ୍ଥାର ରବିନ୍ଦ୍ର କୁମାର ବାରିକଙ୍କୁ ପଚାରିବାରୁ ସେ କହିଥିଲେ ଯେ ୧୦ ତାରିଖରେ ଦରମା ଡିପୋଜିଟ କରାଯିବ ବୋଲି କହିଥିଲେ । ତାଙ୍କ ସ୍ତ୍ରୀଙ୍କ ପ୍ରସୂତି ଲାଗି ଦିନେ ବିଳମ୍ବ ହୋଗଲା । ଗୁରୁବାର ସମସ୍ତ କର୍ମଚାରୀଙ୍କ ଦୁଇ ମାସର ଦରମା ଡିପୋଜିଟ ହୋଇ ଯାଇଛି ବୋଲି କହିଛନ୍ତି।

# ଗଞ୍ଜେଇ ଜବତ, ୨ ଗିରଫ

ଉମରକୋଟ,୧୧।୧୦(ଡି.ଏନ.ଏ)

ଉମରକୋଟ ବ୍ଲକ ଏକମ୍ବା ଗ୍ରାମର ଡମ୍ବରୁଧର ନାୟକ ଏବଂ ଧନପୁର ଗ୍ରାମର ନରସିଂହ ପୂଜାରୀଙ୍କ ଘରେ ଅବକାରୀ ପୋଲିସ ଚଢାଉ କରି ଗଞ୍ଜେଇ ଜବତ କରିଛି। ଡମ୍ବରୁଙ୍କ ଘରୁ ୧୨୦୦ ଗ୍ରାମ ଏବଂ ନରସିଂହ ଠାରୁ ଏକ କେଜି ୧୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଅବକାରୀ ପୋଲିସ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଚଢାଉରେ ଅବକାରୀ ବିଭାଗ ନବରଙ୍ଗପୁର ମୋବାଇଲ ସ୍କ୍ୱାର୍ଡ ନିରୀକ୍ଷକ ବିପ୍ର ମଣ୍ଡଳ, ଉପନିରୀକ୍ଷକ ବୃନ୍ଦାବନ ମଣ୍ଡଳ, ସଞ୍ଜୁଲତା ବାରିକ, ହେମନ୍ତ କୁମାର ମହାନନ୍ଦିଆ ସାମିଲ ଥିଲେ।

# ଜୁଆ ଆଡ୍ଡାରେ ଚଢାଉ

ନବରଙ୍ଗପୁର,୧୧।୧୦(ବି.ପ୍ର.)

ସ୍ଥାନୀୟ କୋଇଗୁଡା ଓ ମିରଗାନଗୁଡା ନିକଟରେ ଚାଲିଥିବା ଦୁଇଟି ଜୁଆ ଆଡ୍ଡା ଉପରେ ନବରଙ୍ଗପୁର ପୋଲିସ ବୁଧବାର ବିଳମ୍ବିତ ରାତିରେ ଚଢାଉ କରି ୧୪ ହଜାର ୪ଶହ ଟଙ୍କା ଜବତ କରିଛି । ୭ ଜଣ ଅଟକ ରଖିବା ପରେ ନୋଟିସ ଦିଆଯାଇ ଛଡା ଯାଇଛି । ଏନେଇ୨୦୧ ଓ ୨୦୨/ ୧୮ ଦୁଇଟି ମାମଲା ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ଭୀମସେନ ନାୟକ କହିଛନ୍ତି ।


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES) ମଳଦ୍ୱାର (FISSURE) ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

SPOT ADMISSION
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
CT(D.El.Ed)
Equivalent to Board of Secondary Education Odisha
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

Urbasi Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ ।
Stockist-Odisha Drug Distributor
Cell: 7873239883

Dhanlaxmi Finance Services
ସରକାରଙ୍କ ଦ୍ୱାରା ପଞ୍ଜୀକୃତ
(Reg No.- od6789dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ଗ୍ରୁପ୍ ଋଣ 72 ଘଣ୍ଟାରେ ପାଆନ୍ତୁ । 1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ ମାତ୍ର 1% ସୁଧ, 40% ରିହାତି।
For more details contact:
9193648139
SATAPADA, PURI, ODISHA - 752011

CTL Digital Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 20 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି । ଏଗ୍ରୀମେଣ୍ଟ ଦେୟ 1750/-
ଠିକଣା:- ମୁଖ୍ୟ କାର୍ଯ୍ୟାଳୟ କି-72, ଆଦର୍ଶ ନଗର, କ୍ରୋଳବାଗ
Contact :- 7894865978,7894865768

INDIA'S NO.1 Govt. Approved SLT Company
ଦ୍ୱାରା ଖାଲି ଜମି, ଛାତ, ପ୍ଲଟରେ ସବୁ କମ୍ପାନୀର ଡିଜିଟାଲ ଉପକରଣ ଲଗାନ୍ତୁ । ଅଗ୍ରିମ – 55 ଲକ୍ଷ, ଭଡ଼ା – 65000/– + ଅନ୍ୟାନ୍ୟ ସୁବିଧା + 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ + ବୀମା ମାଗଣା। (ଦ୍ରଷ୍ଟବ୍ୟ- ସରକାରଙ୍କ ଦ୍ୱାରା 780 ଡିଜିଟାଲ ଉପକରଣ ଲଗାଇବାର ଅନୁମତି)
8750226673
9667741675
T-51, Gali No.8, Gautampuri, Delhi-110053

ଶୁଭ ଜନଲକ୍ଷ୍ମୀ ଫାଇନାନ୍ସ
ଆବଶ୍ୟକତା ଅଛି ଶୁଭ ଜନଲକ୍ଷ୍ମୀ ଫାଇନାନ୍ସ କମ୍ପାନୀକୁ ଓଡ଼ିଶାରେ ଏଜେଣ୍ଟ, ଡିଲର ପଏଣ୍ଟ, ମାଇକ୍ରୋ ଫାଇନାନ୍ସ, ଫିଲ୍ଡ ଅଫିସରମାନଙ୍କର, Fixed Salary– 25,000 to 35,000 + କମିଶନ, ଲୋନ, ପର୍ସନାଲ ଲୋନ, ଲୋନ୍ ଏଗ୍ରେଷ୍ଟ ପ୍ରପର୍ଟି ସଂପର୍କ କରନ୍ତୁ।
D2/A, Ambedkar Bhawan Near Paribartan Square, Lucknow, Delhi
9958114799
9667313428

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7684946678
8337956019

SAGAR FINANCE
ଋଣ ଟଙ୍କା ଡାଇରେକ୍ଟ ଟ୍ରାନ୍ସଫର୍ ହେବ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ୭୨ ଘଣ୍ଟା ମଧ୍ୟରେ । ପର୍ସନାଲ, ପ୍ରପର୍ଟି , ଏଗ୍ରିକଲଚର, ମାର୍କସିଟ ଭଳି ସମସ୍ତ ପ୍ରକାର ଋଣ ବର୍ଷକୁ 3% ସୁଦରେ ଉପଲବ୍ଧ । ( ଏଜେଣ୍ଟ ଆମନ୍ତ୍ରିତ )
34/5, 1st Floor, Palam Vihar, Gurugram, Haryana
8920535530
8826532451

T.C.F. FINANCE
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍, ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
08418002678
08859668547
39, Patel Nagar, Saharanpur Road, Dehradun - 248001

ଧନଲକ୍ଷ୍ମୀ ଫାଇନାନ୍ସ
!! ବିନା ଗ୍ୟାରେଣ୍ଟର !! ସ୍ୱରୋଜଗାର ପାଇଁ
୫ମ/ 10ମ ପାସ୍ ମହିଳା/ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନୀ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ 25% ରିହାତି
20 ବର୍ଷରେ ଫେରସ୍ତ
8448812163
8130564846
Add : - 41/14, Sec-1 Pushp Vihar, Delhi

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସନ୍ତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବା କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
(ସ୍ପେଶାଲିଷ୍ଟ- ବଶୀକରଣ, ମୂଠକରଣୀ ଏବଂ କଳାଯାଦୁ )
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବସରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଟେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ଦୈବିକ ବିଦ୍ୟାରେ ନିପୁଣ
9873361894, 9654673664

ସାକ୍ଷୀ ଫାଇନାନ୍ସ
ଋଣ ଋଣ ଋଣ
ସରକାରୀ ଜନକଲ୍ୟାଣ ଋଣ ମାତ୍ର 24 ଘଣ୍ଟାରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ସୁଧ 1% ବାର୍ଷିକ, ରିହାତି 45% (ମହିଳାଙ୍କ ପାଇଁ ବିଶେଷ ରିହାତି)
At: 208, Jiwan Park, Delhi - 110059
Mob: 07310616779

Vasundra Financial Services
(Govt. Registered)
(Regd. No.:- odhCPR0533821)
ଆଧାରକାର୍ଡ, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଗ୍ରୁପ୍ ଋଣ, କୃଷି ଏବଂ ସବୁ ପ୍ରକାର ଋଣ ସହଜ କିସ୍ତିରେ ସରକାରୀ ବ୍ୟାଙ୍କ ଦ୍ୱାରା ଘରେ ବସି ପାଆନ୍ତୁ 2% ସୁଧ 50% Govt. Subsidy. ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ ।
Mahatab Nagar, Bulandshahr, Sikandrabad, U.P.
8295842976
8295842985


# ଓଡ଼ିଶା ସରକାର

# ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଘୋଷଣା

File No. 560 Dated 29.09.18

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍ ୨୦୧୩ (Right to Fair Compensation and Transparency in Land Acquisition, Rehabilitation & Re-settlement Act. 2013) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ, ସୁବର୍ଣ୍ଣପୁରଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ମୌଜା- ଶିବତୁଲା, ଥାନା- ତରଭା, ନଂ.୮୨, ତହସିଲ- ତରଭା, ଜିଲ୍ଲା- ସୁବର୍ଣ୍ଣପୁରରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏହି ଆଇନର ଧାରା ୨(୧) ପ୍ରକାରେ ଓଡିଶା ସରକାରଙ୍କୁ ପ୍ରତୀତ ହୋଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା- ଖୋର୍ଦ୍ଧା ରୋଡ, ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିମନ୍ତେ ପୂର୍ବତଟ ରେଳପଥଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (Right to Fair Compensation and Transparency in Land Acquisition, Rehabilitation & Resettlement Act. 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୩୪୨୦, ତା୧୦।୧୦।୨୦୧୭ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା- ଶିବତୁଲା, ଥାନା- ତରଭା, ନଂ.୮୨, ତହସିଲ- ତରଭା, ଜିଲ୍ଲା- ସୁବର୍ଣ୍ଣପୁରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ କରାଯାଇନାହିଁ।

ଏହି ଘୋଷଣାନାମା ସହିତ ପ୍ରକଳ୍ପ କ୍ଷତିଗ୍ରସ୍ତ ଓ ବାସଚ୍ୟୁତ ପରିବାର ଉଦ୍ଦେଶ୍ୟରେ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖ ସମ୍ପର୍କରେ କୌଣସି ତଥ୍ୟ ଆବଶ୍ୟକ ହେଉ ନାହିଁ। ଏଣୁ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଜିଲ୍ଲା ୱେବସାଇଟ୍‌ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଜିଲ୍ଲପାଳ, ସୁବର୍ଣ୍ଣପୁର

### ତଫସିଲ - କ
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା- ସୁବର୍ଣ୍ଣପୁର — ତହସିଲ- ତରଭା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଶିବତୁଲା | ଗ୍ରାମାଞ୍ଚଳ | ଭୂମି ଅନୁସୂଚୀ ତାଲିକା ଏଥି ସହିତ ସଂଲଗ୍ନ ହୋଇଅଛି । | | | | | |

### ତଫସିଲ - ଖ
### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା- ସୁବର୍ଣ୍ଣପୁର — ତହସିଲ- ତରଭା

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଶିବତୁଲା | ଗ୍ରାମାଞ୍ଚଳ | ଉକ୍ତ ଗ୍ରାମରେ କୌଣସି ବିସ୍ଥାପିତ ପରିବାର ନାହାନ୍ତି । | | | | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଜିଲ୍ଲାପାଳ, ସୁବର୍ଣ୍ଣପୁର

### ଭୂମି ଅନୁସୂଚୀ

ନିବାସୀ- ଶିବତୁଲା — ତହସିଲ- ତରଭା
ଥାନା- ତରଭା ନଂ.୮୨ — ଜିଲ୍ଲା- ସୋନପୁର

| କ୍ର. ନଂ. | ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅଧିକୃତ ରକବା | କିସମ | ପ୍ରଜାର ନାମ ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୧୫ | ୧୧୮୩ / ୧୨୮୦ | ୦.୩୪୦ | ୦.୩୪୦ | ଆଟ | ଉପେନ୍ଦ୍ର ନିଆଲି, ପି- ଭାଗବତ ନିଆଲି, ଜା.ଗୌଡ, ବା.ନିଜଗାଁ |
| ୨ | ୩୪ | ୧୧୯୮ | ୦.୫୦୦ | ୦.୫୦୦ | ମାଲ ଅଣଜଳସେଚିତ | କୃଷ୍ଣଚନ୍ଦ୍ର କରନ, ଫକିର କରନ, ଗୋକୁଲ କରନ, ଅଖିଳ କରନ, |
| ୩ | | ୧୧୯୯ | ୧.୪୫୦ | ୦.୬୫୦ | ମାଲ ଅଣଜଳସେଚିତ | ପି- ଗୋପୀ ଚନ୍ଦ୍ର କରନ, ଜା.ଡୁମାଲ, ବା.ନିଜଗାଁ |
| ୪ | ୪୨ | ୧୧୪୦ | ୦.୪୧୦ | ୦.୦୩୦ | ଆଟ | ଗିରିଧାରୀ ନାୟକ, ପି- କାହ୍ନୁ ନାୟକ, ଜା. ଓଡିଆ, ବା. ନିଜଗାଁ |
| ୫ | ୫୮ | ୧୧୮୨ | ୦.୩୮୦ | ୦.୩୦୦ | ଆଟ | ଚିନ୍ତାମଣି ପଣ୍ଡା, ପି- ମଦନ ପଣ୍ଡା, ଜା.ବ୍ରାହ୍ମଣ, ବା.ତରଭା |
| ୬ | | ୧୧୮୯ | ୦.୧୫୦ | ୦.୧୫୦ | ବେର୍ଣ୍ଣାଅଣଜଳସେଚିତ | |
| ୭ | | ୧୧୯୦ | ୨.୮୦୦ | ୧.୫୦୦ | ଆଟ | |
| ୮ | ୫୯ | ୧୧୩୩ | ୧.୦୯୦ | ୦.୭୫୦ | ମାଲ ଅଣଜଳସେଚିତ | ଜୟକୃଷ୍ଣ ନାୟକ, ପି- ସ୍ୱପ୍ନ ନାୟକ, ଜା. ଓଡିଆ, ବା.ନିଜଗାଁ |
| ୯ | | ୧୧୩୪ | ୦.୩୯୦ | ୦.୩୯୦ | ଆଟ | |
| ୧୦ | ୭୯ | ୧୧୯୫ | ୦.୫୨୦ | ୦.୨୫୦ | ବେର୍ଣ୍ଣାଅଣଜଳସେଚିତ | ତପସ୍ୱିନୀ କର୍ମ ବା- ନାରାୟଣପୁର, ଅହଲ୍ୟା ବସ୍ତିଆ, ବା- ଲୁପୁରାସିଂହା, ପି- ଗୋପିଚନ୍ଦ୍ର କର୍ଣ୍ଣ, ରାଧିକା କର୍ଣ୍ଣ, ସ୍ୱା- ଗୋପିଚନ୍ଦ୍ର କର୍ଣ୍ଣ, ଜା.ଡୁମାଲ, ବା.ନିଜଗାଁ |
| ୧୧ | | ୧୨୦୦ | ୦.୧୮୦ | ୦.୦୫୦ | ଆଟ | |
| ୧୨ | ୧୦୦ | ୧୧୪୪ | ୦.୬୦୦ | ୦.୨୨୦ | ଆଟ | ନିଲମାଧବ ମହାଣା, ପି- ନଟବର ମହାଣା, ଜା.କଂସାରୀ, ବା- ତରଭା |
| ୧୩ | | ୧୧୪୫ | ୫.୨୦୦ | ୨.୬୫୦ | ବେର୍ଣ୍ଣାଅଣଜଳସେଚିତ | |
| ୧୪ | ୧୧୩ | ୧୧୩୮ | ୦.୨୧୫ | ୦.୨୧୫ | ଆଟ | ପୁରନ୍ଦର ନାୟକ, ପି- କାହ୍ନୁ ନାୟକ, ଜା.ଓଡିଆ, ବା.ନିଜଗାଁ |
| ୧୫ | | ୧୧୩୯ | ୦.୨୧୦ | ୦.୨୧୦ | ଆଟ | |
| ୧୬ | ୧୩୮ | ୧୧୪୨ | ୦.୯୮୦ | ୦.୩୫୦ | ଆଟ | ବେଣୁଧର ନାୟକ, ପି- ଦୟାନିଧି ନାୟକ, ଜା. ଓଡିଆ, ବା.ନିଜଗାଁ |
| ୧୭ | ୧୫୫ | ୧୧୮୪ | ୦.୨୩୦ | ୦.୨୦୦ | ବେର୍ଣ୍ଣାଅଣଜଳସେଚିତ | ମନମଥ ନିଆଲି, ବା- ନିଜଗାଁ, ବା- ପୁଇଁନ୍ତଳା, ପି- ଛବିଳ ନିଆଲି, ସେବତି ନିଆଲି, ସ୍ୱା- ଛବିଳ ନିଆଲି, ବା- ନିଜଗାଁ, ଶ୍ରୀମତୀ ଚନ୍ଦନ, ପି- ଭଗବାନ ନିଆଲି, ଜା.ଗଉଡ, ବା.ସାନଭଇଁତରା |
| ୧୮ | | ୧୧୮୫ | ୦.୨୪୦ | ୦.୨୪୦ | ଆଟ | |
| ୧୯ | ୧୫୮ | ୧୧୮୬ | ୦.୧୮୦ | ୦.୧୮୦ | ବେର୍ଣ୍ଣାଅଣଜଳସେଚିତ | ମହାବୀର ସୁନା, ପି- ହଲୁ ସୁନା, ଜା.ଗଣ୍ଡା, ବା.ନିଜଗାଁ |
| ୨୦ | | ୧୧୮୭ | ୧.୯୬୦ | ୦.୬୦୦ | ବେର୍ଣ୍ଣାଅଣଜଳସେଚିତ | |
| ୨୧ | ୧୬୯ | ୧୧୬୯ | ୨.୧୬୦ | ୦.୨୦୦ | ବେର୍ଣ୍ଣାଅଣଜଳସେଚିତ | ମୁରଲୀଧର ଥନାପତି, ପି- ବଂଶୀଧର ଥନାପତି, ଜା.ବଡମାଳି, ବା.ତରଭା |
| ୨୨ | | ୧୧୮୮ | ୦.୨୮୦ | ୦.୨୮୦ | ବେର୍ଣ୍ଣାଅଣଜଳସେଚିତ | |
| ୨୩ | | ୧୧୯୭ | ୦.୫୧୦ | ୦.୫୧୦ | ବେର୍ଣ୍ଣାଅଣଜଳସେଚିତ | |
| ୨୪ | ୨୧୯ | ୧୧୩୭ | ୦.୨୩୫ | ୦.୨୩୫ | ଆଟ | ଶ୍ରୀମତୀ ନାୟକ, ପି- କାହ୍ନୁ ନାୟକ, ଜା.ଓଡିଆ, ବା.ନିଜଗାଁ |
| ୨୫ | ୨୩୩ / ୩୭ | ୧୧୩୫ | ୦.୩୯୦ | ୦.୩୯୦ | ଆଟ | ଶୁଭ୍ରାଂଶୁ ଶେଖର ମେହେର, ପି- ବିଜୟ ମେହେର, ଜା.ଭୁଲିଆ, ବା.ତରଭା (ଗଡଭିତର) |
| ମୋଟ | | | ୨୧.୬୦୦ | ୧୧.୩୯୦ | | |

### ଭୂମି ଅନୁସୂଚୀ

ମୌଜା- ବାଘପାଳି — ତହସିଲ- ସୋନପୁର ନ.୧୨୫
ଥାନା- ସୋନପୁର ନ.୪୦ — ଜିଲ୍ଲା- ସୋନପୁର

| ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅଧିକୃତ ରକବା | କିସମ | ପ୍ରଜାର ନାମ ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୫୩ | ୩୫୬ | ୦.୦୩୦<br>୧.୫୭୦<br>୧.୯୮୦ | ୦.୦୧୦<br>୦.୨୦୦<br>୦.୧୮୦ | ଆଟ<br>ବାହାଲ ଅଣଜଳସେଚିତ<br>ଆଟ | ପ୍ରେମାନନ୍ଦ ମେହେର, କ୍ଷେତ୍ରି ମେହେର, ଦ୍ୱିତୀୟା ମେହେର, ପି.ବେଣୁ ମେହେର, ଜା.ଭୁଲିଆ, ବା.ଖରଝୁରା |
| | ମୋଟ | ୩.୫୮୦ | ୦.୩୯୦ | | |

# ଦକ୍ଷିଣ ଓଡ଼ିଶାରେ ତିତ୍‌ଲିର ପ୍ରଭାବ


ଗୁଣପୁର ଜଗନ୍ନାଥନଗରରେ ରହୁଥିବା ଲୋକଙ୍କୁ ଉପଜିଲାପାଳ ଉଦ୍ଧାର କରୁଛନ୍ତି।


କାଶୀନଗରଠାରେ ବିଦ୍ୟୁତ୍ ଖୁଣ୍ଟ ଉପୁଡି ରାସ୍ତାରେ ପଡିଛି।


କାଶୀନଗରଠାରେ ଝଡ଼ବର୍ଷାର ଏକ ଦୃଶ୍ୟ।


ଗୁଣପୁରରେ ଭାଙ୍ଗିପଡିଥିବା ଘର।


ଗୋପାଳପୁର କରାପଲ୍ଲି ଗ୍ରାମରେ ଗୋଟିଏ କାର ଉପରେ ଗଛ ପଡିଯାଇଛି।


ଗଜପତି ଜିଲା ଗୋଷାଣୀ ବ୍ଲକର ଯାଜପୁର ଗ୍ରାମ ଜଳମଗ୍ନ ହୋଇପଡିଛି।


ଦଶମନ୍ତପୁର ବ୍ଲକ ଶୁକ୍ରାପୁଟରେ ଘର ଉପରେ ଭାଙ୍ଗିପଡିଥିବା ଗଛକୁ ଓଡ୍ରାଫ୍ ଟିମ୍ ହଟାଉଛନ୍ତି।


ରାୟଗଡାର ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉପୁଡି ପଡିଥିବା ଗଛ।


ରାୟଗଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଭାଙ୍ଗିପଡିଥିବା ହୋର୍ଡିଂ ଓ ଗଛ।


ପାରଳାଖେମୁଣ୍ଡି ସହରର ମୁଖ୍ୟ ରାସ୍ତାରେ ଏକ ଗଛ ଉପୁଡି ପଡି ରାସ୍ତା ଅବରୋଧ କରିଛି।

# ଉଡ଼ିଲା ଛପର, ଭାଙ୍ଗିଲା ଗଛ

- ବିଦ୍ୟୁତ ସରବରାହ ଠପ୍ ଯୋଗୁ ସାରା ଜିଲା ଅନ୍ଧାର
- ପାନୀୟଜଳ ଯୋଗାଣ, ଗାଡ଼ି ଚଳାଚଳ ବ୍ୟାହତ
- ପାରଳାଖେମୁଣ୍ଡି-ବ୍ରହ୍ମପୁର ଯୋଗାଯୋଗ ବିଚ୍ଛିନ୍ନ

ପାରଳାଖେମୁଣ୍ଡି/ଗୁମ୍ମା/କାଶୀନଗର, ୧୧।୧୦(ସ୍ୱ.ପ୍ର./ଡି.ଏନ୍.ଏ.)

ଗଜପତି ଜିଲାରେ ବୁଧବାର ସକାଳୁ ଆକାଶ ମେଘାଚ୍ଛନ୍ନ ରହିଥିଲା। ଅପରାହ୍ନ ୪ଟାରୁ ଝିପିଝିପି ବର୍ଷା ଆରମ୍ଭ ହୋଇଥିଲା। ସନ୍ଧ୍ୟା ୬ଟାରୁ ତୁହାକୁ ତୁହା ବର୍ଷା ଲାଗିରହିଥିଲା। ରାତି ବଢ଼ିବା ସହିତ ବର୍ଷା ଓ ପବନ ବଢ଼ିବାରେ ଲାଗିଲା। ଗୁରୁବାର ଭୋର ୪ଟାରୁ ପ୍ରାୟ ୧୦୦କିମି ବେଗରେ ପବନ ମାଡ଼ିଆସିବା ସହ ପ୍ରବଳ ବର୍ଷା ହୋଇଥିଲା। ପ୍ରାୟ ୩ଘଣ୍ଟା ଧରି ଝଡ଼ବର୍ଷା ଲାଗିରହିଥିଲା। ଏହି ସମୟରେ ପାରଳାଖେମୁଣ୍ଡି ସହର ସମେତ ବିଭିନ୍ନ ସ୍ଥାନକୁ ଛାରଖାର କରିଦେଇଥିଲା ତିତ୍‌ଲି। ସକାଳ ୭ଟା ବେଳକୁ ପବନ କମିଥିଲେ ମଧ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ବର୍ଷା ବନ୍ଦ ହୋଇ ନ ଥିଲା। ପରେ କିଛି ସମୟ ଛାଡ଼ିଯାଇଥିଲା। ମାତ୍ର ଅପରାହ୍ନ ୧ଟାରୁ ପୁଣି ବର୍ଷା ଲାଗିରହିଛି। ମୋହନାରେ ସର୍ବାଧିକ ୩୧୫ ମିଲିମିଟର ଓ ପାରଳାଖେମୁଣ୍ଡିରେ ୨୦୦ମିଲିମିଟର ବର୍ଷା ହୋଇଥିବା ଜଣାପଡ଼ିଛି। ପାରଳାଖେମୁଣ୍ଡି ପୌରାଞ୍ଚଳର ସେରିସାହି, କଣ୍ଟିଆସାହି, ଜଙ୍ଗମ ସାହି, ହାଟପଦା ଆଦି ଅଞ୍ଚଳର ବାସିନ୍ଦାଙ୍କ ଘରେ ପାଣି ପ୍ରବେଶ କରିଛି। ପୁରୁଣା ଫାୟାର ଷ୍ଟେଶନ ଛକ, ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ ନିକଟ, ସିୟୁଟିଏମ୍ ନିକଟ, ମେଡିକାଲ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଏବଂ ମ୍ୟୁନିସିପାଲିଟି ଅଫିସ ପରିସରରେ ଥିବା ବଡ ବଡ ଗଛ ଉପୁଡ଼ି ପଡ଼ିଛି। ସହର ସମେତ ଆଖପାଖ ଅଞ୍ଚଳ ଓ ମୁଖ୍ୟରାସ୍ତା ପାର୍ଶ୍ୱରେ ୫ଶହରୁ ଊର୍ଦ୍ଧ୍ୱ ଗଛ ଭାଙ୍ଗିଛି। ଏଥିଯୋଗୁ ପାରଳାଖେମୁଣ୍ଡିରୁ ବିଭିନ୍ନ ସ୍ଥାନକୁ ଯୋଗାଯୋଗ ବ୍ୟାହତ ହୋଇଥିବା ବେଳେ ଅପରାହ୍ନ ୫ଟା ସୁଦ୍ଧା ଏନ୍‌ଡିଆର୍‌ଏଫ୍ ଟିମ୍ କେତେକ ସ୍ଥାନରେ ଗଛ କାଟି ରାସ୍ତା ସଫା କରିଛି। ଏହାସତ୍ତ୍ୱେ ଜିଲାରେ ବସ୍ ଓ ଅନ୍ୟ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇପାରିନାହିଁ। ବୁଧବାର ସନ୍ଧ୍ୟାରୁ ବିଦ୍ୟୁତ କାଟ ଯୋଗୁ ସାରା ଜିଲା ଅନ୍ଧାରରେ ରହିଛି। ମୋବାଇଲ ଓ ଟେଲିଫୋନ୍ ସେବା ମଧ ପ୍ରଭାବିତ ହୋଇଛି। ଦୋକାନ ବଜାର ବନ୍ଦ ରହିଛି। ବିଭିନ୍ନ ବ୍ଲକରେ ତଳୁଆ ଅଞ୍ଚଳ ଲୋକଙ୍କୁ ନିକଟସ୍ଥ ସ୍କୁଲ ଓ ଆଶ୍ରୟସ୍ଥଳୀରେ ରଖାଯାଇଛି। ସେମାନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ଜିଲାରେ ୧୩ ଏନ୍‌ଡିଆର୍‌ଏଫ୍ ଟିମ୍ ଓ ୨୦ ଓଡ୍ରାଫ ଟିମ୍ ମୁତୟନ କରାଯାଇଥିବା ବେଳେ ଗୁରୁବାର ଆଉ ୨ଟି ଏନ୍‌ଡିଆର୍‌ଏଫ୍ ଟିମ୍ ଆସି ପହଞ୍ଚିଛି। ଗୁମ୍ମା, ଗୋଷାଣି, କାଶୀନଗର, ମୋହନା, ରାୟଗଡ଼, ନୂଆଗଡ଼ ଏବଂ ଆର୍. ଉଦୟଗିରି ବ୍ଲକରେ ମଧ ଘରଦ୍ୱାର ଭାଙ୍ଗି, ଗଛ ଓ ବିଦ୍ୟୁତ ଖୁଣ୍ଟ ଉପୁଡ଼ି ବହୁ କ୍ଷୟକ୍ଷତି ହୋଇଛି। ମୋହନା ବ୍ଲକ ବିଶେଷ ପ୍ରଭାବିତ ହୋଇଛି। ଅଠରନଳା ପୋଲ ଉପରେ ୫ଫୁଟ ଓ ରାମନଦୀ ପୋଲ ଉପରେ ୧୨ଫୁଟ ଉଚ୍ଚର ପାଣି ଚାଲୁଥିବାରୁ ୮ଟି ପଞ୍ଚାୟତ


ପାରଳାଖେମୁଣ୍ଡି ଫରେଷ୍ଟ ଅଫିସ ନିକଟରେ ଗଛ ଉପୁଡି ପଡିଛି।

ସମେତ ମୋହନା- ଅନ୍ତରବା ଓ ପାରଳାଖେମୁଣ୍ଡି ମଧ୍ୟରେ ଯୋଗାଯୋଗ ବାଧାପ୍ରାପ୍ତ ହୋଇଛି। ସେହିପରି ବ୍ରହ୍ମପୁର- ରାୟଗଡ଼ା ରାସ୍ତାରେ ୩ଫୁଟର ପାଣି ଚାଲିବା ସହ ଗଛ ପଡ଼ିଥିବାରୁ ଯାନବାହନ ଚଳାଚଳ ବନ୍ଦ ରହିଛି। ଗୁମ୍ମା-ପାରଳାଖେମୁଣ୍ଡି ରାସ୍ତା କଡ଼ରେ ଥିବା ୧୫ରୁ ଊର୍ଦ୍ଧ୍ୱ ପୁରୁଣା ବିରାଟ ଗଛ ଉପୁଡ଼ିପଡ଼ିଛି। ତରଭା ପଞ୍ଚାୟତର ଆଶ୍ରୟଗଡ଼ ଗ୍ରାମରେ ବର୍ଷାଜଳ ପ୍ରବେଶ କରିବାରୁ ଗ୍ରାମବାସୀ ପଲିଥିନ୍ ପାଇଁ ପ୍ରଶାସନର ସହାୟତା ଲୋଡ଼ିଥିଲେ। ମାତ୍ର କୌଣସି ସହାୟତା ନ ମିଳିବାରୁ ସେମାନେ ଉତ୍ତେଜିତ ହୋଇ ଗୁରୁବାର ବ୍ଲକ କାର୍ଯ୍ୟାଳୟକୁ ଆସି ପାଟିତୁଣ୍ଡ କରିବା ସହ କିଛି ଆସବାବ ପତ୍ର ଫିଙ୍ଗାଫିଙ୍ଗି କରିଥିଲେ। କ୍ଷେତ୍ର ଅନୁଧ୍ୟାନ ପାଇଁ ବିଡିଓ ଯାଇଥିବା ବେଳେ କର୍ମଚାରୀମାନେ ସେମାନଙ୍କୁ ବୁଝାଶୁଝା କରିଥିଲେ। ଗୋଷାଣି ବ୍ଲକର ଯାଜପୁର ଗ୍ରାମରେ ବର୍ଷାଜଳ ପ୍ରବେଶ କରିଛି। କାଶୀନଗରର ହରିଜନ ସାହି, ଟାଟା କଲୋନୀ, ଲକ୍ଷ୍ମୀପୁର ଆଦି ସ୍ଥାନରେ ଘରଦ୍ୱାର ଭାଙ୍ଗିବା ସହ ଛପର ଉଡ଼ିଯାଇଛି। ନିକଟସ୍ଥ ବଂଶଧାରା ନଦୀରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ଅପରାହ୍ନ ୫ଟା ସୁଦ୍ଧା ଜଳପତ୍ତନ ସତର୍କ ସଙ୍କେତ ତଳେ ଅର୍ଥାତ ୫୩.୨୭ମିଟରରେ ପ୍ରବାହିତ ହେଉଛି। ରାତିରେ ଜଳସ୍ତର ବଢ଼ି ସତର୍କ ସଙ୍କେତ ଟପିପାରେ ବୋଲି କେନ୍ଦ୍ରୀୟ ଜଳ ଆୟୋଗଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି।


ଗଞ୍ଜାମ ଜିଲା ଚିକିଟି ନିକଟସ୍ଥ ବାହୁଦା ନଦୀ ଉପରେ ନିର୍ମାଣାଧୀନ ପୋଲ ତଳେ ପାଣି ଚାଲୁଛି।

No. 39-M

## ବିଶ୍ୱ ଅଣ୍ଡା ଦିବସ – ୨୦୧୮

୧. ପ୍ରତିବର୍ଷ ଭଳି ଚଳିତ ବର୍ଷ ଆମ ରାଜ୍ୟ ତଥା ବିଶ୍ୱରେ 'ବିଶ୍ୱ ଅଣ୍ଡା ଦିବସ' ଅକ୍ଟୋବର ମାସ ଦ୍ୱିତୀୟ ଶୁକ୍ରବାର ତା୧୨।୧୦।୨୦୧୮ରିଖ ଦିନ ପାଳନ କରାଯାଉଛି।

୨. ବିଶ୍ୱ ଅଣ୍ଡାଦିବସର ମୁଖ୍ୟ ଉଦ୍ଦେଶ୍ୟ ହେଲା– ଆମ ରାଜ୍ୟରେ ଅଣ୍ଡା ଉତ୍ପାଦନ ବୃଦ୍ଧି ସହିତ ଅଣ୍ଡାର ଗୁଣବତ୍ତା ବା ପୌଷ୍ଟିକତା ଉପରେ ଜନସଚେତନତା ସୃଷ୍ଟି କରିବା।

୩. ଅଣ୍ଡାରେ ଆମ ଶରୀର ଗଠନ ପାଇଁ ଆବଶ୍ୟକ ହେଉଥିବା ଖାଦ୍ୟସାର ଯଥା– ପୁଷ୍ଟିସାର, ସ୍ନେହସାର, ଧାତବ ଲବଣ ଓ ଭିଟାମିନ୍ ଆଦି ଭରପୂର ହୋଇ ରହିଥାଏ।

୪. ଅଣ୍ଡାକୁ ଏକ ସମ୍ପୂର୍ଣ୍ଣ ଖାଦ୍ୟ ରୂପେ ବିବେଚନା କରାଯାଏ।

୫. ସମଗ୍ର ମାନବ ସମାଜ ବିଶେଷକରି ମହିଳା ଓ ଶିଶୁମାନଙ୍କର ପୁଷ୍ଟିହୀନତା ଦୂର କରିବାରେ ଅଣ୍ଡା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।

୬. ରାଜ୍ୟରେ କୁକ୍କୁଟ ବିକାଶ ସହିତ ଅଣ୍ଡା ଉତ୍ପାଦନରେ ସ୍ୱାବଲମ୍ବୀ କରିବା ପାଇଁ ସରକାର ଓଡ଼ିଶା କୁକ୍କୁଟ ନୀତି– ୨୦୧୫ ପ୍ରଣୟନ କରିଛନ୍ତି।

୭. ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଆପିକଲ ମାଧ୍ୟମରେ ଅଣ୍ଡାଦିଆ କୁକୁଡ଼ା ପାଳନ ନିମନ୍ତେ ଯୁବ ଉଦ୍ୟୋଗୀମାନଙ୍କୁ ସରକାର ବ୍ୟାପକ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି।

୮. ରାଜ୍ୟରେ କୁକୁଡ଼ା ମାଂସ ଓ ଅଣ୍ଡା ଉତ୍ପାଦନ ବୃଦ୍ଧି ନିମନ୍ତେ କୁକୁଡ଼ା ଚାଷକୁ କୃଷିର ମାନ୍ୟତା ପ୍ରଦାନ କରାଯାଇଛି।

୯. ଉତ୍ସାହୀ ଯୁବ ଉଦ୍ୟୋଗୀମାନଙ୍କୁ କୁକୁଡ଼ା ଚାଷ ନିମନ୍ତେ ସରକାରଙ୍କ ତରଫରୁ ଲିଜ୍ ଜମି ଯୋଗାଇଦେବା ପାଇଁ ବ୍ୟବସ୍ଥା ହୋଇଛି।

୧୦. କୁକୁଡ଼ା ଫାର୍ମ ପ୍ରତିଷ୍ଠା ପାଇଁ ଜମି ପଞ୍ଜୀକରଣ ଓ କିସମ ପରିବର୍ତ୍ତନ ନିମନ୍ତେ ଷ୍ଟାମ୍ପ ଡ୍ୟୁଟି ସମ୍ପୂର୍ଣ୍ଣ ଛାଡ଼ କରାଯାଇଛି।

**ଏହି ବିଶ୍ୱ ଅଣ୍ଡା ଦିବସରେ ସମସ୍ତଙ୍କ ସହଯୋଗ କାମନା କରୁଅଛୁ।**

ନିର୍ଦ୍ଦେଶକ
ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟ
ଓଡ଼ିଶା, କଟକ

06014/11/0016/1819